ବର୍ଷ-୨୫, ସଂଖ୍ୟା-୧୮୩
ଭୁବନେଶ୍ୱର
୦୯, ଜୁଲାଇ, ୨୦୨୫ ବୁଧବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 183
Bhubaneswar
09, July, 2025 Wednesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



# ଜନ୍ମବେଦୀରୁ ରତ୍ନବେଦୀକୁ ଫେରିଲେ ଶ୍ରୀଜୀଉ



ପୁରୀ,୮।୭: ୧୨ ଦିନର ଲୀଳାଖେଳା ସାରି ମଙ୍ଗଳବାର ଜନ୍ମବେଦୀରୁ ରତ୍ନବେଦୀକୁ ବାହୁଡ଼ିଲେ ମହାପ୍ରଭୁ। କୋଟି କୋଟି ଭକ୍ତଙ୍କ ମଉଡ଼ ମଣି କାଳିଆ ଠାକୁର ବଡ଼ ଭାଇ ବଳଭଦ୍ରଙ୍କ ସହ ଭଉଣୀ ସୁଭଦ୍ରାଙ୍କୁ ନେଇ ଶ୍ରୀମନ୍ଦିରକୁ ବାହୁଡ଼ିଛନ୍ତି। ଭକ୍ତଙ୍କ ଦୁଃଖର ବିନାଶ କରି, ଭକ୍ତଙ୍କୁ ସୁନାବେଶରେ ଦର୍ଶନ ଦେଇ ଫେରିଛନ୍ତି। ପଣ୍ଡା ପଡ଼ାହାରୀ ଗୋଟି ପହଣ୍ଡିରେ ତିନି ଠାକୁରଙ୍କୁ ମନ୍ଦିର ଭିତରକୁ ନେଇଛନ୍ତି। ଏଥିସହ ରଥଯାତ୍ରାର ଅନ୍ତିମ ପର୍ବ ସମାପନ ହୋଇଛି।

ରତ୍ନବେଦୀରୁ ବାହୁଡି ଜନ୍ମବେଦୀରେ ଲୀଳାଖେଳା ସରିବା ପରେ ଆଜି ପୁର୍ନବାର ନୀଳକନ୍ଦରକୁ ବିଜେ କରିଛନ୍ତି ନୀଳାଦ୍ରୀନାଥ। ରତ୍ନସିଂହାସନରେ ବିରାଜିତ ହୋଇଛନ୍ତି କାଳିଆ ସାଆନ୍ତେ ନିର୍ଦ୍ଧାରିତ ନୀତିଠୁ ବିଳମ୍ବରେ ରାତି ପ୍ରାୟ ୮ଟା ୧୫ରେ ଗୋଟି ପହଣ୍ଡି ଆରମ୍ଭ ହୋଇଥିଲା। ପ୍ରଥମେ ମଦନମୋହନ, ରାମକୃଷ୍ଣ ଓ ପରେ ଚକ୍ରରାଜ ସୁଦର୍ଶନ, ପ୍ରଭୁ ବଳଭଦ୍ର, ଦେବୀ ସୁଭଦ୍ରା ଓ ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥ ରଥରୁ ଓହ୍ଲାଇ ସେବକଙ୍କ ଗହଣରେ ଶ୍ରୀମନ୍ଦିରକୁ ବାହୁଡ଼ିଥିଲେ ମହାପ୍ରଭୁ ଟାହିଆ। ପରିଧାନ କରି ନନ୍ଦିଘୋଷ ରଥ ଉପରେ ଥିବାବେଳେ ମା ମହଲକ୍ଷ୍ମୀଙ୍କୁ ଚହାଣୀ ମଣ୍ଡପକୁ ଆସିଥିଲେ। ସିଂହଦ୍ୱାର ବନ୍ଦ ରହିଥିଲା ଲକ୍ଷ୍ମୀ ନାରାୟଣ ଭେଟ ପରେ ପ୍ରଭୁ ଶ୍ରୀମନ୍ଦିର ଭିତରକୁ ଯାଇଥିଲେ ସେବାୟତଙ୍କ ସମନ୍ୱୟ, ପୁରୀ ସହରବାସୀଙ୍କ ସହଯୋଗ ଓ ସରକାରୀ ଅଧିକାରୀଙ୍କ ନିଷ୍ଠାପର ଉଦ୍ୟମ ଯୋଗୁଁ ସୁରୁଖୁରୁରେ ସରିଛି ଘୋଷଯାତ୍ରା ୨୦୨୫ ।

ମହାପ୍ରଭୁ ଶ୍ରୀଜଗନ୍ନାଥ ରଥ ଉପରୁ ଓହ୍ଲାଇବା ପୂର୍ବରୁ ଅଭିମାନିନୀ ମହାଲକ୍ଷ୍ମୀ ପ୍ରଥମେ ଶ୍ରୀମନ୍ଦିର ଚହାଣୀ ମଣ୍ଡପରୁ ତାଙ୍କ ସ୍ୱାମୀ ମହାପ୍ରଭୁ ଆସୁଥିବା ଦେଖି ସେଠାରୁ ଫେରିଆସି ସିଂହଦ୍ୱାର ବନ୍ଦ କରିଥିଲେ। ମହାପ୍ରଭୁ ତାଙ୍କୁ ଛାଡି ଭାଇ ଓ ଭଉଣୀକୁ ଧରି ନବଦିନାତ୍ମକ ଯାତ୍ରାରେ ଯାଇଥିବାରୁ ମହାଲକ୍ଷ୍ମୀ କ୍ରୋଧ ଜର୍ଜରିତ ହୋଇ ଶ୍ରୀମନ୍ଦିରରେ ଏକୁଟିଆ ରହିଥିଲେ। ତେଣୁ ସିଂହଦ୍ୱାର ଠାରେ ମହାଲକ୍ଷ୍ମୀଙ୍କ ସହ ମହାପ୍ରଭୁଙ୍କ ବଚନିକା ହେବା ପରେ ଦ୍ୱାର ଫିଟାଇ ଦେଇ ମହାପ୍ରଭୁ ରତ୍ନ ସିଂହାସନକୁ ଯିବା ପୂର୍ବରୁ ପୁଣି ମହାଲକ୍ଷ୍ମୀ ଜୟବିଜୟ ଦ୍ୱାରକୁ ବନ୍ଦ କରିଥିଲେ। ସେଠାରେ ପୁନର୍ବାର ବଚନିକା ହୋଇଥିଲା। ମହାପ୍ରଭୁଙ୍କ ପକ୍ଷରୁ ଭିତରଛ ମହାପାତ୍ର ଓ ମହାଲକ୍ଷ୍ମୀଙ୍କ ପକ୍ଷରୁ ପତିମହାପାତ୍ର ସେବାୟତ ଏହି ବଚନିକାରେ ଅଂଶଗ୍ରହଣ କରିଥିଲେ।

ସେଠାରେ ମହାପ୍ରଭୁ ନିଜ ଧର୍ମପତ୍ନୀଙ୍କୁ ବହୁ ବୁଝାସୁଝା କରିବା ପରେ ତାଙ୍କୁ ଗୁପ୍ତ ଗୁଣ୍ଡିଚରେ ନେବେ ବୋଲି ପ୍ରତିଶୃତି ଦେବା ସହ ଶେଷରେ ମହାପ୍ରଭୁ ରସଗୋଲା ଖୁଆଇ ପତ୍ନୀ ମହାଲକ୍ଷ୍ମୀଙ୍କ ମାନଭଂଜନ କରିବା ପରେ ମହାଲକ୍ଷ୍ମୀ ଶାନ୍ତ ହୋଇ ଦ୍ୱାର ଫିଟାଇଥିଲେ।ପହଣ୍ଡି ଶେଷ ପରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ରୁନ୍ଧା ହେବା ସହ ଦଇତିପତି ସର୍ବାଙ୍ଗ, ଶ୍ରୀମୁଖ ଖଣ୍ଡୁଆ, ବଡସିଂହାର ବେଶ, ବଡସିଂହାର ଭୋଗ କରାଯାଇ ପହୁଡ କରାଯିବ। ଆସନ୍ତାକାଲି ପ୍ରଥମ ନିଳାଚଳ ଅବଢ଼ା ବାହାରିବ ଏଥିପାଇଁ ସୁଆର ମହାସୁଆର ନିଯୋଗ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ମହାପ୍ରଭୁଙ୍କ ପହଣ୍ଡି ପରେ ନନ୍ଦିଘୋଷ ରଥରୁ ଶ୍ରୀମନ୍ଦିର ସିଂହଦ୍ୱାର ପର୍ଯ୍ୟନ୍ତ ମହାପ୍ରଭୁଙ୍କ ପାଦଚିହ୍ନ ପଡିବା ମହାପ୍ରଭୁଙ୍କ ଅଲୌକିକତାର ପୁନଃ ଛାପ ଛାଡିଛି ଆସନ୍ତାକାଲି ଭକ୍ତମାନେ ନୀଳାଚଳ ଅଭଡ଼ା ପାଇପାରିବେ ।

ଗତକାଲି ଶ୍ରୀକ୍ଷେତ୍ରରେ ରଥ ଉପରେ ୩ ଦିଅଁଙ୍କ ଅଧରପଣା ନୀତି ସମ୍ପନ୍ନ ହୋଇଥିଲା ରାଘବଦାସ ମଠ, ଓଡ଼ିଆ ମଠ ଓ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଗୋଟିଏ ଲେଖାଏଁ କରି ୩ ରଥ ଉପରେ ଅଧରପଣା ବ୍ୟବସ୍ଥା କରାଯାଇଥିଲା ଠାକୁରଙ୍କ ଅଧରକୁ ପାଇବା ଭଳି ଉଚ୍ଚ ଥିବା ତୁମ୍ବ ବା ମାଟି ହାଣ୍ଡିରେ ପଣା ଢଳାଯାଇ ଭୋଗ କରାଯାଇଥିଲା। ସାଚି, ଛେନା, କଦଳୀ, କ୍ଷୀର, ସର, ଗୋଲମରିଚ , କର୍ପୁର, ଜାଇଫଳ, କଦଳୀ ଇତ୍ୟାଦି ଦ୍ରବ୍ୟରେ ପଣା ପ୍ରସ୍ତୁତ ହୋଇଥିଲା ସିଂହଦ୍ୱାର ସମ୍ମୁଖ ଛାଉଣୀମଠର କୂଅରୁ ପାଣିଆ। ଆପଟ ସେବକମାନେ ପଣା ପାଇଁ ପାଣି ଯୋଗାଇ ଥିଲେ ପରେ ପତ୍ରିବଡୁ, ସୁଆର ବଡ୍ଡୁ, ଗରାବଡୁ ସେବକ ୩ ରଥରେ ପଣା ପ୍ରସ୍ତୁତ କରିଥିଲେ।

## ଟ୍ରମ୍ପଙ୍କ ଟାରିଫ୍ ବୋମା

ନୂଆଦିଲ୍ଲୀ,୮।୭(ମହାଭାରତ): ଆମେରିକାର ଦୁଇ ମିତ୍ରରାଷ୍ଟ୍ର ଜାପାନ ଓ ଦକ୍ଷିଣ କୋରିଆକୁ ବି ଛାଡ଼ିଲେନି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ । ବିଶ୍ୱର ୧୪ଟି ଦେଶକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଟାରିଫ୍ ଚିଠି ପଠାଇଛନ୍ତି। ୧୪ଟି ଦେଶ ଉପରେ ନୂଆ। ଟାରିଫ ଲାଗୁ କରିବାକୁ ଯାଉଥିବା ନେଇ ଚିଠିରେ ଅବଗତ କରାଇଛନ୍ତି। ଫଳରେ ଏହି ଦେଶଗୁଡିକ ଆମେରିକାକୁ ରପ୍ତାନୀ କରୁଥିବା ଜିନିଷ ଉପରେ ଅଧିକ ଶୁଳ୍କ ଦେବେ। ଏହି ୧୪ଟି ଦେଶକୁ ଚିଠି ଲେଖି ଖୋଲାଖୋଲି ଧମକ ଦେଇଛନ୍ତି ଡୋନାଲ୍ଡ ଟ୍ରମ୍ପ। ଅଗଷ୍ଟ ୧ ତାରିଖରୁ ଏହା ଲାଗୁ ହେବ ବୋଲି କୁହାଯାଇଛି। ଜାପାନ ଓ ଦକ୍ଷିଣ କୋରିଆରୁ ଆମଦାନୀ ସାମଗ୍ରୀ ଉପରେ ଟ୍ରମ୍ପ ୨୫ ପ୍ରତିଶତ ଟାରିଫ୍ ଘୋଷଣା କରିଛନ୍ତି।ଟାରିଫକୁ ଦୀର୍ଘକାଳୀନ ବାଣିଜ୍ୟ ଅସନ୍ତୁଳନ ହ୍ରାସ କରିବା ପାଇଁ ଆମେରିକାର ଅର୍ଥନୀତି ଓ ଜାତୀୟ ସୁରକ୍ଷାକୁ ସୁଦୃଢ଼ କରିବାର ଏକ ପଦକ୍ଷେପ ବୋଲି କହିଛନ୍ତି ଟ୍ରମ୍ପ। ରାଷ୍ଟ୍ରପତି ଟ୍ରମ୍ପ ଗତକାଲି କହିଛନ୍ତି ଯେ ଦକ୍ଷିଣ କୋରିଆ ଓ ଜାପାନକୁ ଆସନ୍ତା ୧ ଅଗଷ୍ଟରୁ ତାଙ୍କର ରପ୍ତାନୀ ଉପରେ ୨୫ ପ୍ରତିଶତନୂଆ ଟାରିଫ୍ ଦେବାକୁ ପଡ଼ିବ। ସେ ଡଜନେ ଅନ୍ୟ ଦେଶ ବିରୁଦ୍ଧରେ ଅଧିକ ଟାରିଫ ଉପରେ ପ୍ରତିବନ୍ଧକକୁ ବି ଅଗଷ୍ଟ ୧ଯାଏ ବୃଦ୍ଧି କରିଛନ୍ତି । ଏହା କାଲିଠାରୁ ପ୍ରଭାବୀ ହେବା ଥିଲା।

### ଶ୍ରୀଗୁଣ୍ଡିଚା ମନ୍ଦିର ଦଳାଚକଟା ଘଟଣା

## ସାକ୍ଷ୍ୟ ଓ ତଥ୍ୟ ଗ୍ରହଣ କରିବେ ଉନ୍ନୟନ କମିଶନର

ଭୁବନେଶ୍ୱର,୮।୭(ମହାଭାରତ): ପୁରୀ ଶରଧାବାଲି ଦଳାଚକଟାରେ ୩ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଘଟଣାରେ ସାକ୍ଷ୍ୟ ଓ ତଥ୍ୟ ଗ୍ରହଣ କରିବେ ଉନ୍ନୟନ କମିଶନର୍ ଅନୁ ଗର୍ଗ। ଆସନ୍ତାକାଲି (ବୁଧବାର) ଭୁବନେଶ୍ୱର ରାଜ୍ୟ ଅତିଥିଭବନରେ ଏବଂ ପୁରୀ ସ୍ପେଶାଲ ସର୍କିଟ୍ ହାଉସ୍ ରେ ଅପରାହ୍ନ ୩ରୁ ସାକ୍ଷାତ କରି ଆଗ୍ରହୀ ବ୍ୟକ୍ତି ଘଟଣା ସମ୍ପର୍କରେ ସୂଚନା ଦେଇପାରିବେ। ସେହିପରି ସୂଚନା କିମ୍ବା ତଥ୍ୟ ଦେବାକୁ ମେଲ୍ ଆଇଡି ଓ ଟେଲିଫୋନ୍ ନଂ ଜାରି କରିଛନ୍ତି ସରକାର।

ଗତ ଜୁନ୍ ୨୯ ତାରିଖରେ ପୁରୀର ଗୁଣ୍ଡିଚା ମନ୍ଦିର ନିକଟରେ ଘଟିଥିବା ଦଳାଚକଟା ଯୋଗୁଁ ତିନି ଜଣ ଭକ୍ତଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣାର ତଦନ୍ତ ପାଇଁ ଉନ୍ନୟନ ଆୟୁକ୍ତ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କୁ ଦାୟିତ୍ୱ ଦିଆଯାଇଛି । ଏ ସଂପର୍କରେ ରାଜ୍ୟ ଯୋଜନା ଓ ସଂଯୋଜନ ବିଭାଗ ତରଫରୁ ଗତ ଜୁଲାଇ ୩ ତାରିଖରେ ଜାରି କରାଯାଇଥିବା ଏକ ସାର୍ବଜନୀନ ବିଜ୍ଞପ୍ତି ପରବର୍ତ୍ତୀ ତାରିଖମାନଙ୍କରେ ବିଭିନ୍ନ ସଂବାଦ ପତ୍ରରେ ପ୍ରକାଶ କରାଯାଇଛି । କେଉଁ ପରିସ୍ଥିତିରେ ଏହି ଘଟଣା ଘଟିଲା, ସେ ସମ୍ପର୍କରେ କୌଣସି ବ୍ୟକ୍ତି କିମ୍ବା ସଂସ୍ଥା, ଘଟଣାକୁ ନେଇ କୌଣସି ସୂଚନା କିମ୍ବା ତଥ୍ୟ( ଭିଡିଓ ଫୁଟେଜ୍ ସହିତ) ଥିଲେ, ତାହାକୁ ଆସନ୍ତା ୨୦ ତାରିଖ ସୁଦ୍ଧା ପୁରୀଟ୍ରାଜେଡି. ଇନକ୍ୱାରୀ ଆଟ୍ ଦି ରେଟ୍ ଓଡ଼ିଶା.ଜିଓଭି.ଇନ୍ ଇ-ମେଲ ଯୋଗେ ପଠାଇବାକୁ ଅନୁରୋଧ କରାଯାଇଛି । ଉପରୋକ୍ତ ବ୍ୟବସ୍ଥା ବ୍ୟତୀତ, ଆଗ୍ରହୀ ବ୍ୟକ୍ତିମାନେ ଆସନ୍ତାକାଲି ଅପରାହ୍ଣ ୩ ଘଟିକା ସମୟ ପରଠାରୁ ଭୁବନେଶ୍ୱର ସ୍ଥିତ ରାଜ୍ୟ ଅତିଥି ଭବନ- ଆନେକ୍ସ ଏବଂ ଜୁଲାଇ ୧୦ ତାରିଖ ଅପରାହ୍ଣ ୩ ଘଟିକା ପରଠାରୁ ସ୍ୱତନ୍ତ୍ର ପ୍ରଦକ୍ଷିଣ ଭବନ (ସ୍ପେଶାଲ ସର୍କିଟ୍ ହାଉସ୍), ପୁରୀ ଠାରେ ଉନ୍ନୟନ ଆୟୁକ୍ତ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କୁ ସାକ୍ଷାତ କରି ମଧ୍ୟ ଏ ସଂପର୍କରେ ତଥ୍ୟ ରଖିପାରିବେ । ସେହିପରି ଏ ସଂପର୍କିତ ଅଧିକ ସୂଚନା ପାଇଁ ଟେଲିଫୋନ୍ ନମ୍ବର-୦୬୭୪-୨୫୩୬୮୮୨/୨୩୯୧୯୭୦ (ଯୋଜନା ଓ ସଂଯୋଜନ କାର୍ଯ୍ୟାଳୟ) ରେ ଯୋଗାଯୋଗ କରାଯାଇପାରିବ ବୋଲି ମଧ୍ୟ ସୂଚନା ଦିଆଯାଇଛି ।

## ଡ୍ରାଇଭରଙ୍କ ଆନ୍ଦୋଳନ ପାଇଁ ଲୋକେ ହନ୍ତସନ୍ତ

ଭୁବନେଶ୍ୱର/କଟକ୍,୮।୭(ମହାଭାରତ) : ଷ୍ଟିଅରିଂ ଛାଡ଼ ଆନ୍ଦୋଳନକୁ ଓହ୍ଲାଇଛି ଓଡ଼ିଶା ଡ୍ରାଇଭର ମହାସଙ୍ଘ। ଏହି ଆନ୍ଦୋଳନରେ ସାମିଲ ହୋଇଛନ୍ତି ରାଜ୍ୟର ପ୍ରାୟ ୫ ଲକ୍ଷ ଚାଳକ। ଷ୍ଟିଅରିଂ ଛାଡ ଆନ୍ଦୋଳନ ଯୋଗୁଁ ଭୁବନେଶ୍ୱର ଓ କଟକରୁ ଗାଡି ଚଳାଚଳ ପ୍ରଭାବିତ ହୋଇଛି। ଅଧିକାଂଶ ବସ୍,ଟ୍ରକ୍, ଟେମ୍ପୋ ଓ ଟ୍ୟାକ୍ସି ଗଡୁନାହିଁ। ମହାସଂଘ ୬ଦଫା ଦାବି ନେଇ ଆନ୍ଦୋଳନ କରୁଥିବାରୁ ରାଜ୍ୟରେ ସାଧାରଣ ଜନତାଙ୍କ ଉପରେ ଏହାର ପ୍ରଭାବ ପଡିଛି। ଜରୁରୀକାଳୀନ ସେବାକୁ ଛାଡିଦେଲେ ଅନ୍ୟ ଗାଡି ଚାଲୁନଥିବାରୁ ଲୋକମାନେ ଯାତାୟତରେ ଅସୁବିଧା ଭୋଗିଛନ୍ତି ।ସରକାର ଶୀଘ୍ର ସେମାନଙ୍କ ଦାବି ପୂରଣ କରିବାକୁ ଅଡି ବସିଛି ମହାସଂଘ।



କଟକରୁ ମାଲ୍ ପରିବହନ ବାଧାପ୍ରାପ୍ତ ହୋଇଛି। ଯାତ୍ରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କଟକର ବାଲିକୁଦା ନିକଟରେ ଜାତୀୟ ରାଜପଥ କଡ଼ରେ ଚାଳକ ମହାସଙ୍ଘ ଆନ୍ଦୋଳନରେ ବସିଛି ।ଗୋପାଳପୁର ନିକଟରେ ମହାସଙ୍ଘ କର୍ମକର୍ତ୍ତାମାନେ ପିକେଟିଂ କରୁଛନ୍ତି। ବ୍ରହ୍ମପୁରର ଭଗବାନ ସାହୁ ଭୁବନେଶ୍ୱରରେ ପରୀକ୍ଷା ଥିବାରୁ ଘରୁ ସହଳ ବାହାରିଥିଲେ । ହେଲେ ବସ୍ ଷ୍ଟାଣ୍ଡରେ ପହଞ୍ଚିବା ପରେ ଭୁବନେଶ୍ୱରକୁ ଗାଡି ଗଡୁନଥିବା ଜାଣିବାକୁ ପାଇଥିଲେ। ଏଭଳି ଅନେକ ଯାତ୍ରୀ ଗାଡ଼ିକୁ ଚାହିଁ ଚାହିଁ ବସଷ୍ଟାଣ୍ଡରେ ବସି ରହିଥିଲେ। ବୁଧବାର ଦେଶବ୍ୟାପୀ ସାଧାରଣ ଧର୍ମଘଟ ଡାକରା ଦେଇଛି ଶ୍ରମିକ ସଂଗଠନ। ବାମପନ୍ଥୀ ଦଳ ବି ଧର୍ମଘଟକୁ ସମର୍ଥନ ଜଣାଇଛି। ଫଳରେ ସାଧାରଣ ଜନତାଙ୍କ ଜୀବନଯାତ୍ରା ଅନେକାଂଶରେ ପ୍ରଭାବିତ ହେବାର ଆଶଙ୍କା ଉପୁଜିଛି। ମହାସଂଘର ଦାବିଗୁଡ଼ିକ ହେଲା, ଓଡ଼ିଶା ମୋଟର ଟ୍ରାନ୍ସପୋର୍ଟ ଡ୍ରାଇଭର ଆଣ୍ଡ ୱାର୍କର୍ସ ୱେଲ୍‌ଫେୟାର ବୋର୍ଡରେ ଅଟୋ ଡ୍ରାଇଭରଙ୍କୁ ସାମିଲ କରାଯାଉ ୬୦ ବର୍ଷ ପରେ ପେନସନ, ଦୁର୍ଘଟଣାରେ ମୃତକ ଡ୍ରାଇଭର ପରିବାରକୁ ୨୦ ଲକ୍ଷର ବୀମା ରାଶି ମିଳୁ ଦୁର୍ଘଟଣାରେ ଚିକିତ୍ସା ପାଇଁ ୫ ଲକ୍ଷ ଦିଆଯାଉ ପ୍ରତି ୧୦୦ କିମି ଦୂରତାରେ ଡ୍ରାଇଭରଙ୍କ ପାଇଁ ବିଶ୍ରାମାଗାର ଓ ଶୌଚାଳୟ ନିର୍ମାଣ କରାଯାଉ ।ଗାଡ଼ି ଚଳାଇବାର ସମୟସୀମା ଧାର୍ଯ୍ୟ ହେଉ।

## ମୁଣ୍ଡଳୀରେ ହୀରାକୁଦର ପ୍ରଥମ ବନ୍ୟାଜଳ

କଟକ,୮।୭(ମହାଭାରତ): ଗତ କିଛି ଦିନ ହେବ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଲଗାଣ ବର୍ଷା ଜାରି ରହିଛି ।ବର୍ଷା ଲାଗି ରହିବା ଯୋଗୁଁ ବିଭିନ୍ନ ନଦୀର ଜଳସ୍ତର ବୃଦ୍ଧି ପାଇବା ସହ ବନ୍ୟା ଆଶଙ୍କା ଦେଖାଦେଇଛି। ତେବେ ହୀରାକୁଦ ବନ୍ୟା ଜଳ ଛାଡିବା ପରେ ମହାନଦୀରେ ଜଳସ୍ତର ବୃଦ୍ଧି ପାଇଛି ।ଆଜି ମୁଣ୍ଡଳୀରେ ବର୍ଷର ପ୍ରଥମ ବନ୍ୟା ଜଳ ପହଞ୍ଚିଛି। ସକାଳ ୮ଟା ସୁଦ୍ଧା ୮୭ ହଜାର ୭୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଛି। ସେପଟେ ମହାନଦୀରେ ଜଳସ୍ତର ବଢିବା ଯୋଗୁଁ ବାଙ୍କୀରେ ବନ୍ୟା ଆଶଙ୍କା ଦେଖାଦେଇଛି। ବାଙ୍କୀ ଏବଂ ତିଗିରିଆ ଅଞ୍ଚଳର ଗ୍ରାମବାସୀମାନେ ଭୟଭୀତ ଅବସ୍ଥାରେ ରହିଛନ୍ତି।

ଆଜି ରାତି ସୁଦ୍ଧା ୫ଲକ୍ଷ କ୍ୟୁସେକ ପାଣି ମୁଣ୍ଡଳୀ ଅତିକ୍ରମ କରିବ ବୋଲି ଆକଳନ କରାଯାଇଛି। ମା' ଭଟ୍ଟାରିକା ପୀଠାରେ ବନ୍ୟାଜଳ ପ୍ରବେଶ କରିଛି। ହୀରାକୁଦର ୨୦ ଗେଟ ଖୋଲାଯାଇଛି ।ବର୍ଷା ଆସିଲେ, ପରବର୍ତ୍ତୀ ପଦକ୍ଷେପ ନିଆଯିବ । ସୁବର୍ଣ୍ଣରେଖା ରାଜଘାଟ ଠାରେ ଆସନ୍ତାକାଲି ସନ୍ଧ୍ୟା ସୁଦ୍ଧା ସତର୍କ ସଂକେତକୁ ଯିବ । ହେଲେ ତା ପରେ ଆଉ ବଢିବ ନାହିଁ । କାରଣ ସେପଟ ଉପରମୁଣ୍ଡରେ ୧୦୦ ଏମଏମ ବର୍ଷା ହୋଇଛି । ଝାଡ଼ଖଣ୍ଡର ଚାନ୍ଦିଲି ଡ୍ୟାମରୁ ବିଶେଷ ଜଳ ନିଷ୍କାସନ ହେଉନି । ବ୍ରାହ୍ମଣୀର ଦୁଇଟି ଗେଟରୁ ଜଳ ନିଷ୍କାସନ ହେଉଛି ।

## ଧରାପଡ଼ିଲେ ୪୪୮ ବାଂଲାଦେଶୀ

**ଭୁବନେଶ୍ୱର, ୮।୭ (ମହାଭାରତ) :** ଆଜି ଝାରସୁଗୁଡ଼ାରୁ ୪୪୪ ଜଣ ଓ ପାରାଦୀପରୁ ୪ ଜଣ ବାଂଲାଦେଶୀ ଓ ରୋହିଙ୍ଗ୍ୟାଙ୍କୁ ଅଟଖ ରଖିଛି ଓଡ଼ିଶା ପୋଲିସ ।ଝାରସୁଗୁଡା ଜିଲ୍ଲାର ବିଭିନ୍ନ ଥାନା ଅଞ୍ଚଳରୁ ଅବୈଧ ଭାବେ ରହୁଥିବା ୪୪୪ ଜଣରୁ ଅଧିକ ବାଂଲାଦେଶୀ ଓ ରୋହିଙ୍ଗ୍ୟାଙ୍କୁ ଚିହ୍ନଟ କରାଯାଇଛି। ସମସ୍ତଙ୍କୁ ଅଟକ ରଖାଯାଇଛି। ଝାରସୁଗୁଡ଼ା ପୋଲିସ ସବ ଡିଭିଜନ ଅଂଚଳରର ୧୮୩ ଏବଂ ବ୍ରଜରାଜନଗର ସବ ଡିଭିଜନ ଅଂଚଳରୁ ୨୬୧ ଜଣଙ୍କୁ ଅଟକ ରଖାଯାଇଛି। ଝାରସୁଗୁଡ଼ାର ବ୍ଲକ ଡାଇମଣ୍ଡ ଠାରେ ୧୮୩ ଜଣ ବ୍ୟକ୍ତି ଥିବା ବେଳେ ବ୍ରଜରାଜନଗର ସୁରଭି କ୍ଲବ ଠାରେ ୨୬୧ ଜଣଙ୍କୁ ଅଟକ ରଖାଯାଇଛି। ଏକ ଟାସ୍କଫୋର୍ସ ଗଠନ କରାଯାଇ ଏହି ସନ୍ଦିଗ୍ଧ ମାନଙ୍କୁ ଠାବ କରାଯାଇଛି। ସମସ୍ତଙ୍କୁ ସୋମବାର ରାତିରୁ ଚିହ୍ନଟ ହୋଇଥିବା ଏହି ପ୍ରବାସୀମାନଙ୍କୁ ଯାଞ୍ଚ ପାଇଁ ହୋଲ୍ଡିଂ ସେଣ୍ଟରକୁ ସ୍ଥାନାନ୍ତର କରାଯାଇଛି। ହୋଲ୍ଡିଂ ସେଣ୍ଟରକୁ ସ୍ଥାନାନ୍ତରିତ ହୋଇଥିବା ଏହି ୪୪୪ ଜଣଙ୍କ କାଗଜପତ୍ର ଯାଞ୍ଚ ଚାଲିଛି ଏବଂ ସେହି ଅନୁଯାୟୀ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯିବ। ଏନେଇ ଉତ୍ତର ରେଞ୍ଜର ପୋଲିସ ମହାନିରୀକ୍ଷକ ହିମାଂସୁ କୁମାର ଲାଲ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

## ଆସନ୍ତା ବର୍ଷ ସୁନାବେଶରେ ଲାଗିବ ନୂଆ ଅଳଙ୍କାର

**ଭୁବନେଶ୍ୱର, ୮।୭ (ମହାଭାରତ) :** ମହାପ୍ରଭୁଙ୍କ ଇଚ୍ଛା ହେଲେ ଆସନ୍ତା ବର୍ଷ ପ୍ରଭୁଙ୍କର ନୂଆ ସୁନାବେଶ ଲାଗି କରାଯିବ ଏବଂ ଏଥିପାଇଁ ସରକାରଙ୍କ ପକ୍ଷରୁ ସବୁ ପ୍ରକାରର ଉଦ୍ୟମ କରାଯିବ ବୋଲି ଆଇନମନ୍ତ୍ରୀ ପୃଥ୍ୱିରାଜ ହରିଚନ୍ଦନ କହିଛନ୍ତି। ସେ କହିଛନ୍ତି ଯେ, ପୁରୁଣା ସୁନା ଅଳଙ୍କାର ଆଉ ବ୍ୟବହାର ନ କରି ନୂଆ ସୁନା ଅଳଙ୍କାରରେ ମହାପ୍ରଭୁ ଭୁଷିତ ହେବେ। ଏଥିପାଇଁ ଭକ୍ତଙ୍କ ଠାରୁ ସୁନା ଦାନ ପାଇଁ ଅନୁରୋଧ କରାଯିବ। ରତ୍ନଭଣ୍ଡାରର କୌଣସି ଅଳଙ୍କାର ଏଥିରେ ବ୍ୟବହାର ହେବନି। ମନ୍ତ୍ରୀ କହିଛନ୍ତି, କିଛି ଅଳଙ୍କାର ପତଳା ଓ କିଛି ଦବି ଗଲାଣି ବୋଲି ସେବାୟତ ଜଣାଇଛନ୍ତି। ତେବେ ନୂଆ। ଅଳଙ୍କାର ଲାଗିବା ନେଇ ଛତିଶା ନିଯୋଗ ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଅନୁରୋଧ ହୋଇଥିଲା। ମହାପ୍ରଭୁଙ୍କ ଇଚ୍ଛା ଥିଲେ ସବୁ ହୋଇ ପାରିବ ବୋଲି କହିଛନ୍ତି ପୃଥ୍ୱୀରାଜ ହରିଚନ୍ଦନ। ଆସନ୍ତା ଅଗଷ୍ଟରେ ରତ୍ନ ଗଣତି ମଣତି ନେଇ ଆଇନ ମନ୍ତ୍ରୀ ସୂଚନା ଦେଇଛନ୍ତି। ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ (ଏଏସଆଇ) ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିରର ରତ୍ନ ଭଣ୍ଡାରର ଢାଞ୍ଚାଗତ ସଂରକ୍ଷଣ ସମ୍ପୂର୍ଣ୍ଣ କରି ମନ୍ଦିର ପ୍ରଶାସନକୁ ହସ୍ତାନ୍ତର କରିଛି। ସଂରକ୍ଷଣ କାର୍ଯ୍ୟ ଦ୍ୱାରା ରତ୍ନ ଭଣ୍ଡାର ଆଗାମୀ ୧୦୦ବର୍ଷ ପାଇଁ ସୁରକ୍ଷିତ ରହିବ ବୋଲି ସୁନିଶ୍ଚିତ କରାଯିବ। ଗଣତିମଣତି ସମ୍ବନ୍ଧୀୟ କାର୍ଯ୍ୟ ଅଗଷ୍ଟରେ ଆରମ୍ଭ ହେବାର ସମ୍ଭାବନା ଅଛି। ଏ ସମ୍ପର୍କରେ ଏକ ଉଚ୍ଚସ୍ତରୀୟ ବୈଠକରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ।

# ରାଜ୍ୟ ସଭାପତି ଚୟନ ସହ ଦମ୍ଭ ଦେଖାଇଲା ବିଜେପି

**ଭୁବନେଶ୍ୱର,୮।୭(ମହାଭାରତ):** ଆଜି ରାଜ୍ୟ ବିଜେପି କାର୍ଯ୍ୟାଳୟରେ ବିଧିବଦ୍ଧ ଭାବେ ରାଜ୍ୟ ସଭାପତି ଭାବେ ମନମୋହନ ସାମଲଙ୍କ ନାମ ଘୋଷଣା ହୋଇଛି। ସର୍ବସହମତିରେ ନିର୍ଦ୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଗତକାଲି ସେ ଜଣେ ମାତ୍ର ପ୍ରାର୍ଥୀ ଭାବେ ନାମାଙ୍କନପତ୍ର ଭରିଥିଲେ। ଏହା ସହିତ ଚତୁର୍ଥ ଥର ପାଇଁ ସେ ବିଜେପି ରାଜ୍ୟ ସଭାପତି ହୋଇଛନ୍ତି। ନାଁ ଘୋଷଣା ହେବା ପରେ ଶ୍ରୀ ସାମଲଙ୍କୁ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ତଥା ବିହାର ସାଂସଦ ସଞ୍ଜୟ ଜୟସ୍ୱାଲ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ନବନିର୍ବାଚିତ ବିଜେପି ରାଜ୍ୟ ସଭାପତି ମନମୋହନ କହିଛନ୍ତି ଯେ, ବିଜେପି ସରକାର ୨୦୩୬ ମସିହା ବି ଦେଖିବ, ୨୦୪୭ ମସିହା ବି ଦେଖିବ। ଲମ୍ବା ଇନିଂସ ଖେଳିବ ବିଜେପି ସରକାର। ବିଜେପିରେ ଜଣେ ଚା ବିକାଳୀ ପ୍ରଧାନମନ୍ତ୍ରୀ ହୋଇପାରେ, ଜଣେ ଶିଶୁ ମନ୍ଦିର ଶିକ୍ଷକ ମୁଖ୍ୟମନ୍ତ୍ରୀ ହୋଇପାରେ।



ମନମୋହନ କହିଛନ୍ତି ଯେ, ସରକାର ଆସିବା ପୂର୍ବରୁ ଆମେ ଶୋଇବାନି କି କାହାକୁ ଶୋଇବାକୁ ଦେବା ନାହିଁ। ଏବେ ସରକାର ଆସିବା ପରେ ବି ଆମେ ଶୋଇବାନି ବୋଲି କହି କର୍ମକର୍ତ୍ତାଙ୍କୁ ଆହ୍ୱାନ ଦେଇଛନ୍ତି ମନମୋହନ । ଏବେ ଦାୟିତ୍ୱ ଛିଣ୍ଡି ନାହିଁ। ଦାୟିତ୍ୱ ବଢ଼ିଗଲା। ସବୁ ଗାଁ କୁ ଯିବା, ସମସ୍ତଙ୍କ ସହ ମିଶିବା, ଭଲ ବ୍ୟବହାର କରିବା। ସମସ୍ତେ ମିଳିମିଶି ଏକ ହୋଇ କାମ କରିବାକୁ ଆହ୍ୱାନ ଦେଲେ ମନମୋହନ । ସାଧାରଣ ଲୋକ ଏହି ସୁଯୋଗ ବିଜେପିକୁ ଦେଇଛନ୍ତି, ଏହାକୁ ହାତ ଛଡ଼ା କରିବା ନାହିଁ । ସେ କହିଛନ୍ତି ଯେ, ଏ ଦାୟିତ୍ୱ ମନମୋହନ ସାମଲଙ୍କ ଦାୟିତ୍ୱ ନୁହେଁ । ଏ ଦାୟିତ୍ୱ ସବୁ କାର୍ଯ୍ୟକର୍ତ୍ତାଙ୍କ ଦାୟିତ୍ୱ। ସରକାର ଗଢିଥିବା ସବୁ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଦେଲେ ମନମୋହନ । କାର୍ଯ୍ୟକର୍ତ୍ତା ପରିଶ୍ରମ କରିନଥିଲେ ବିଜେପି ସାଇନ୍ ବୋର୍ଡ ପାର୍ଟିରୁ ସରକାର ଯାଏଁ ପହଂଚି ପାରିନଥିଲା । ବିଜେପିରେ ଜଣେ ଚା ବିକାଳୀ ପ୍ରଧାନମନ୍ତ୍ରୀ ହୋଇପାରେ, ଜଣେ ଶିଶୁ ମନ୍ଦିର ଶିକ୍ଷକ ମୁଖ୍ୟମନ୍ତ୍ରୀ ହୋଇପାରେ । ପୂର୍ବରୁ ବିଜେପି ଗୋଟିଏ ଦଳ ଅସରପା ଗୋଟିଏ ଚଢ଼େଇ କରି ଉପହାସ କରାଯାଉଥିଲା । ନିଶ ଦାଢ଼ି ଉଠି ନଥିବା ଦୁଇ ଚାରି ଜଣ ପିଲା ବିଜେପିରେ ବୁଲୁଛନ୍ତି ବୋଲି କୁହାଯାଉଥିଲା । ୨୦୩୬ରେ ସମୃଦ୍ଧ ଓଡ଼ିଶା ହେବ, ୨୦୪୭ରେ ବିକଶିତ ଭାରତ ହେବ । ଓଡ଼ିଶା ସବୁଠୁ ଅଧିକ ଅବଦାନ କରିବ । ବିଜେପି ସରକାର ଆସିବା ଆଗରୁ ଯାହା କହିଥିଲା ଏବେ କରୁଛି । ବିଜେପି ସରକାର ହେବା ଯୋଗୁଁ ଧାନ ୩୧୦୦ ଟଙ୍କା, ସୁଭଦ୍ରା ଯୋଜନା, ୭୮ ହଜାର କିମି ରାସ୍ତା, ଆୟୁଷ୍ମାନ ଯୋଜନା ଭଳି ଅନେକ କାର୍ଯ୍ୟକ୍ରମ ହୋଇପାରିଛି । ସରକାର ଆସିବା ପରେ ଦାୟିତ୍ୱ ବଢିଛି । ସରକାର ଆସିବା ଯେତିକି କଷ୍ଟ ଥିଲା, ଏବେ ଲୋକଙ୍କ ଆଶା ପୂରଣ କରିବାର ଦାୟିତ୍ୱ ବଢିଛି । ସ୍ୱାଧୀନତାର ୭୮ ବର୍ଷ ଭିତରେ ଓଡ଼ିଶାରେ ବହୁତ ସମସ୍ୟା ଅଛି। ସବୁ ସମାଧାନ କରିବାକୁ ହେବ । ସରକାର ଆସିବା ପୂର୍ବରୁ ଆମେ ଶୋଇବାନି କି କାହାକୁ ଶୋଇବାକୁ ଦେବା ନାହିଁ ।

ନବ ନିର୍ବାଚିତ ରାଜ୍ୟ ବିଜେପି ସଭାପତିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ଏହି ଅବସରରେ ସେ କହିଛନ୍ତି ଯେ, ଯୋଡ଼ାକୁ ଘୋଡା ସରୀ ନୁହେଁ। ମନମୋହନ ସାମଲ ଚତୁର୍ଥ ସଭାପତି ହୋଇଛନ୍ତି। ମୋହନ ମାଝୀ ଚତୁର୍ଥ ଥର ବିଧାୟକ ହୋଇଛି ମୁଖ୍ୟମନ୍ତ୍ରୀ ହୋଇଛନ୍ତି। ଏହି ଯୋଡାକୁ ଘୋଡା ସରି ନୁହେଁ। କେନ୍ଦ୍ରର ୧୧ ରାଜ୍ୟର ୧ ମିଶି ୧୨ କିନ୍ତୁ ଏହା ଆଗକୁ ୧୧୧ ହେବ। ସଙ୍ଗଠନ ଓ ସରକାର ଗୋଟିଏ ମୁଦ୍ରାରେ ଦୁଇଟି ପାର୍ଶ୍ୱ। ଏହି ଦୁଇ ପାର୍ଶ୍ୱ ଆଜି ଗୋଟିଏ ହୋଇ କାମ କରିବାର ସଂକଳ୍ପ ନେଇଛନ୍ତି ।ନବ ନିର୍ବାଚିତ ରାଜ୍ୟ ବିଜେପି ସଭାପତିଙ୍କୁ ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ସେ କହିଛନ୍ତି ଯେ, ଆଜି ମହାପ୍ରଭୁ ଜଗନ୍ନାଥଙ୍କ ନୀଳାଦ୍ରି ବିଜେ । ଏଭଳି ପବିତ୍ର ଶୁଭ ଅବସରରେ ରାଜ୍ୟର ସଭାପତି ଭାବେ ମନମୋହନ ସାମଲ ଚତୁର୍ଥ ଥର ପାଇଁ ଦାୟିତ୍ୱ ନେଉଛନ୍ତି। ଯେତେବେଳେ ବିଜେପି ପାଇଁ ମନମୋହନ କାମ କରିଛନ୍ତି, ଦଳ ପାଇଁ ଶୁଭ ସଙ୍କେତ ଆସିଛି। ମେଣ୍ଟ ସରକାର ସମୟରେ ନେତୃତ୍ୱ ନେଉଥିଲେ ମନମୋହନ ସାମଲ। ୨୦୨୪ ରେ ମଧ୍ୟ ମନମୋହନ ସାମଲଙ୍କ ନେତୃତ୍ୱରେ ଓଡ଼ିଆ ଲୋକଙ୍କ ସମର୍ଥନ ହାସଲ କରି ସରକାରକୁ ଆସିଲା ବିଜେପି ।

ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା ସାଂସଦ ବୈଜୟନ୍ତ ପଣ୍ଡା କହିଛନ୍ତି, ମନମୋହନଙ୍କ ନେତୃତ୍ୱରେ ସରକାର ଏବଂ ସଂଗଠନ ଆଗକୁ ବଢିବ। ସରକାର ସହ ସଙ୍ଗଠନର ସମନ୍ୱୟ ବଢିବ। ସେ ନୂତନ ସଭାପତିଙ୍କୁ ସମ୍ବର୍ଦ୍ଧନା ଜଣାଇବା ସହ ଯେଉଁ ବେଗରେ ଡବଲ ଇଂଜିନ ସରକାର ବିକାଶ କାମ ଆରମ୍ଭ କରିଛି ତାହା ସାଧାରଣ କାର୍ଯ୍ୟକର୍ତ୍ତାଙ୍କ ଭିତରେ ଉତ୍ସାହ ଭରିଛି ବୋଲି କହିଛନ୍ତି।

ସାଂସଦ ସମ୍ବିତ ପାତ୍ର କହିଛନ୍ତି, ରାଜ୍ୟରେ ଏବେ ଟ୍ରିପଲ ଏମ୍ ସରକାର ଚାଲିଛି। ମୋଦି, ମୋହନ ଓ ମନମୋହନ ସରକାର। ଦଳ ପାଇଁ ବଡ ବଳିଦାନ ପାଇଁ ଦେଇଛନ୍ତି ମନମୋହନ ଭାଇ। ନିଜ ଚାନ୍ଦବାଲି ଆସନକୁ ବାଜିରେ ଲଗାଇ ହାରିଲେ। କେନ୍ଦ୍ରୀୟ ନେତୃତ୍ୱ ଯେତେବେଳେ କହିଲେ ତୁମେ ବି ତୁମ ଆସନ ଦେଖ, ସେତେବେଳେ ସେ କହିଥିଲେ, ମୋ ପାଇଁ ମୋ ଦଳ ବଡ। ରାଜ୍ୟରେ ସରକାର ଆସିବା ଦରକାର ଓଡ଼ିଶାବାସୀଙ୍କ ସେବା କରିବା। ତାଙ୍କ ତ୍ୟାଗ ପାଇଁ ରାଜ୍ୟରେ ଆଜି ବିଜେପି ସରକାର ଗଠନ କରିପାରିଛି।



# ଜୀବନଚର୍ଯ୍ୟା





## ପ୍ରସ୍ତୁତ କରନ୍ତୁ ଗୋଟା ରସୁଣ ଚିକେନ ଲଟପଟ



**ଆବଶ୍ୟକୀୟ ସାମଗ୍ରୀ:**ଚିକେନ, ପିଆଜ, ରସୁଣ ପାଖୁଡ଼ା, ଲୁଣ, ହଳଦୀ, ଲଙ୍କା ଗୁଣ୍ଡ, ରିଫାଇଲ ତେଲ, ଗରମ ମସଲା।

**ପ୍ରସ୍ତୁତ ପ୍ରଣାଳୀ:** ପ୍ରଥମେ ଚିକେନରେ ଲୁଣ, ହଳଦୀ ପକେଇ ଭଲ ଭାବରେ ଗୋଳାଇ ରଖନ୍ତୁ। କରେଇରେ ତେଲ ଗରମ କରି ପିଆଜ ପକାଇ ଭାଜି ରଖନ୍ତୁ। ପିଆଜ ଅଳ୍ପ ଭାଜି ହୋଇଗଲା ପରେ ଲୁଣ ହଳଦୀ ଗୋଳା ଚିକେନ୍ ପକାଇ କଷନ୍ତୁ। ଚିକେନ ଅଳ୍ପ କଷି ହୋଇଗଲେ ହଳଦୀ ଗୁଣ୍ଡ, ଲଙ୍କା ଗୁଣ୍ଡ, ସ୍ୱାଦ ଅନୁସାରେ ଲୁଣ, ଗରମ ମସଲା, ଗୋଟା ରସୁଣ ପକାଇ ଘାଣ୍ଟନ୍ତୁ। ଚିକେନରେ ମସଲା ଭଲ ଭାବେ ମିଶି ଯିବା ପରେ ଘୋଡ଼ଣୀ ଘୋଡ଼ାଇ ଦିଅନ୍ତୁ। ପ୍ରତି ୪ରୁ ୫ ମିନିଟ୍ ବ୍ୟବଧାନରେ ଚିକେନକୁ ଗୋଳାଇ ଦିଅନ୍ତୁ। ଏହାପରେ ପ୍ରସ୍ତୁତ ହୋଇଯିବ ଗୋଟା ରସୁଣ ଚିକେନ ଲଟପଟ।

### ଖବର

## ପ୍ରୋମୋରେ ସ୍ମୃତି ଇରାନୀଙ୍କ ପ୍ରଥମ ଲୁକ୍ ଦେଖି ଦର୍ଶକ ଉତ୍ସାହିତ



ଟେଭି ଇଣ୍ଡଷ୍ଟ୍ରିର ସବୁଠାରୁ ଲୋକପ୍ରିୟ ବୋହୂ ତୁଳସୀ ଭିରାନୀ ପୁଣି ଥରେ ପରଦାକୁ ଫେରିଛନ୍ତି। ୨୫ ବର୍ଷ ପରେ ସ୍ମୃତି ଇରାନୀ ତାଙ୍କର ସବୁଠାରୁ ଲୋକପ୍ରିୟ ଚରିତ୍ରକୁ ଫେରୁଛନ୍ତି। 'କିଉଁକି ଶାଶ୍ ଭି କଭି ବୋହୂ ଥି-୨' ର ନିକଟରେ ରିଲିଜ୍ ହୋଇଥିବା ପ୍ରୋମୋ ଏବଂ ପ୍ରଥମ ଲୁକ୍ ସାମାଜିକ ଗଣମାଧ୍ୟମରେ ହଇଚଇ ସୃଷ୍ଟି କରିଛି।ପ୍ରୋମୋରେ ତୁଳସୀ ଭିରାନୀଙ୍କ ଶୈଳୀରେ ସ୍ମୃତି ଇରାନୀଙ୍କୁ ପୁଣି ଥରେ ତୁଳସୀଙ୍କୁ ଜଳ ଅର୍ପଣ କରୁଥିବା ଦେଖିବାକୁ ମିଳିଛି। ଦୀର୍ଘ ବର୍ଷ ପରେ ତାଙ୍କୁ ସମାନ ରୂପ ଓ ସମାନ ଢଙ୍ଗରେ ଦେଖି ପ୍ରଶଂସକମାନେ ବହୁତ ଖୁସି ହୋଇଛନ୍ତି। ନିର୍ମାତାଙ୍କ ଦ୍ୱାରା ଶେୟାର କରାଯାଇଥିବା ପ୍ରୋମୋରେ ସୂଚନା ଦିଆଯାଇଛି ଯେ, ଜୁଲାଇ ୨୯ରୁ ରାତି ୧୦:୩୦ରେ ପ୍ରସାରିତ ହେବ ଏହି ଶୋ'ଯଏଥର 'କିଉଁକି ଶାଶ୍ ଭି କଭି ବୋହୂ ଥି-୨' ଟିଭିରେ ନୁହେଁ, ବରଂ ଓଟିଟି ପ୍ଲାଟଫର୍ମ ଜିଓ ହଟଷ୍ଟାରରେ ପ୍ରସାରିତ ହେବୟ ଦର୍ଶକମାନଙ୍କୁ ଆଉ ପ୍ରତି ସପ୍ତାହରେ ଟିଭି ପାଇଁ ଅପେକ୍ଷା କରିବାକୁ ପଡ଼ିବ ନାହିଁ, ବରଂ ସେମାନେ ଯେତେବେଳେ ଚାହିଁବେ ସେତେବେଳେ ଦେଖିପାରିବେ। ନିର୍ମାତାଙ୍କ ଏହି ନୂଆ ରଣନୀତିକୁ ବେଶ୍ ପ୍ରଶଂସା କରାଯାଉଛି।

## ପଞ୍ଚଦେବତାଙ୍କୁ ପୂଜା କରାଯାଏ କାହିଁକି ?



ଶାସ୍ତ୍ର ଅନୁସାରେ ପାଞ୍ଚ ଜଣଙ୍କୁ ପ୍ରମୁଖ ଦେବତା ଭାବେ ବିଚାର କରାଯାଇଛି। ତେଣୁ ଯେକୌଣସି ଶୁଭ କାର୍ଯ୍ୟର ପ୍ରାରମ୍ଭରେ ସେମାନଙ୍କୁ ପୂଜା କରିବା ଅନିବାର୍ଯ୍ୟ ବୋଲି ପରମ୍ପରା ରହିଛି। ତେବେ ଏହି ପଞ୍ଚଦେବଙ୍କୁ ବିଧିବଧ ଭାବେ ପୂଜା କଲେ ସମସ୍ତ କାର୍ଯ୍ୟ ନିର୍ବିଘ୍ନ ପୂର୍ଣ୍ଣ ହୋଇଥାଏ। ଏହି ପଞ୍ଚ ଦେବଙ୍କ ମଧ୍ୟରେ ଅଛନ୍ତି, ଶ୍ରୀଗଣେଶ, ଶ୍ରୀବିଷ୍ଣୁ, ଶ୍ରୀଶିବ, ଶ୍ରୀସୂର୍ଯ୍ୟ ଏବଂ ଦେବୀ ମାତା। ଆହୁରି ଆମ ଶରୀର ପଞ୍ଚ ମହାଭୂତରେ ଗଠିତ। ତେଣୁ ସେହି ପଞ୍ଚତତ୍ତ୍ୱରେ ଏହି ପାଞ୍ଚ ଦେବାଦେବୀ ବାସ କରନ୍ତି ବୋଲି ବି ବିଶ୍ୱାସ କରାଯାଏ। ଗଣେଶଙ୍କୁ ଜଳ ତତ୍ତ୍ୱ, ବିଷ୍ଣୁଙ୍କୁ ବାୟୁ ତତ୍ତ୍ୱ, ଶିବଙ୍କୁ ପୃଥ୍ୱୀ ତତ୍ତ୍ୱ, ସୂର୍ଯ୍ୟଙ୍କୁ ଆକାଶ ତତ୍ତ୍ୱ ଏବଂ ଦେବୀଙ୍କୁ ଅଗ୍ନି ତତ୍ତ୍ୱ ବୋଲି ବିଚାର କରାଯାଏ। ଆମ ଜୀବନ ପାଇଁ ସର୍ବପ୍ରଥମେ ଜଳର ଆବଶ୍ୟକତା ରହିଛି। ଏଣୁ ଶ୍ରୀଗଣେଶଙ୍କୁ ପ୍ରଥମେ ପୂଜା କରାଯାଏ। ଏହିପରି ଭାବେ ଏସମସ୍ତ ଦେବାଦେବୀଙ୍କୁ ପଞ୍ଚଦେବତା ଭାବେ ନିତ୍ୟ ପୂଜା କରାଯାଇଥାଏ। ଯେହେତୁ ଆମ ଶରୀରରେ ପଞ୍ଚ ତତ୍ତ୍ୱ ବିଦ୍ୟମାନ ତେଣୁ ପଞ୍ଚ ଦେବତା ମଧ୍ୟ ସେହି ଅନୁସାରେ ବିଦ୍ୟମାନ ଅଟନ୍ତି। ପଞ୍ଚ ଦେବାତଙ୍କୁ ପୂଜା କରିବା ଅର୍ଥ ନିଜେ ନିଜକୁ ପୂଜା କରିବା ସହ ସମାନ ବୋଲି ବିଚାର କରାଯାଏ।

## ବିବେକରୂପୀ ଜ୍ଞାନ ଦୂରକରେ ହୃଦୟର ଅନ୍ଧକାର

ଭଗବାନ ଶ୍ରୀରାମ ବେଳେ ବେଳେ ଗୁରୁ ବଶିଷ୍ଠଙ୍କ ଆଶ୍ରମକୁ ଯାଇ ତାଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରୁଥିଲେ। ଦିନେ ସତ୍‌ପୁରୁଷଙ୍କ ସହ ସତ୍‌ସଙ୍ଗ କରିବାର ମହତ୍ତ୍ୱ ବିଷୟରେ ଶ୍ରୀରାମ ପଚାରିଲେ । ତାଙ୍କୁ ବୁଝାଇବାକୁ ଯାଇ ଗୁରୁ ବଶିଷ୍ଠ କହିଲେ, ଯେପରି ଦୀପ ଅନ୍ଧାରକୁ ନଷ୍ଟ କରିଥାଏ, ସେହିପରି ବିବେକ ଜ୍ଞାନ ସମ୍ପନ୍ନ ମହାପୁରୁଷ ହୃଦୟରେ ଥିବା ଆନନ୍ଦରୂପୀ ଅନ୍ଧକାରକୁ ହଟାଇବା ଲାଗି ସମର୍ଥ ହୋଇଥାଏ । ସେଥିପାଇଁ ସମସ୍ତ ଧର୍ମଗ୍ରନ୍ଥରେ ପ୍ରତିଦିନ ସତ୍‌ସଙ୍ଗ ଏବଂ ଶାସ୍ତ୍ର ବ୍ୟାଖ୍ୟାନ କରିବା ପାଇଁ ପରାମର୍ଶ ଦିଆଯାଇଛି । ମହର୍ଷି ବଶିଷ୍ଠ ଆହୁରି କହିଥିଲେ ଯେ ବିବେକୀ ମହାପୁରୁଷମାନେ ଇନ୍ଦ୍ରିୟ ଅନୁଗ୍ରାହୀ ହୋଇଥାନ୍ତି, ବୈରାଗୀ ତଥା ପ୍ରତିକ୍ଷଣରେ ବ୍ରହ୍ମ ଚିନ୍ତନ କରିଥାନ୍ତି । ଏଭଳି ମହାପୁରୁଷଙ୍କ ଠାରେ ତମୋଗୁଣର ଅଭାବ ରହିଥାଏ, ରଜୋଗୁଣ ଠାରୁ ଏମାନେ ଦୂରରେ ରହିଥାନ୍ତି । ଏମାନଙ୍କ ହୃଦୟରେ ସଂସାର ପ୍ରତି ବୈରାଗ୍ୟ ସୁଦୃଢ଼ ଥାଏ । ପୁଣ୍ୟ ବଳରେ ଏଭଳି ସତ୍‌ପୁରୁଷଙ୍କ ସାନ୍ନିଧ୍ୟ ମିଳିବା ସମ୍ଭବ । ଆନନ୍ଦ ସ୍ୱରୂପ ଆତ୍ମାର ଅନୁଭୂତି ହେବା ଦ୍ୱାରା ସାଧକ ଧନ-ସମ୍ପତ୍ତି, ଭୋଗ-ବୈଭବ ତ୍ୟାଗ କରିବା ଲାଗି ସର୍ବଦା ତତ୍ପର ରହିଥାଏ । ଏଥର ଶ୍ରୀରାମ ପଚାରିଲେ, ଗୁରୁବର, ଏଭଳି ମହାପୁରୁଷଙ୍କ ସର୍ବୋତ୍କୃଷ୍ଟ ଗୁଣ କ'ଣ ? ବଶିଷ୍ଠ କହିଲେ, ସେହି ଗୁଣର ନାମ ହେଉଛି ବିବେକ । ବିବେକ ଅଧିକାରୀ ପୁରୁଷର ହୃଦୟରୂପୀ ଗୁମ୍ଫା ଏଭଳି ହୋଇଥାଏ, ଯେପରି ନିର୍ମଳ ଆକାଶରେ ଚନ୍ଦ୍ର । ବିବେକ



ହିଁ ଅଜ୍ଞାନୀ ଜୀବକୁ ଜ୍ଞାନ ପ୍ରଦାନ କରିଥାଏ । ଜ୍ଞାନସ୍ୱରୂପ ଆତ୍ମା ହିଁ ପରମେଶ୍ୱର । ଜ୍ଞାନରୂପୀ ସୂର୍ଯ୍ୟ ଉଦୟ ହେବା ମାତ୍ରେ ସଂସାର ରୂପୀ ରାତ୍ରୀ ବିତିଯାଇ ମନରେ ଥିବା ପିଶାଚ ନଷ୍ଟ ହୋଇଯାଇଥାଏ ।

## ନୀଳମାଧବଙ୍କ ନାମକରଣର କ'ଣ ରହିଛି ରହସ୍ୟ



ନୟାଗଡ଼ : ଜିଲ୍ଲାର ଖଣ୍ଡପଡ଼ା ବ୍ଲକର କଣ୍ଟିଲୋ ପୁରାଣ ତଥା ଇତିହାସ ପ୍ରସିଦ୍ଧ ଅଞ୍ଚଳ। ପୁଣ୍ୟତୋୟା ମହାନଦୀ କୂଳରେ ଅବସ୍ଥିତ ଶ୍ରୀ ଶ୍ରୀ ନୀଳମାଧବଙ୍କ ମନ୍ଦିର, ଯାହାକୁ ନେଇ ଅନେକ କିଂବଦନ୍ତି ରହିଛି। ନୀଳମାଧବଙ୍କୁ ଜଗଗ୍ତାଥଙ୍କ ଆଦିରୂପ ଭାବେ ବିବେଚନା କରାଯାଏୟ ଜଗନ୍ନାଥଙ୍କ ଆଦିକ୍ଷେତ୍ର ଭାବେ କଣ୍ଟିଲୋ ପରିଚିତ। ନୀଳମାଧବଙ୍କ ନିମନ୍ତେ ଦେଶ, ବିଦେଶର ଜଗନ୍ନାଥପ୍ରେମୀଙ୍କ ମନରେ ରହିଛି କଣ୍ଟିଲୋ, ଜଗନ୍ନାଥଙ୍କ ଆଦ୍ୟ ରୂପ ନୀଳମାଧବ ଶବର ରାଜା ବିଶ୍ୱାବସୁ, ବିଦ୍ୟାପତି ଓ ଲଳିତାଙ୍କ କଥା କିଂବଦନ୍ତି କହେ, ମାଳବ ଦେଶର ଅବନ୍ତୀ ନଗରର ରାଜା ଇନ୍ଦ୍ରଦ୍ୟୁମ୍ନ ବ୍ରହ୍ମାଙ୍କର ପଞ୍ଚମ ପୁରୁଷ ଥିଲେ। ସେ ଅତି ମାତ୍ରାରେ ବିଷ୍ଣୁଙ୍କ ଭକ୍ତ ଥିଲେ।ଥରେ ମନ୍ତ୍ରୀ ପାରିଷଦ ଗଣଙ୍କ ସହ ଆଲୋଚନା ସମୟରେ ମର୍ତ୍ତ୍ୟ ମଣ୍ଡଳରେ ସାକ୍ଷାତ ଭଗବାନଙ୍କୁ ଅନ୍ୱେଷଣ କରିବା ପାଇଁ ନିଜ ପାରିଷଦ ଗଣଙ୍କୁ ନିର୍ଦ୍ଦେଶ ଦେଲେ। ଏ ନେଇ ସେ ତାଙ୍କର କର୍ମଚାରୀଙ୍କୁ ବିଭିନ୍ନ ଦିଗକୁ ପ୍ରେରଣ କରିଥିଲେ।ସେମାନଙ୍କ ମଧ୍ୟରୁ ବିଦ୍ୟାପତି ଉତ୍କଳ ପ୍ରଦେଶର ଘ□ ଜଙ୍ଗଲ ପାର କରି ବିଶ୍ୱାବସୁ ପୀଠରେ ପହଞ୍ଚିଥିଲେ। ସେଠାରେ ଶବର ରାଜା ବିଶ୍ୱାବସୁ ନୀଳମାଧବଙ୍କୁ ପୂଜା କରୁଥିବା ଏବଂ ତାଙ୍କୁ ସ୍ୱଚକ୍ଷୁରେ ଦେଖିବା ସହ ତାଙ୍କ ସହ ବାର୍ତ୍ତାଳାପ ମଧ୍ୟ କରୁଥିବାର ଜାଣିବାକୁ ପାଇଲେ। ବିଶ୍ୱାବସୁ ନୀଳମାଧବଙ୍କୁ ପୂଜା କରିବା କଥା କାହାକୁ ଜଣାଉନଥିଲେ। ଏଣୁ ବିଦ୍ୟାପତି ତାଙ୍କ କନ୍ୟା ଲଳିତାଙ୍କ ସହ ପ୍ରଥମେ ପ୍ରେମ ସମ୍ପର୍କ ଯୋଡ଼ି ପରେ ତାଙ୍କୁ ବିବାହ କରିଥିଲେ। କୌଶଳକ୍ରମେ ବିଶ୍ୱାବସୁଙ୍କ ସାଥୀରେ ଭଗବାନ ନୀଳମାଧବଙ୍କୁ ଦେଖିବାକୁ ବିଦ୍ୟାପତି ଜିଦ୍ କରିଥିଲେ। ଗୋଟିଏ ସର୍ତ୍ତରେ ବିଶ୍ୱାବସୁ ଏଥିନିମନ୍ତେ ରାଜି ହୋଇଥିଲେ। ବିଦ୍ୟାପତିଙ୍କ ଆଖିରେ ଅନ୍ଧ ପୁଟୁଳି ବନ୍ଧାଯିବ ଓ ଯେଉଁ ରାସ୍ତାରେ ସେ ଯିବେ କାହାରିକୁ ଜଣାଇବେ ନାହିଁ। ଏହି ସର୍ତ୍ତରେ ରାଜି ହୋଇ ବିଦ୍ୟାପତି ଆଖିରେ ଅନ୍ଧପୁଟୁଳି ବାନ୍ଧି ଉକ୍ତ ସ୍ଥାନକୁ ଯିବାକୁ ରାଜି ହୋଇଥିଲେ।କିନ୍ତୁ କେଶଳକ୍ରମେ ହାତରେ ନେଇଥିବା ସୋରିଷ ବାଟ ସାରା ବୁଣି ବୁଣି ଯାଇଥିଲେ ଏବଂ ନୀଳମାଧବଙ୍କ ଦର୍ଶନ ପାଇଥିଲେ। କିଛି ଦିନ ପରେ ସୋରିଷ ଗଛ ବାଟ ସାରା ଉଠିଯାଇଥିବାରୁ ଏହାକୁ ଅନୁଧ୍ୟାନ କରି ଏକା ଏକା ନୀଳମାଧବ ପୀଠରେ ପହଞ୍ଚି ଯାଇଥିଲେ। ଚତୁରତାର ସହିତ ନୀଳମାଧବଙ୍କୁ ଚୋରାଇ ନେଇ ଇନ୍ଦ୍ରଦ୍ୟୁମ୍ନଙ୍କ ଦରବାରରେ ପହଞ୍ଚାଇଥିଲେ। ବିଶ୍ୱାବସୁ ନୀଳମାଧବଙ୍କୁ ନପାଇ ପାଗଳପ୍ରାୟ ହେବା ସହ କ୍ରମେ ସମସ୍ତ ବୃତ୍ତାନ୍ତ ଜାଣି ପାରିଥିଲେ। ତେବେ ଇନ୍ଦ୍ରଦ୍ୟୁମ୍ନଙ୍କ ନିକଟରେ ପହଞ୍ଚିବା ପରେ ସ୍ୱୟଂ ନୀଳମାଧବ ଅନ୍ତର୍ଦ୍ଧାନ ହୋଇଯାଇଥିଲେ। ଏହା ପରେ ଇନ୍ଦ୍ରଦ୍ୟୁମ୍ନଙ୍କୁ ସ୍ୱପ୍ନାଦେଶ ହୋଇଥିଲା ଯେ ପ୍ରଭୁ ନୀଳମାଧବ ଦାରୁ ରୂପରେ ବାଙ୍କି ମୁହାଣ ନିକଟରେ ଆର୍ବିଭାବ ହେବେ। ଏହା ପରେ ରାଜା ଇନ୍ଦ୍ରଦ୍ୟୁମ୍ନ ଉକ୍ତ ଦାରୁଙ୍କୁ ଠାବ କରିବା ସହ ପୁରୀରେ ମନ୍ଦିର ତୋଳାଇ ବିଗ୍ରହ ପ୍ରତିଷ୍ଠା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଯାହା ନୀଳମାଧବଙ୍କ ପରିବର୍ତ୍ତିତ ରୂପ ଜଗନ୍ନାଥ ବୋଲି ଜଣାଯାଏ। ନୀଳ ପଥରରେ ପ୍ରତିମୂର୍ତ୍ତି ହୋଇଥିବାରୁ ନାମ ନୀଳମାଧବ ଅନ୍ୟ ଏକ କିଂବଦନ୍ତି ଅନୁଯାୟୀ, ପୁରୁଷୋତ୍ତମ କ୍ଷେତ୍ର ମଧ୍ୟରେ ଅନେକ ଗୁଡ଼ିଏ ପ୍ରସିଦ୍ଧ କ୍ଷେତ୍ର ରହିଛି। ସେଥିମଧ୍ୟରୁ ପଦ୍ମକ୍ଷେତ୍ର ଶ୍ରୀ ନୀଳମାଧବ ପୀଠ ଅନ୍ୟତମ। ମାଧବ ପୁରାଣ ଅନୁସାରେ ସତ୍ୟଯୁଗରେ ଜେନାବଳି ପୁରରେ ନାମାସୁର ଓ କାମାସୁର ନାମକ ରାକ୍ଷସ ଦ୍ୱୟ ବାସ କରୁଥିଲେ। ଏହି ଅସୁର ଦ୍ୱୟ ଭଗବାନ ଶିବଙ୍କ ବରରେ ବଳିଆନ ହୋଇ ତ୍ରିପୁର ବିଜୟ କରି ଦେବତାମାନଙ୍କ ପ୍ରତି ଅତ୍ୟାଚାର କରୁଥିଲେ। ଦେବତାମାନେ ତ୍ରାହି ତ୍ରାହି ଡ଼ାକ ଦେଇ ଭଗବାନ ବିଷ୍ଣୁଙ୍କ ଶରଣ ପଶିଲେ। ଭଗବାନ ବିଷ୍ଣୁ ଦେବତାଙ୍କୁ ଅଭୟ ଦେବା ସହ ବ୍ରହ୍ମାଙ୍କୁ ମର୍ତ୍ତ୍ୟଲୋକରେ ଏକ ଯଜ୍ଞର ଆୟୋଜନ କରିବାକୁ ନିର୍ଦ୍ଦେଶ ଦେଲେ।ବ୍ରହ୍ମା, ମହାନଦୀ ତଟରେ ଅତ୍ୟନ୍ତ ରମଣୀ। ଦୁଇଟି ପର୍ବତ ନିର୍ମାଣ କଲେ। ଯାହା ବର୍ତ୍ତମାନର କଣ୍ଟିଲୋ ଅଞ୍ଚଳ ବୋଲି କିଂବଦନ୍ତି ରହିଛି। ଏହି ଦୁଇଟି ପର୍ବତ ବ୍ରହ୍ମାଦ୍ରୀ ଓ ପଦ୍ମାଦ୍ରୀ ନାମରେ ନାମିତ ହେଲା। ଏହା ପରେ ସମଗ୍ର ଦେବଗଣ ଓ ବ୍ରହ୍ମା ମିଶି ଉକ୍ତ ପର୍ବତ ଉପରେ ଏକ ଯଜ୍ଞ ଆରମ୍ଭ କଲେୟ ଯଜ୍ଞ ଶେଷରେ ଯଜ୍ଞ କୁଣ୍ଡରୁ ମାଧବ ଚତୁର୍ଭୁଜ ରୂପରେ ବାହାରି ଅସୁର ଦ୍ୱୟଙ୍କୁ ବିନାଶ କଲେ। ଯଜ୍ଞ ଅନଳରୁ ବାହାରି ଥିବାରୁ ମାଧବଙ୍କ ଦେହର ଜ୍ୱାଳା ପ୍ରଶମିତ କରିବା ପାଇଁ ଦେବଗଣ ଚନ୍ଦନ ଲାଗି କରାଇ ହଜାର ଉପଚାରରେ ପୂଜା କରିଥିଲେ। ନୀଳ ପଥରରେ ମାଧବଙ୍କ ପ୍ରତିମୂର୍ତ୍ତି ନିର୍ମାଣ ହୋଇଥିବାରୁ ସେ ନୀଳମାଧବ ରୂପେ ପରିଚିତ। ନୀଳମାଧବଙ୍କ ନିକଟରେ ଏବେ ମଧ୍ୟ ସେହି ଚନ୍ଦନ ଲାଗି ପରମ୍ପରା ଅଦ୍ୟାବଧି ଚଳିଆସୁଛି ଏବଂ ଏହାକୁ ସର୍ବାଙ୍ଗ ବୋଲି କୁହାଯାଇଥାଏ।



# ତୈଳ ଆମଦାନୀ

ଭାରତ ଦୈନିକ ହାରାହାରି ୫.୫ ବିଲିୟନ ବ୍ୟାରେଲ ଅଶୋଧିତ ତୈଳ ଆମଦାନୀ କରିଥାଏ। ହରମୁଜ ପ୍ରଣାଳୀ ବନ୍ଦ ହୋଇଗଲେ ତୈଳ ଆମଦାନୀ ପ୍ରଭାବିତ ହେବ ଏବଂ ଯେଉଁ ତୈଳବାହୀ ଜାହାଜ ବିକଳ୍ପ ରୁଟରେ ଆସିବ ତାହା ବ୍ୟୟ ବହୁଳ ହେବ। ତୈଳ ଆମଦାନୀ ପ୍ରଭାବିତ ହେଲେ ବିଶ୍ୱବଜାରରେ ଏହାର ଦର ୩୦ରୁ ୫୦ ପ୍ରତିଶତ ବଢ଼ିଯିବା ଆଶଙ୍କା ରହିଛି। ଏବେ ବିଶ୍ୱବଜାରରେ ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ପ୍ରାୟ ୮୦ ଡଲାର ରହିଛି। ଏହା ବଢ଼ି ବଢ଼ି ୧୩୦ ଡଲାର ଛୁଇଁପାରେ ବୋଲି ଆଶଙ୍କା କରାଯାଉଛି। ଅବଶ୍ୟ ଭାରତ ଏହା ଦ୍ୱାରା ପ୍ରଭାବିତ ହେବ ନାହିଁ ବୋଲି କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ହରଦୀପ ସିଂହ ପୁରି କହିଛନ୍ତି। ସେ କହିଛନ୍ତି ଯେ, ଭାରତ ନିକଟରେ ପର୍ଯ୍ୟାପ୍ତ ଅଶୋଧିତ ତୈଳ ଗଚ୍ଛିତ ରହିଛି। ଏହା ସହିତ ଭାରତର ତୈଳ ମାର୍କେଟିଂ କମ୍ପାନୀ ଗୁଡ଼ିକ ବିକଳ୍ପ ରୁଟରେ ଅଶୋଧିତ ତୈଳ ଆମଦାନୀ କରୁଛନ୍ତି। ଋଷିଆ ଏବଂ ୟୁକ୍ରେନ ମଧ୍ୟରେ ଯୁଦ୍ଧ ଲାଗିବା ପରେ ଭାରତ ଋଷିଆରୁ ଅଧିକ ପରିମାଣରୁ ତୈଳ ଆମଦାନୀ କରୁଛି। ଏହା ହରମୁଜ ପ୍ରଣାଳୀ ଉପରେ ନିର୍ଭର କରୁନାହିଁ। ତେଣୁ ଭାରତରେ ତୈଳ ଦର ବୃଦ୍ଧିର ସମ୍ଭାବନା କ୍ଷୀଣ ବୋଲି ସେ କହିଛନ୍ତି ଯାହା ଆଶ୍ୱସ୍ତିର ବିଷୟ। କିନ୍ତୁ କେତେଦିନ ଭାରତ ଏହାକୁ ସମ୍ଭାଳିବ? ଯେତେବେଳେ ବିଶ୍ୱବଜାରରେ ତୈଳ ଦର ବଢ଼ିବ ସେତେବେଳେ ଭାରତର ଆମଦାନୀ ଖର୍ଚ୍ଚ ବୃଦ୍ଧି ପାଇବ ଏବଂ ଫୋରେକ୍ସ ରିଜର୍ଭ ଉପରେ ଚାପ ପଡ଼ିବ।। କହିବା ବାହୁଲ୍ୟ ଯେ, ଭାରତ ବ୍ୟବହାର କରୁଥିବା ଅଶୋଧିତ ତୈଳ ମଧ୍ୟରୁ ୮୫ ପ୍ରତିଶତ ବିଦେଶରୁ ଆମଦାନୀ କରାଯାଇଥାଏ। ଗତ ତିନି ବର୍ଷ ହେବ ଭାରତରେ ପେଟ୍ରୋଲ ଏବଂ ଡିଜେଲ ଦର ସ୍ଥିର ରହିଛି ଯାହା ଏକ ବଡ଼ କଥା। ତୈଳ ଦରରେ ଏହି ସ୍ଥିରତା ଅର୍ଥନୀତି ପାଇଁ ଅନୁକୂଳ ହୋଇଛି। ଯେତେବେଳେ ବିଶ୍ୱ ବଜାରରେ ତୈଳ ଦର ବଢ଼ିଥିଲା ସେତେବେଳେ ଭାରତ ସରକାର ତେଲ ଦର ବଢ଼ାଇନଥିଲେ। ଯେତେବେଳେ ବିଶ୍ୱ ବଜାରରେ ତୈଳ ଦର ହ୍ରାସ ପାଇଲା ସେତେବେଳେ ମଧ୍ୟ ସରକାର ତୈଳ ଦର କମାଇନଥିଲେ। ଅଶୋଧିତ ତୈଳ ଦର ହ୍ରାସ ବେଳେ ଭାରତ ସରକାର ପେଟ୍ରୋଲ ଓ ଡିଜେଲ ଦର କମାଇନଥିଲେ। ଫଳରେ ଏବେ ଭାରତ ସରକାର ତୈଳ ଦର ବୃଦ୍ଧି ନିୟନ୍ତ୍ରଣ କରିବା ସ୍ଥିତିରେ ଅଛନ୍ତି। ତୈଳ କମ୍ପାନୀ ଗୁଡ଼ିକ କିଛି ଦିନ କ୍ଷତି ସହିବାର ସାମର୍ଥ୍ୟ ରଖିଛନ୍ତି। କିନ୍ତୁ ଅଶୋଧିତ ତୈଳ ଦର ଯଦି ଅଧିକ ଦିନ ୧୦୦ ଡଲାର ଉପରେ ରହେ ତେବେ ସ୍ଥିତି ସମ୍ଭାଳିବା ମୁସ୍କିଲ ହେବ ଏବଂ ପେଟ୍ରୋଲ ଓ ଡିଜେଲ ଦର ବଢ଼ିବା ନିଶ୍ଚିତ। ଏହା ମୁଦ୍ରାସ୍ଫୀତି ବୃଦ୍ଧି ସହ ଅଭିବୃଦ୍ଧିରେ ବ୍ରେକ ଲଗାଇପାରେ। ଭାରତ ପାଇଁ ଏହା ଏକ ଚିନ୍ତାର ବିଷୟ। ବିଶ୍ୱ ଅର୍ଥନୀତିରେ ବିପର୍ଯ୍ୟୟ ସତ୍ତ୍ୱେ ଭାରତ ଗତ ୫ ବର୍ଷ ହେବ ସ୍ଥିତି ସମ୍ଭାଳି ରଖିଛି। ଦେଶର ଅଭିବୃଦ୍ଧି ହାର ୬ ପ୍ରତିଶତରୁ ଅଧିକ ରହିଛି। ଭାରତ ଏବେ ଜାପାନକୁ ପଛରେ ପକାଇ ବିଶ୍ୱର ଚତୁର୍ଥ ବୃହତ୍ତମ ଅର୍ଥନୀତିରେ ପରିଣତ ହୋଇଛି। ଆଗକୁ ଭାରତ ତୃତୀୟ ସ୍ଥାନକୁ ଉଠିବା ଲକ୍ଷ୍ୟ ରଖିଛି। ଯଦି ତୈଳ ବଜାରରେ ଅସ୍ଥିରତା ସୃଷ୍ଟି ହୁଏ ତେବେ ଖାଦ୍ୟ ଯୋଗାଣ ମଧ୍ୟ ପ୍ରଭାବିତ ହେବ ଏବଂ ଖାଇବା ତେଲ, ଗହମ, ଚାଉଳର ଦର ବଢ଼ିପାରେ। ଏହା ଭାରତର ଅଭିବୃଦ୍ଧିକୁ ପଛକୁ ଟାଣିବ। ଏହାକୁ ଦୃଷ୍ଟିରେ ରଖି ଭାରତ ସରକାର ବିକଳ୍ପ ପନ୍ଥା ଅବଲମ୍ବନ କରିବା ଉଚିତ।

# କିମ୍ବଦନ୍ତୀ ଓ କାହାଣୀର ମହାନାୟକ


॥ ସୁମନ୍ତ କୁମାର ଭୂୟାଁ ॥


*“ ୧୯୨୬ର କଥା। ମହାତ୍ମା ଗାନ୍ଧୀ କଟକ ଆସିଥାଆନ୍ତି। ବାଳକ ବିଜୁଙ୍କ ଇଚ୍ଛା ଗାନ୍ଧିଜୀଙ୍କୁ ଭେଟିବେ। ହେଲେ ପୁଲିସ୍ ଛାଡ଼ୁ ନଥାଏ। ଡେଙ୍ଗା-ପତଳା ବିଜୁ ଭିଡ ଠେଲି ମାଡ଼ିଚାଲିଲେ ଆଗକୁ ଗୋରା ପୁଲିସ୍‌ଙ୍କ ଲାଠିକୁ ଖାତର ନକରି। ଉପସ୍ଥିତ ପୁଲିସ ବାବୁ ରାଗିଯାଇ ଲାଠିରେ ତାଙ୍କ ମୁଣ୍ଡକୁ ପାହାରେ ପକାଇଲେ। ମୁଣ୍ଡରୁ ବୋହିଗଲା ଝର ଝର ଲହୁ। ହେଲେ ଭୟ ନକରି ଗାନ୍ଧିଜୀଙ୍କ ପାଖରେ ପହଞ୍ଚିଗଲେ ବିଜୁ। ଗାନ୍ଧୀ ମହାତ୍ମା ପୁଲିସ ବାବୁଙ୍କୁ ଭତ୍ସର୍ନା କରିବା ସହ ବିଜୁଙ୍କ ମୁଣ୍ଡରୁ ରକ୍ତ ପୋଛି ଆଶୀର୍ବାଦ ଦେଇଥିଲେ। ପ୍ରଥମ ମହାଯୁଦ୍ଧ ପରବର୍ତ୍ତୀ ସମୟର ଘଟଣା।*

ବିଜୁଦା, ବିଜୁ ପଟ୍ଟନାୟକ ଓ ବିଜୁ ବାବୁ ଏହିପରି କିଛି ନାମରେ ପରିଚିତ ଥିଲେ ଅନେକ କିମ୍ବଦନ୍ତୀ କାହାଣୀର ସ୍ରଷ୍ଟା ମହାନାୟକ ପ୍ରଖ୍ୟାତ ସ୍ୱାମୀମାନି ରାଜନେତା ବିଜୁବାବୁ। ସେ ଥିଲେ ଏପରି ଜଣେ ଚରିତ୍ର ଯିଏକି ଭୂମିରୁ ଭୂମା ପର୍ଯ୍ୟନ୍ତ ଥିଲା ତାଙ୍କ ବ୍ୟକ୍ତିତ୍ୱ। କେବଳ ଓଡ଼ିଶାର ଘରେ ଘରେ ନୁହେଁ ବା ଭାରତର ରାଜନୀତି କ୍ଷେତ୍ରରେ ନୁହେଁ ବିଶ୍ୱ ଇତିହାସରେ ବିଜୁ ବାବୁ ଜଣେ ଏପରି ନାମ ଯାହାଙ୍କ ଉପରେ ଏବେ ବି ଚର୍ଚ୍ଚା, ଆଲୋଚନା, ବିଶ୍ଳେଷଣ ଓ ଗବେଷଣା ଚାଲୁ ରହିଛି। ସେ ଥିଲେ ଜଣେ ବିନ୍ଦାସ ଓ ଖୋଲାମେଲା ଚରିତ୍ରର ଅଦ୍ଭୁତପୂର୍ବ ବ୍ୟକ୍ତିତ୍ୱ। ପିଲାଦିନରୁ ଦୃଢ଼ ସାହାସୀ, ଖୋଲା ଖର୍ଚ୍ଚୀ, ରୋକଠୋକ କଥା ଯାହାକି ତାଙ୍କ ତମାମ ଜୀବନକୁ ସଫଳତା ଦେଇଛି ଆଉ ବିଫଳତାର କାହାଣୀ ବି ଲେଖିଛି। ଅଜଣା ମୂଳକର ଜଣେ ମାମୁଲି ଆଦିବାସୀ ମହିଳାଙ୍କୁ ସେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ଭାବେ ନିଯୁକ୍ତି ଦେବା ହେଉ ବା କେନ୍ଦ୍ର ରାଜ୍ୟର ସମ୍ପର୍କ ସ୍ୱାଭିମାନରେ ମୁଁ ପାହାଡ଼ ବିକି ଦେଇ ରାଜ୍ୟ ଚଳେଇ ନେବି ପରି ବିତର୍କିତ ମନ୍ତବ୍ୟ ହେଉ ବା ଓଡ଼ିଆ ଟୋକା ସବୁବେଳେ ଖାଣ୍ଟି ଓଡ଼ିଆ ହୁଅ ରୋକଠୋକ ଜବାବ ଦେଇ ସେ ପାଲଟିଥିଲେ ଜଣେ ନିର୍ଭିକ ବ୍ୟକ୍ତିତ୍ୱ।

ଆଜିକାର ରାଜନେତାମାନେ ରାଜନୀତି ପାଇଁ କୋଠି କରୁଛନ୍ତି କିନ୍ତୁ ସେ ରାଜନୀତି ପାଇଁ ନିଜ କୋଠା ବିକ୍ରି କରିଦେଇଥିଲେ। ଯେତେବେଳେ ଯିଏ ବି ତାଙ୍କୁ ହାତ ପାତିଛି ପକେଟରୁ ପଇସା କାଢ଼ି ସବୁ ଅର୍ଥ ତା ହାତକୁ ଦେଇଛନ୍ତି। ଏକ ମଞ୍ଚରେ ଜଣେ ଉଦଭ୍ରାନ୍ତ ଯୁବକ ସର୍ବ ସମ୍ମୁଖରେ ଚାପୁଡ଼ା ମାରିଥିଲେ କିନ୍ତୁ ସେ ତାଙ୍କୁ ଦଣ୍ଡିତ ନକରି ଇଏ ବିଜୁକୁ ହାତ ଉଠାଇଛି ମାନେ ତାକୁ ପୁରସ୍କାର ଦେଇଥିଲେ ଏଭଳି ରାଜନେତା ଆଉ କ’ଣ ମିଳିବେ? ମୁଖ୍ୟମନ୍ତ୍ରୀ ଥିବାବେଳେ ତାଙ୍କୁ ବିରୋଧ କରିବା ପାଇଁ ଯାଇଥିବା ଚାଷୀଙ୍କୁ ରାସ୍ତା ଉପରେ ଡାକି ଆଲୋଚନା କରି ସମାଧାନ କରିଥିଲେ ସେମାନଙ୍କର ଦୁଃଖ। ଏହି ଲେଖକ ଛାତ୍ର ରାଜନୀତି କରୁଥିବାବେଳେ ବିଜୁ ବାବୁଙ୍କ ଘନିଷ୍ଠତାର କିଛି ମୁହୂର୍ତ୍ତ ପାଇଥିଲେ। ଯାହାଙ୍କ ନାମରେ ଗଠିତ ବିଜୁ ଜନତା ଦଳ ଆଜି ଭାରତୀୟ ରାଜନୀତିରେ ଏକ ପ୍ରଭାବୀ ଓ ଦୃଢ଼ ନେତୃତ୍ୱପୂର୍ଣ୍ଣ ଆଞ୍ଚଳିକ ଦଳ ଭାବେ ମୁଣ୍ଡ ଟେକିଛି ଯାହା ଆଗରେ ଜାତୀୟ ଦଳମାନେ ଏକ ପ୍ରକାର ମୁଣ୍ଡ ନୋଇଁବାକୁ ବାଧ ହୋଇଛନ୍ତି। ଇଏ ଥିଲେ ସେହି ବିଜୁ ଯିଏ କି ତାଙ୍କ ସମୟରେ ଓ ରାଷ୍ଟ୍ରପତି ବା ପ୍ରଧାନମନ୍ତ୍ରୀଙ୍କୁ ହାତଯୋଡ଼ି ସମ୍ମାନ ଜଣାନ୍ତି ନାହିଁ। ବେସାଲିସ, ରୋକଠୋକ କଥା କୁହନ୍ତି। ସେ ସ୍ୱର୍ଗତ ଜ୍ୟୋତିବସୁ ହୁଅନ୍ତୁ ବା ଦେବଗୌଡ଼ା, ଭି.ପି.ସିଂହ ହୁଅନ୍ତୁ ବା ଲାଲୁପ୍ରସାଦ ଯାଦବ, ବାଜପେୟୀ ହୁଅନ୍ତୁ ବା ଆଡ଼ଭାନୀ, ସୁରଜିତ ସିଂହ ବର୍ଣ୍ଣାଲ ହୁଅନ୍ତୁ ବା ନମ୍ବୁଦି ପଦ ସମସ୍ତଙ୍କ ସହ ସେ ବେଶ ଖୋଲା ସମ୍ପର୍କ ରଖିଥିଲେ।

ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଥିଲେ ସାହସୀ, ସ୍ୱାଭିମାନୀ, ଯୁଗସ୍ରଷ୍ଟା ଓ ଦୂରଦ୍ରଷ୍ଟା। ଓଡ଼ିଆ ଜାତି ତଥା ଓଡ଼ିଶାର ଉତ୍‌ଥାନ ପାଇଁ ଆଜୀବନ ଉଦ୍ୟମ କରିଥିବା ମହାନ ନେତାଙ୍କ ମଧ୍ୟରେ ସେ ଅନ୍ୟତମ। ଶୈଶବରୁ ସେ ଥିଲେ ଦୁଃସାହସୀ। ତାଙ୍କର ଦୁଃସାହସ ସଂପର୍କିତ କେତୋଟି ଘଟନା ସଂକ୍ଷେପରେ ଜାଣିବା ହେଉ। ଥରେ ବ୍ରାହ୍ମଣୀ ଓ ବୈତରଣୀ ନଦୀରେ ପ୍ରବଳ ବନ୍ୟା ଆସିଲା। ବନ୍ୟା ଆସିଲେ ଉତ୍କଳ ମଣି ଗୋପବନ୍ଧୁ ବିପନ୍ନଙ୍କୁ ସହାୟତା ଯୋଗାଇବା ପାଇଁ ଡଙ୍ଗାରେ ଚୁଡ଼ା, ଚାଉଳ ଓ ଅନ୍ୟ ଅତ୍ୟାବଶ୍ୟକୀୟ ସାମଗ୍ରୀ ନେଇ ବାହାରିପଡ଼ନ୍ତି। ଥରେ ସେ ବରୀ ଅଞ୍ଚଳକୁ ବାହାରିଲେ। ସଙ୍ଗରେ ଥିଲେ ବାର ବର୍ଷ ବୟସ୍କ ବିଜୁଙ୍କ ସହ ଆଉ କିଛି ଛାତ୍ର। ଉଛୁଳା ନଦୀ, ମଝିରେ ମଝିରେ ଜୋରରେ ପବନ ବୋହୁଥାଏ। ଖରାରୁ ରକ୍ଷା ପାଇବା ପାଇଁ ଗୋପବନ୍ଧୁ ଛତା ଧରି ବସିଥାନ୍ତି ଡଙ୍ଗାର ମଙ୍ଗରେ। ହଠାତ୍ ପବନ ମାଡ଼ରେ ତାଙ୍କ ହାତରୁ ଛତାଟି ଖସିଯାଇ ପଡ଼ିଲା ପାଣିରେ ଏବଂ ଭାସି ଚାଲିଲା ସୁଅରେ। ତାହା ଦେଖି, କେହି କିଛି ବୁଝିବା ପୂର୍ବରୁ ଭରା ନଦୀ ଗର୍ଭକୁ ଲମ୍ଫ ଦେଇଥିଲେ ବିଜୁ। କିଛି ସମୟ ପରେ ଛତା ଧରି ଫେରିଥିଲେ ଡଙ୍ଗାକୁ। ତାଙ୍କ ଦୁଃସାହସ ଦେଖି ସେ ଦିନ ଚମତ୍କୃତ ହୋଇଥିଲେ ଗୋପବନ୍ଧୁ ଏବଂ ଦିନେ ଓଡ଼ିଆ ଜାତିର ଟେକ ରଖିବୁ କହି ଆଶୀର୍ବାଦ କରିଥିଲେ।

୧୯୨୬ର କଥା। ମହାତ୍ମା ଗାନ୍ଧୀ କଟକ ଆସିଥାଆନ୍ତି। ବାଳକ ବିଜୁଙ୍କ ଇଚ୍ଛା ଗାନ୍ଧିଜୀଙ୍କୁ ଭେଟିବେ। ହେଲେ ପୁଲିସ୍ ଛାଡ଼ୁ ନଥାଏ। ଡେଙ୍ଗା–ପତଳା ବିଜୁ ଭିଡ ଠେଲି ମାଡ଼ିଚାଲିଲେ ଆଗକୁ ଗୋରା ପୁଲିସ୍‌ଙ୍କ ଲାଠିକୁ ଖାତର ନକରି। ଉପସ୍ଥିତ ପୁଲିସ ବାବୁ ରାଗିଯାଇ ଲାଠିରେ ତାଙ୍କ ମୁଣ୍ଡକୁ ପାହାରେ ପକାଇଲେ। ମୁଣ୍ଡରୁ ବୋହିଗଲା ଝର ଝର ଲହୁ। ହେଲେ ଭୟ ନକରି ଗାନ୍ଧିଜୀଙ୍କ ପାଖରେ ପହଞ୍ଚିଗଲେ ବିଜୁ। ଗାନ୍ଧୀ ମହାତ୍ମା ପୁଲିସ ବାବୁଙ୍କୁ ଭତ୍ସର୍ନା କରିବା ସହ ବିଜୁଙ୍କ ମୁଣ୍ଡରୁ ରକ୍ତ ପୋଛି ଆଶୀର୍ବାଦ ଦେଇଥିଲେ। ପ୍ରଥମ ମହାଯୁଦ୍ଧ ପରବର୍ତ୍ତୀ ସମୟର ଘଟନା। ବାଲିଯାତ୍ରା ପଡ଼ିଆରେ ପ୍ରଥମଥର ପାଇଁ ବିମାନଟିଏ ଅବତରଣ କରିଥାଏ। ବିମାନ ଦେଖିବା ଲାଗି ନାହିଁ ନଥିବା ଭିଡ। ବିଜୁଙ୍କ ଇଚ୍ଛା ପାଖରୁ ଦେଖିବେ। ପୁଲିସ୍‌କୁ ନମାନି, ବାଡ଼ ଭାଙ୍ଗି ବିମାନ ନିକଟରେ ପହଞ୍ଚି ପାରିଥିଲେ।

ପରିଣାମ ସ୍ୱରୂପ ପିଠିରେ ପଡ଼ିଥିଲା ଲାଠି ପାହାର। ସେହି ଦିନ ପ୍ରତିଜ୍ଞା କରିଥିଲେ ବୈମାନିକ ହେବେ ହୋଇଥିଲେ ମଧ୍ୟ। ଏମିତି ସେମିତି ବୈମାନିକ ନୁହେଁ ବହୁତ କିଛି କରିବାର ସାମର୍ଥ୍ୟ ରଖିଥିବା ବୈମାନିକ। ପଣ୍ଡିତ ନେହେରୁଙ୍କ ନିର୍ଦ୍ଦେଶରେ ଇଣ୍ଡୋନେସିଆରୁ ସେଠାକାର ପ୍ରଧାନମନ୍ତ୍ରୀ ସହରିର୍‌ଙ୍କୁ ଡଚ୍ ବାହିନୀ କବଳରୁ ଖସାଇ ବିମାନରେ ନେଇ ଆସିଥିଲେ ନୂଆଦିଲ୍ଲୀ। ସହଯୋଗୀ ଭାବେ ସଙ୍ଗରେ ଯାଇଥିଲେ ପତ୍ନୀ ଜ୍ଞାନ ଦେବୀ। ଇଣ୍ଡୋନେସିଆର ସ୍ୱାଧୀନତା ସଂଗ୍ରାମକୁ ତାଙ୍କର ଅବଦାନ ପାଇଁ ତାଙ୍କୁ ସେଠାକାର ସର୍ବୋଚ୍ଚ ଉପାଧି ଭୂମିପୁତ୍ରରେ ସମ୍ମାନିତ କରାଯାଇଥିଲା।

୧୯୪୬ରୁ ବିଜୁବାବୁଙ୍କ ରାଜନୈତିକ ଜୀବନର ଯାତ୍ରା ଯେମିତି ଆରମ୍ଭ ହୋଇଥିଲା। ସେଣ୍ଟ୍ରାଲ କଟକସଦର ଆସନରୁ କଂଗ୍ରେସ ପ୍ରାର୍ଥୀଭାବେ ସେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ୧୯୫୨ ପର୍ଯ୍ୟନ୍ତ ଏହାର ସଦସ୍ୟ ଥିଲେ। ପରେ ୧୯୫୨ରେ ଜଗନ୍ନାଥପ୍ରସାଦ ଆସନରୁ, ୧୯୫୭ ରେ ସୋରଡା ଆସନରୁ ଓ ୧୯୬୧ରେ ଚୌଦ୍ୱାର ଆସନରୁ କ୍ରମାଗତ ଭାବେ ଭାରତୀୟ ଜାତୀୟ କଂଗ୍ରେସ ପ୍ରାର୍ଥୀ ଭାବେ ନିର୍ବାଚିତ ହୋଇଥିଲେ। ୧୯୭୧ରେ ଉତ୍କଳ କଂଗ୍ରେସ ପ୍ରାର୍ଥୀ ଭାବେ ଉପନିର୍ବାଚନରେ ରାଜନଗର ଆସନରୁ ବିଜୟୀ ହୋଇଥିବା ବେଳେ ୧୯୭୪ରେ ସେହି ଆସନରୁ ପୁଣି ବିଧାନସଭାକୁ ଆସିଥିଲେ। କଟକରୁ ଗଞ୍ଜାମ ଓ ଗଞ୍ଜାମରୁ ପୁଣି କଟକ ହୋଇ କେନ୍ଦ୍ରାପଡ଼ା, ରାଜନୈତିକ ସଫଳତାର ଯାତ୍ରା ରଖିଥିବା ବିଜୁବାବୁ ୧୯୮୦ରେ ଚରଣ ସିଂଙ୍କ ନେତୃତ୍ୱାଧୀନ ଜନତା ପ୍ରାର୍ଥୀ ଭାବେ କେନ୍ଦ୍ରାପଡ଼ାର ପାଟକୁରା ଆସନରୁ ବିଜୟୀ ହୋଇଥିଲେ। ପରେ ୧୯୮୫, ୧୯୯୦ ଓ ୧୯୯୫ରେ କ୍ରମାଗତ ଭାବେ ତିନିଥର ଜନତା ଦଳର ପ୍ରାର୍ଥୀ ଭାବେ ଭୁବନେଶ୍ୱର ଆସନରୁ ବିଧାନସଭାକୁ ଆସିଥିଲେ। ଏହାରି ଭିତରେ ତାଙ୍କର ସଂସଦ ଅଭିଯାନ ମଧ୍ୟ ଚାଲିଥିଲା।

କେନ୍ଦ୍ରରେ ମନ୍ତ୍ରୀ ହେବା ସହିତ ଦୁଇଥର ଓଡ଼ିଶାର ମୁଖ୍ୟମନ୍ତ୍ରୀ ହୋଇଥିଲେ। ୧୯୭୭ରେ ବିଜୁବାବୁ କେନ୍ଦ୍ରାପଡ଼ା ଲୋକସଭା ଆସନରୁ ବିଜୟୀ ହୋଇଥିବା ବେଳେ ୧୯୮୦ ଓ ୧୯୮୪ରେ ସେହି କେନ୍ଦ୍ରାପଡ଼ା ଆସନରୁ ଲୋକସଭାକୁ ବିଜୟୀ ହୋଇଥିଲେ। ୧୯୯୬ରେ ଉଭୟ ଆସିକା ଓ କଟକ ଲୋକସଭା ଆସନରେ ପ୍ରାର୍ଥୀ ହୋଇ ବିଜୟୀ ହୋଇଥିଲେ। ପରବର୍ତ୍ତୀ ସମୟରେ କଟକ ଆସନଟି ଛାଡ଼ି ଦେଇଥିଲେ। ୧୯୪୬ରୁ ୧୯୯୭ ଯାଏଁ ରାଜନୈତିକ ଯାତ୍ରାରେ ବିଜୁବାବୁଙ୍କୁ ଯେତିକି ସଫଳତା ମିଳିଥିଲା ସେତିକି ବିଫଳତା ମଧ୍ୟ ମିଳିଥିଲା। ୧୯୬୧ ମସିହା ଜୁନ୍ ୨୩ ତାରିଖରୁ ୧୯୬୩ ମସିହା ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ସେ ପ୍ରଥମ ଦଫାରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହୋଇଥିଲେ। ଦ୍ୱିତୀୟବାର କ୍ଷମତାକୁ ଆସିବା ପାଇଁ ତାଙ୍କୁ ଦୀର୍ଘବର୍ଷ ଲାଗିଯାଇଥିଲା।

୧୯୯୦ରେ ସେ ପୁଣି ମୁଖ୍ୟମନ୍ତ୍ରୀ ପଦ ଫେରି ପାଇଥିଲେ। କେନ୍ଦ୍ରରେ ସେ ମନ୍ତ୍ରୀ ହୋଇଥିଲେ ସତ କିନ୍ତୁ ଯେତେବେଳେ ଭାରତର ବର୍ଷର ପ୍ରଧାନମନ୍ତ୍ରୀ ହେବାର ସୁଯୋଗ ଆସିଲା ସେତେବେଳେ ସେ ସେଥିରୁ ବଞ୍ଚିତ ହୋଇଥିଲେ। ହୋଇପାରେ ବିଧିର ବିଡ଼ମ୍ବନା ଥିଲା। ସେ ପ୍ରଧାନମନ୍ତ୍ରୀ ତିଆରି କରିଥିଲେ। ମାତ୍ର ନିଜେ ପ୍ରଧାନମନ୍ତ୍ରୀ ହୋଇପାରିନଥିଲେ। ୧୯୧୬ ମାର୍ଚ୍ଚ ୫ ତାରିଖରେ ସେ ଜନ୍ମ ହୋଇଥିଲେ।


ସାଇ ଭବନ, ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର,
ଦୂରଭାଷ : ୯୯୩୭୪୭୦୯୮୦


# ଦାରାଧିନ ସ୍ତଥା ସ୍ୱର୍ଗଃ...


॥ ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥


ନାରୀଙ୍କୁ ସର୍ବତ୍ର ସ୍ୱାଗତ ଓ ସମ୍ମାନ କରାଯାଏ। ନାରୀଙ୍କୁ ତାଙ୍କ ମହାନୀୟତା ଅନୁଯାୟୀର ପ୍ରତିଷ୍ଠା ମଧ ଦିଆଯାଇଛି। ସତ୍ୟଯୁଗରେ ସାବିତ୍ରୀ, ତ୍ରେତୟା ଯୁଗରେ ସୀତା, ଅନୁସୂୟା, ଦ୍ୱାପରରେ କୁନ୍ତୀ, ଦ୍ରୌପଦୀ ଆଦି ନିଜ ନିଜର ପବିତ୍ରତା ଓ ପରାକାଷ୍ଠା ବଳରେ ଯୁଗେ ଯୁଗେ ବନ୍ଦିତ। ଇତିହାସରୁ ଜଣାଯାଏ ଝାନସୀରାଣୀ ଲକ୍ଷ୍ମୀବାଇ, ସରୋଜିନୀ ନାଇଡୁ, ଅରୁଣା ଆସଫ୍ ଅଲ୍ଲୀ, ସୁଚେତା କୃପାଳିନୀ, କମଳା ନେହେରୁ, କସ୍ତୁରବା ଗାନ୍ଧୀ, ମଦରଟେରେସା, ଇନ୍ଦିରାଗାନ୍ଧୀ, ନନ୍ଦିନୀ ଶତପଥୀ ଆଦି ମହୀୟସୀ ମହିଳାମାନେ ନିଜ ନିଜ କ୍ଷେତ୍ରରେ ସେମାନଙ୍କର କାର୍ଯ୍ୟଦକ୍ଷତା ଓ ଅଦମ୍ୟ ଶକ୍ତିର ପରାକାଷ୍ଠା ପ୍ରତିପାଦନ କରି କାଳଜୟୀ ହୋଇପାରିଛନ୍ତି।

ଭାରତୀୟ ସଂସ୍କୃତି ଓ ଧର୍ମରେ ନାରୀକୁ ଆବହମନ କାଳରୁ ପୁରୁଷର ଏକ ଓ ଅବିଚ୍ଛିନ୍ନ ଅଙ୍ଗରୂପେ ସ୍ୱୀକାର କରାଯାଇଛି। ପତ୍ନୀ ବିନା ପତିର କୌଣସି ଧର୍ମକାର୍ଯ୍ୟ, ଯଜ୍ଞାଦି କର୍ମ ସଫଳ ହୁଏନା। ତେଣୁ ତ୍ରୈତ୍ତରୀୟ ପୁରାଣରେ ବର୍ଣ୍ଣିତ ଅଛି – ‘ଅଯଜ୍ଞୋ ବା ଏଷ ପୋଞ୍ଚପତ୍ନୀକଃ।। ଅର୍ଥାତ୍ ଯିଏ ଅପତ୍ନୀକ, ତାର ଯଜ୍ଞପୂର୍ଣ୍ଣ ହୁଏନା। ପତ୍ନୀ ବିନା ଯଜ୍ଞ ଅସମ୍ଭବ ବା ଅପୂର୍ଣ୍ଣ ରହେ। ନାରୀ ସର୍ବଦା କଲ୍ୟାଣକାରୀ। ସେ ପୂଜ୍ୟା। ଗୃହର ଦୀପ୍ତି। ନାରୀ ଧର୍ମକାର୍ଯ୍ୟର ସହାୟିକା ଅଟନ୍ତି। କୁହାଯାଏ – ଦାରାଧିନ ସ୍ତଥା ସ୍ୱର୍ଗଃ... ଅର୍ଥାତ୍ ସ୍ୱର୍ଗ ସ୍ତ୍ରୀର ଅଧିନ ଅଟେ। ମନୁ ସଂହିତାରେ ବର୍ଣ୍ଣିତ ଅଛି – ‘ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ ରମନ୍ତେ ତତ୍ର ଦେବତାଃ, ଯତ୍ରୈତାସ୍ତୁ ନ ପୂଜ୍ୟନ୍ତେ ସର୍ବାସ୍ତତ୍ରା ଫଳାଃ କ୍ରିୟାଃ।।’ ଯେଉଁ ଗୃହରେ ନାରୀକୁ ସମ୍ମାନ ଦିଆଯାଏ, ସେଠାରେ ଦେବ ବାସ କରନ୍ତି। ଯେଉଁଠାରେ ତା’ର ତିରସ୍କାର ହୁଏ, ସେଠାରେ ସମସ୍ତ କାର୍ଯ୍ୟ ନିଷ୍ଫଳ ହୁଏ।

ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ମାନବ ସମାଜ ପ୍ରତି ଗୁରୁବାଣୀ ପ୍ରଦାନ କରି କହିଛନ୍ତି ‘ମଣିଷର କାମ ପ୍ରବୃତ୍ତିକୁ ଦମନ କରିବା ପାଇଁ ମାତୃ ଭାବ ଗୋଟିଏ ମହୌଷଧି ଭଳି କାର୍ଯ୍ୟ କରିଥାଏ। ମଣିଷର ଆଦି ବାକ୍‌ସ୍ଫୁରଣର ପ୍ରଥମ ଶବ୍ଦ ହେଉଛି ମାଆ।’ ଏହା ନିଃସନ୍ଦେହ ମନ ଭିତରେ ମାତୃଭାବ ଜାଗରିତ ହେଲେ ମଣିଷର କୁପ୍ରବୃତ୍ତି ଅବଦମିତ ହୁଏ। ପ୍ରାଚୀନ ଇତିହାସର ତଥ୍ୟରୁ ଜଣାଯାଏ ମାଆ ଜଗତ୍‌ଜନନୀ ଦୁର୍ଗାଙ୍କର ବିଶ୍ୱବିମୋହନ ମାତୃମୂର୍ତ୍ତି ଦର୍ଶନ କରି ମହିଷାସୁରର ଉତ୍କଟ କାମ ପ୍ରବୃତ୍ତି ଅବଦମିତ ହୋଇଥିଲା। ସେହିପରି ଦୁରାଚାରୀ ରାବଣ ସତୀ ସୀତାଙ୍କୁ ଅପହରଣ କରିବା ପରେ ତାଙ୍କର ମାତୃତ୍ୱମୟୀ ବ୍ୟକ୍ତିତ୍ୱର ପ୍ରଭାବରେ ଅଭିଭୂତ ହୋଇ ତାଙ୍କୁ ମା’ ବ୍ୟତୀତ ଆଉ କିଛି ବି ଭାବିପାରି ନଥିଲା। ପରମ ପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଆମ ସମୟରେ ମାତୃ ଜାତିଙ୍କୁ ସମ୍ଭାଷଣ ପ୍ରଦାନରେ କହିଛନ୍ତି – ‘ଝିଅ ମୋର, ତୁମର ସେବା, ତୁମର ଚାଲିବା, ତୁମର ଚିନ୍ତା, ତୁମର କହିବା – ପୁରୁଷ ଜନସାଧାରଣଙ୍କ ମଧ୍ୟରେ ଯେପରି ଏପରି ଗୋଟିଏ ଭାବର ସୃଷ୍ଟି କରେ – ଯେଉଁଥିରେ ସେମାନେ ଅବନତ ମସ୍ତକରେ, ନତଜାନୁ ହୋଇ ସସମ୍ଭ୍ରମେ, ଭକ୍ତି ଗଦ ଗଦ କଣ୍ଠରେ ମା’ମୋର, ଜନନୀ ମୋର, କହି ମୁଗ୍ଧ ହୁଅନ୍ତି, ବୁଦ୍ଧ ହୁଅନ୍ତି, ତୃପ୍ତ ହୁଅନ୍ତି, କୃତାର୍ଥ ହୁଅନ୍ତି – ତେବେ ହିଁ ତୁମେ ଝିଅ – ତେବେ ହିଁ ତୁମେ ସତୀ।’

ପରମପୁରୁଷ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ଦୃଷ୍ଟିରେ ନାରୀ ଓ ପୁରୁଷ ଉଭୟଙ୍କର ଉଲ୍ଲେଖଯୋଗ୍ୟ ସମାନ୍ତରାଳ ବୈଶିଷ୍ଟ୍ୟ ରହିଛି। ନାରୀ ଜୀବନର ବୈଶିଷ୍ଟ୍ୟ ହେଲା – ସ୍ନେହ, ମମତା, ପ୍ରୀତି, ପ୍ରେମ, ସେବା, ସଂରକ୍ଷଣ, ପ୍ରେରଣା ଓ ସୁପ୍ରଜନନ। କୁମାରୀ, ବଧୂ ଏବଂ ମାଆ ଭୂମିକାରେ ନାରୀର ଅବଦାନ ମନୁଷ୍ୟ ଜୀବନକୁ ମଧୁମୟ କରିଉଠାଏ। ଗୋଟିଏ ହାତରେ ଗୃହକର୍ମ ଓ ଅନ୍ୟ ଏକ ହାତରେ ଗୃହ ଶାସନ। ଦୁଇପକ୍ଷ ବିଶିଷ୍ଟ ସମାଜ ଜୀବନରେ ନାରୀ ଗୋଟିଏ ପକ୍ଷ ଓ ପୁରୁଷ ଅନ୍ୟ ଏକ ପକ୍ଷ। ପୁରୁଷ ବୈଶିଷ୍ଟ୍ୟ ମଧ୍ୟରେ ରହିଛି – ପୂରଣ ପ୍ରବଣତା, ସାହସ, ବୀର୍ଯ୍ୟ, ପରାକ୍ରମ ଓ ଆଦର୍ଶପ୍ରାଣତା। ପୁରୁଷ ଛୁଟି ଚାଲେ ଆଦର୍ଶଙ୍କ ପଛରେ ଓ ନାରୀ ଛୁଟି ଚାଲେ ପୁରୁଷ ପଛରେ, ଆଦର୍ଶପ୍ରାଣତାକୁ ବୃଦ୍ଧି କରିବା ଉଦ୍ଦେଶ୍ୟରେ।

ପୁରୁଷ ଓ ନାରୀର ଅଧିକାର ସେମାନଙ୍କର ଏହିପରି ବୈଶିଷ୍ଟ୍ୟରୁ ହିଁ ଭଗବାନ ନିର୍ଦ୍ଧାରଣ କରିଛନ୍ତି। ନାରୀର ସ୍ୱାଧୀନତା ତାଙ୍କର ବୈଶିଷ୍ଟ୍ୟରେ, ଆଉ ଏହି ବୈଶିଷ୍ଟ୍ୟ ଯେଉଁଠାରେ ମୁଖର ଓ ପ୍ରେରଣା ପରିପୃଷ୍ଟ, ସେହିଠାରେ ହିଁ ରହିଛି ନାରୀର ମୁକ୍ତି ବା ସ୍ୱାଧୀନତା। ନରର ବୃତ୍ତିଗୁଡ଼ିକ ଯେଉଁ ନାରୀ ଠାରେ ପରିପୋଷିତ ଓ ପରିବର୍ଦ୍ଧିତ ହୁଏ ଅର୍ଥାତ୍ ଯେଉଁ ନାରୀ ଯେଉଁ ନରର ବୃତ୍ତି ଗୁଡ଼ିକ ନେଇ ସନ୍ତୁଷ୍ଟ, ପୁଷ୍ଟ ଓ ସମ୍ବର୍ଦ୍ଧନାରେ ଯତ୍ନବତୀ, ସେହି ନରନାରୀର ମିଳନ ହିଁ ଶୁଭ। ନାରୀର ଅର୍ନ୍ତନିହିତ ଝୁଙ୍କ୍, ମାତୃତ୍ୱରେ, ଯେଉଁମାନେ ମାତୃତ୍ୱକୁ ଖର୍ବ କରି ନାରୀତ୍ୱର ପ୍ରତିଷ୍ଠା କରିବାକୁ ଚାହାଁନ୍ତି ସେମାନେ ସର୍ବନାଶୀ।

ନାରୀ ପୁରୁଷର ପରିପୋଷକ, ଉଭୟ ମିଶି ଏକ, ନାରୀ ହେଉଛି ପୁରୁଷ ସତ୍ତାର ବାକୀ ଅଂଶ। ସ୍ୱାମୀ ହେଉଛି ସ୍ତ୍ରୀର ସତ୍ତା, ପୁରୁଷର ଏହି ଉଦ୍‌ବେଳାୟିତ ଅବସ୍ଥାକୁ ଅକ୍ଷୁର୍ଣ୍ଣ ରଖିବା ନିମିତ୍ତ ତାକୁ ପୁରୁଷ ଶ୍ରେଷ୍ଠ, ଇଷ୍ଟ, ଗୁରୁ ବା ପୁରୁଷୋତ୍ତମ ସହିତ ସଂଲଗ୍ନ ହେବା ଏକାନ୍ତ ଆବଶ୍ୟକ, ନଚେତ୍ ପୌରୁଷ୍ୱ ଲୋପ ପାଇଯାଏ। ପୁରୁଷ ଯେତେବେଳେ ନାରୀ ଠାରେ କାମମୁଗ୍ଧ ହୋଇଉଠେ ସେତେବେଳେ ତାର ପରିପୂରଣୀ ପ୍ରତିଭା ନଷ୍ଟ ହୁଏ। ମା’ମାନେ ଯଦି ସ୍ୱାମୀଙ୍କ ଠାରେ ସୁକେନ୍ଦ୍ରିକ ନ ହୁଅନ୍ତି ଓ ପୁରୁଷ ଯଦି ଈଶ୍ୱର କେନ୍ଦ୍ରିକ ନ ହୁଅନ୍ତି ତାହାହେଲେ ପରିବାରରେ ମଇଳା ଜମି ଯାଏ। ପୁରୁଷ ସ୍ୱାଧୀନ ହୁଏ ଭଗବାନ (ଗୁରୁ)ଙ୍କୁ ନେଇ ଓ ମା’ମାନେ ସ୍ୱାଧୀନ ସ୍ୱାମୀଙ୍କୁ ନେଇ – ସ୍ୱାମୀ ହେବା ଉଚିତ ଇଷ୍ଟମୁଖୀ ଓ ସ୍ତ୍ରୀର ବୈଶିଷ୍ଟ୍ୟପୂରଣୀ। ଇଷ୍ଟ, ଗୁରୁ ବା ପୁରୁଷୋତ୍ତମଙ୍କ ପ୍ରତି ନିର୍ମଳ ନିଷ୍ଠା ଭିତର ଦେଇ ନିଜକୁ ଶାସନ କରିବାକୁ ହୁଏ ଓ ଏହାଦ୍ୱାରା ଚରିତ୍ର ନିର୍ମଳ ହୁଏ ଓ ପ୍ରେମ ପ୍ରସ୍ଫୁଟିତ ହୁଏ। ଦୃଢ଼କଣ୍ଠରେ ପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଘୋଷଣା କଲେ – ପୁରୁଷ ମାନଙ୍କର ନାରୀ ସାଜିବା ଭଲ ନୁହେଁ ଓ ମା’ମାନଙ୍କର ମଧ ପୁରୁଷ ସାଜିବା ଭଲ ନୁହେଁ। ଅଜସ୍ର ଚେଷ୍ଟା କଲେ ମଧ ପୁରୁଷ କେବେ ମା’ ହୋଇପାରିବେ ନାହିଁ, ମା’ ହିଁ ସନ୍ତାନକୁ ମାପି ଦିଅନ୍ତି ଅର୍ଥାତ୍ ମା’ର ନିଷ୍ଠା, ଭକ୍ତି, ଶ୍ରଦ୍ଧା ଓ ଚରିତ୍ର ଅନୁଯାୟୀ ସନ୍ତାନ ସଦ୍‌ଗୁଣର ଅଧିକାରୀ ହୁଏ। ଯଥାର୍ଥରେ କୁହାଯାଇଛି – ମାତୃଭକ୍ତି ଅଟୁଟ ଯେତେ, ସନ୍ତାନ ହୁଏ କୃତୀ ସେତେ। ବୈକୁଣ୍ଠ ସମାନ ଆହା ଅଟେ ସେହି ଘର, ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର।


ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭


# ନାରୀର ସପ୍ତ ସଦ୍‌ଗୁଣ


॥ ଡ଼ଃ.ଅରୁନ୍ଧତୀ ଦେବୀ ॥


ଶାସ୍ତ୍ରରେ ନାରୀମାନଙ୍କୁ ସପ୍ତ ସଦ୍‌ଗୁଣର ଅଧିକାରିଣୀ ବୋଲି କୁହାଯାଇଛି। ସତ୍ୟ, ପ୍ରେମ, ଧର୍ମ, ଶାନ୍ତି, ସହନ, ଆନନ୍ଦ ଓ ସ୍ୱାନୁଭୂତି। ସେ ଘରର ସ୍ତ୍ରୀ, ଯେ କି ଘରର ସୁନାମର ଆଧାର। ସେହିପରି ରାଜ୍ୟ ଦେଶ, ଏପରିକି ବିଶ୍ୱର ମର୍ଯ୍ୟାଦା ରକ୍ଷାରେ ନାରୀମାନଙ୍କର ମୁଖ୍ୟ ଭୂମିକା ରହିଛି। ଘର ଭିତରେ ନାରୀକୁ ଗୃହଲକ୍ଷ୍ମୀର ଉଚ୍ଚ ମର୍ଯ୍ୟାଦା ଦିଆଯାଇଛି। ପତି ଅସୁବିଧାର ସମ୍ମୁଖୀନ ହେବା ବେଳେ ପତ୍ନୀ ସଙ୍ଗେ ସଙ୍ଗେ ତାଙ୍କ ଦୁଃଖରେ ଭାଗୀ ହୁଏ ଏବଂ ପତି ତଥା ପରିବାରର କଲ୍ୟାଣ ପାଇଁ ଯେ କୌଣସି କାର୍ଯ୍ୟ କରିବାକୁ ଯେ କୌଣସି ଦୁର୍ଦ୍ଦଶା ଭୋଗିବାକୁ ଏପରିକି ନିଜର ଜୀବନ ତ୍ୟାଗ କରିବାକୁ ପ୍ରସ୍ତୁତ ଥାଏ। ଘରଣୀ ହିଁ ଘରର ସୁନାମ ପଛରେ ଥାଏ। ନାରୀ ତ୍ୟାଗସ୍ୱରୂପିଣୀ ଅଟେ। ପୁରୁଷ ତ୍ୟାଗ କରୁଥିଲେ ବି ସେଥିରେ ସ୍ୱାର୍ଥଭାବନା ଥାଏ, କିନ୍ତୁ ନାରୀର ତ୍ୟାଗ ପୁରାପୁରି ନିଃସ୍ୱାର୍ଥପର। ସେଥିପାଇଁ ଆମେ ଆମର ନାରୀମାନଙ୍କ ପାଇଁ ଗର୍ବ କରିବା ଉଚିତ।

ନାରୀମାନଙ୍କୁ ଅଷ୍ଟୈଶ୍ୱର୍ଯ୍ୟ ସ୍ୱରୂପିଣୀ ବୋଲି କୁହାଯାଇଛି। ସେଥିପାଇଁ ଆମ ସଂସ୍କୃତିରେ ପିତା, ଗୁରୁ ଓ ଭଗବାନଙ୍କ ଅପେକ୍ଷା ମାତାଙ୍କୁ ସର୍ବୋଚ୍ଚ ସ୍ଥାନ ଦିଆଯାଉଛି। ଯଥାର୍ଥରେ କୁହାଯାଇଛି ‘ଯତ୍ର ନାର୍ଯ୍ୟାସ୍ତୁ ପୂଜ୍ୟନ୍ତେ ତତ୍ର ରମନ୍ତେ ସର୍ବ ଦେବତା’। ଯୁଗପୁରୁଷୋତ୍ତମ ଠାକୁର ଶ୍ରୀ ଶ୍ରୀ ଅନୁକୂଳଚନ୍ଦ୍ର ତାଙ୍କ ଦିବ୍ୟ ସମ୍ଭାଷଣରେ କହିଛନ୍ତି – ନାରୀମାନେ ଲକ୍ଷ୍ମୀ ସ୍ୱରୂପିଣୀ ହୋଇଥିବା ଯୋଗୁଁ ସେମାନଙ୍କୁ ସମ୍ମାନିତା କରାଯିବା ବେଳେ ହିଁ ପୃଥିବୀ ସମୃଦ୍ଧିଲାଭ କରିପାରିବ। ତୁମେ ଏହା ନିଜେ ଦେଖିପାରିବ ଯେଉଁଠାରେ ସଚ୍ଚରିତ୍ରା ନାରୀମାନେ ଥାଆନ୍ତି ସେଠାରେ ତୁମେ ସମସ୍ତ ସମୃଦ୍ଧି ପାଇପାରିବ। ତୁମେ ସମସ୍ତେ ଜାଣିଛ ଯେ ବିଶ୍ୱଯୁଦ୍ଧ ସମୟରେ ଅନେକ ଦେଶ କ୍ଷତିଗ୍ରସ୍ତ ହେଲେ। ଭାରତ ଯଦି ଅକ୍ଷୁର୍ଣ୍ଣ ରହିପାରିଲା, ତାହାର କାରଣ ହେଉଛି କେବଳ ସଚ୍ଚରିତ୍ରା ନାରୀମାନଙ୍କ ଉପସ୍ଥିତି। ଭାରତ ନିଜର ମହାନତା ଓ ଗାରିମା ପାଇଁ ନାରୀମାନଙ୍କ ନିକଟରେ ସମ୍ପୂର୍ଣ୍ଣ ଋଣୀ। ତେଣୁ ନାରୀ ମାନଙ୍କୁ ସମ୍ମାନ କର ଏବଂ ସେମାନଙ୍କୁ ସୁଖୀ କର। ଅତୀତ ହେଉ, ବର୍ତ୍ତମାନ ହେଉ ବା ଭବିଷ୍ୟତ ହେଉ ସର୍ବକାଳରେ ନାରୀ ହିଁ ପ୍ରଗତିର ମେରୁଦଣ୍ଡ, ଦେଶ ଓ ଜାତିର ହୃତ୍‌ପିଣ୍ଡ ଓ ପ୍ରାଣବାୟୁ ସଦୃଶ। ପୁରାଣ ଯୁଗରେ ଗାନ୍ଧାରୀ, ଦ୍ରୌପଦୀ, କୁନ୍ତୀ, ତାରା ଓ ମନ୍ଦୋଦୋରୀଙ୍କୁ ପଞ୍ଚକନ୍ୟା କୁହାଯାଉଥିଲା। ଆଧ୍ୟାତ୍ମିକ ସାଧନା କ୍ଷେତ୍ରରେ ପୁରାଣ ପୃଷ୍ଠାରେ ଗାର୍ଗୀ, ମୈତ୍ରେୟୀ, ସୁଲଭା, ଲୋପାମୁଦ୍ରା, ବିଶ୍ୱବାରାଙ୍କ କୃତୀ ଓ ସ୍ୱୀକୃତି କାଳଜୟୀ ହୋଇରହିଛି। ସେହିପରି ବୈଦିକ ଯୁଗରେ ନାରୀ ମାନଙ୍କ ଦ୍ୱାରା ରଚିତ ଶ୍ଳୋକ ବେଦରେ ସ୍ଥାନ ପାଇଛି। ସ୍ୱାମୀ ବିବେକାନନ୍ଦ ପ୍ରାୟ ଶହେ ବର୍ଷ ତଳେ ଭବିଷ୍ୟବାଣୀ କରିଥିଲେ, ଏକ ବିଂଶ ଶତାବ୍ଦୀ ହେବ ମାତୃ ଗୌରବର ଶତାବ୍ଦୀ। ଠାକୁର ଶ୍ରୀ ଶ୍ରୀ ଅନୁକୂଳଚନ୍ଦ୍ର ତାଙ୍କ ଭାଷାରେ – ‘ମାତା ତା’ର ସ୍ୱାମୀର ସାଥୀ ଓ ପଥ ପ୍ରଦର୍ଶକ, ଶିଶୁର ଆଦ୍ୟଗୁରୁ, ସାମାଜିକ ଜୀବନଧାରାର ଆଧାର, ପରିବାରର ଆଦର୍ଶ, ଦୈହିକ ଓ ମାନସିକ ସ୍ୱାସ୍ଥ୍ୟର ଜାଗ୍ରତ ପ୍ରହରୀ।’ ସେ ଆଦ୍ୟାଶକ୍ତି, ସୃଷ୍ଟିକାରିଣୀ ଓ ସମୃଦ୍ଧିର ଦେବୀ। ଭାରତର ମହାନ ସଂସ୍କୃତିର ସୁରକ୍ଷା କ୍ଷେତ୍ରରେ ନାରୀ ମାନଙ୍କର ଦାନ ଅତୁଳନୀୟ। ବୈଦିକ ଯୁଗରୁ ବର୍ତ୍ତମାନ ପର୍ଯ୍ୟନ୍ତ ନାରୀମାନେ ହିଁ ଭାରତୀୟ ସଂସ୍କୃତିର ସଂରକ୍ଷକ ଓ କର୍ଣ୍ଣଧାର ହୋଇ ଆସିଛନ୍ତି। ଆମ ଜନ୍ମଭୂମି ଭାରତରେ ଅମୃତୋପମ ଭାବ ହେଉଛି ନିଜର ମାତାଙ୍କ ପ୍ରତି ପ୍ରେମ। ଉତ୍ତମ ଚରିତ୍ର ହିଁ ପ୍ରକୃତ ସୌନ୍ଦର୍ଯ୍ୟ, ନୈତିକତା ନାରୀର ପ୍ରାଣବାୟୁ, ଲଜ୍ଜ୍ୟା ତା’ର ଜୀବନୀ ଶକ୍ତି ଓ କଠୋର ସତ୍ୟାନୁସରଣ ହିଁ ତା’ର ପ୍ରତିଦିନର କର୍ତ୍ତବ୍ୟ। ବିଶ୍ୱ ମହିଳା ଦିବସ ଅବସରରେ ଭାରତୀୟ ଧର୍ମ, ସଂସ୍କୃତି ଓ ଦିବ୍ୟ ସମାଜ ଗଠନ ସହ ପରିବାରରେ ମାତୃ ଆଦର୍ଶର ମହନୀୟତା ଚିର ଜାଜ୍ଜ୍ୱଲ୍ୟମାନ ହୋଇ ସମସ୍ତଙ୍କ ପାଇଁ ପ୍ରେରଣାର ଆଲୋକବର୍ତ୍ତିକା ହେଇ ଚାଲିଥାଉ ଏହା ହିଁ କାମନା।


ନିର୍ଦ୍ଦେଶିକା ଓ ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦

## ବିବାଦରେ ବସ୍ତାର ପୂର୍ବତନ ସିଡିପିଓ ଦୀପ୍ତିରାଣୀ ସିଂହ




ବସ୍ତା, (ମହାଭାରତ) : ପୁଣି ବିବାଦରେ ବସ୍ତା ର ପୂର୍ବତନ ସିଡିପିଓ ଦୀପ୍ତି ରାଣୀ ସିଂ । ପୂର୍ବରୁ ଅଙ୍ଗନୱାଡ଼ି କର୍ମୀ ଓ ସହାୟିକା ଚୟନରେ ଅନିୟମିତତା ଓ ଲାଂଚ କାରବାର ଅଭିଯୋଗ ରହିଥିଲା । ଏବେ ପୁଣି ଚାକିରିର ସେଶ ଦିନରେ ଅର୍ଥାତ୍ ଅବସର ଦିନ ଜିଲ୍ଲା ପ୍ରଶାସନ ଓ ଉପଜିଲ୍ଲାପାଳ ଙ୍କ କୋର୍ଟ ନିର୍ଦ୍ଦେଶ କୁ ଅବମାନନା କରି ବହିଷ୍କୃତ ହୋଇଥିବା ଅଙ୍ଗନ ୱାଡ଼ି ସହାୟିକା ଙ୍କୁ ପୁନଃ ନିଯୁକ୍ତି ଦେଇ ବିବାଦ ଘେରକୁ ଟାଣି ହୋଇ ଆସିଛନ୍ତି ଅବସର ପ୍ରାପ୍ତ ଦିପ୍ତିରାଣୀ ସିଂ । ଅଭିଯୋଗ ମୁତାବକ ଗତ ନଭେମ୍ବର ମାସରେ ବସ୍ତା ବ୍ଲକ ସନ୍ତୋଷପୁର ପଂଚାୟତ ରାମଚନ୍ଦ୍ର ପୁର ଅଙ୍ଗନ୍ ୱାଡ଼ି କର୍ମୀ ପାଇଁ ସହାୟିକା ଚୟନ କରାଯାଇଥିଲା । ଏଥିରେ ଛଅ ଜନ ଆବେଦନ କାରୀ ଥିବା ବେଳେ, ଅଧିକ ନମ୍ବର୍ ରେ ସସ୍ମିତା ପାଢ଼ୀଙ୍କୁ ଚୟନ କମିଟି ଚୟନ କରିବା ସହିତ ବସ୍ତା ସିଡିପିଓ ତାଙ୍କୁ ନିଯୁକ୍ତି ମଧ ଦେଇଥିଲେ । ଏନେଇ ସଂଗୀତା ମହାପାତ୍ର ଓ ପ୍ରତିଭା ନାୟକ ଆର.ଟି.ଆଇ ରେ ସସ୍ମିତା ଙ୍କ ଶିକ୍ଷା ଗତ ଯୋଗ୍ୟତା ଓ ନିଯୁକ୍ତି ସମ୍ପର୍କୀୟ ତଥ୍ୟ ମାଗିଥିଲେ । ଏଥିରେ ସସ୍ମିତା ଦେଇଥିବା ସାର୍ଟିଫିକେଟ ରେ ପ୍ରକୃତ ମାର୍କ ୩୭୪ ପରିବର୍ତ୍ତେ ଚଂଚକତା କରି ୫୯୯ ମାର୍କ ଦର୍ଶାଇ ନକଲି ସାର୍ଟିଫିକେଟ ଓ ଜାଲି ଦିବ୍ୟାଙ୍ଗ ସାର୍ଟିଫିକେଟ ଦେଇ ସର୍ବାଧିକ ୯୦.୫୭ ପଏଂଟ ରଖି ଚୟନ ହୋଇଥିବା ତଥ୍ୟ ସାମ୍ନା କୁ ଆସିଥିଲା । ଏନେଇ ଦରଖାସ୍ତ କାରୀ ବାଲେଶ୍ୱର ଉପ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ୍ ରାଜଶିର୍ଖେ ଙ୍କ କୋର୍ଟରେ ଦ୍ୱାରସ୍ଥ ହୋଇ ଉଚିତ୍ କାର୍ଯ୍ୟାନୁଷ୍ଠାନ ସହିତ ନ୍ୟାୟ ପାଇଁ ଆବେଦନ କରିଥିଲେ । ମାମଲାରେ ଉପଜିଲ୍ଲା ପାଳ ସସ୍ମିତା ପାଢ଼ୀ ଙ୍କ ନିଯୁକ୍ତି କୁ ଅବୈଧ ଘୋଷଣା କରିବା ସହିତ ବହିଷ୍କୃତ କରି ପୁନହ ନୂତନ ନିଯୁକ୍ତି ପାଇଁ ନିର୍ଦ୍ଦେଶ ଦେଇଥିଲେ । ମାତ୍ର ବସ୍ତା ସିଡିପିଓ ଦୀପ୍ତି ରାଣୀ ସିଂ ଉକ୍ତ ନିର୍ଦ୍ଦେଶ ଅଣ ଦେଖା କରି , ତରବରିଆ ଭାବେ ଜୁନ ୩୦ ତାରିଖ ଚାକିରିର ଶେଷ ଦିନରେ ଅବସର ନେବା ପୂର୍ବରୁ ମନମୁଖୀ ଭାବେ ପୁଣି ସସ୍ମିତା ପାଢ଼ୀ ଙ୍କ ନିଯୁକ୍ତି ଦେଇଥିବା କଥା ସାମ୍ନା କୁ ଆସିଛି । ଏନେଇ ସଂଗୀତା ମହାପାତ୍ର ଓ ପ୍ରତିଭା ନାୟକ ନିଯୁକ୍ତି ରେ ଅନିୟମିତତା ହୋଇଥିବା ଅଭିଯୋଗ ଆଣିବା ସହିତ ବସ୍ତା ସିଡିପିଓ ଙ୍କୁ ଦାୟୀ କରି ବସ୍ତା ବିଡ଼ିଓ, ବାଲେଶ୍ୱର ଉପଜିଲ୍ଲା ପାଳ, ଜିଲ୍ଲାପାଳ ଙ୍କ ନିକଟରେ କାର୍ଯ୍ୟାନୁଷ୍ଠାନ ସହିତ ନିଯୁକ୍ତି ପ୍ରକ୍ରିୟାରେ ସ୍ୱଚ୍ଛତା ପାଇଁ ଆବେଦନ କରିଛନ୍ତି । ତେବେ ଘଟଣା ବାବଦରେ ଅବସର ପ୍ରାପ୍ତ ସିଡିପିଓ ଙ୍କୁ ମୋବାଇଲ ଯୋଗେ ବାରମ୍ୱାର ଯୋଗା ଯୋଗ କରିଥିଲେ ବି କୌଣସି ପ୍ରତିକ୍ରିୟା ମିଳି ପାରି ନଥିବା ବେଳେ, ଅଫିସ ପରିଚାଳନା ଦାୟିତ୍ୱରେ ଥିବା ଅଧିକାରିଣୀ ସ୍ନେହଲତା ଦାସ ଅଭିଯୋଗ ପାଇଛନ୍ତି ଉଚ୍ଚ ପଦସ୍ଥ ଅଧିକାରୀ ଙ୍କ ଦୃଷ୍ଟି ଆକର୍ଷଣ କରି ନିର୍ଦ୍ଦେଶ କ୍ରମେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଉପଜିଲ୍ଲାପାଳ ଦାୟିତ୍ୱରେ ଥିବା ମଧୁସ୍ମିତା ସାମନ୍ତ ରାୟ ଙ୍କୁ ମୋବାଇଲ ରେ ଯୋଗା ଯୋଗ କରିବାରୁ ସେ ଅବଗତ ଅଛନ୍ତି, ତଦନ୍ତ କରାଯାଇ ଉଚିତ୍ ପଦକ୍ଷେପ ନିଆଯିବ । ଅନ୍ୟ ପଟେ ସ୍ଥାନୀୟ ସରପଂ ସଂଗ୍ରାମ କୁମାର ଦାସ ମହାପାତ୍ର ତୁରନ୍ତ ନ୍ୟାୟିକ ପଦ୍ଧତି ରେ ଯୋଗ୍ୟ ଦରଖାସ୍ତ କାରୀ ଙ୍କୁ ନିଯୁକ୍ତି ଦେବା କୁ ଦାବୀ କରିଛନ୍ତି । ତେବେ ବିଭାଗ ଓ ଜିଲ୍ଲା ପ୍ରଶାସନ କେବେ କି ପ୍ରକାର ନ୍ୟାୟ ଦେବା ସହିତ କାର୍ଯ୍ୟାନୁଷ୍ଠାନ ନେଉଛି ତାହା ଦେଖିବାକୁ ବାକି ରହିଲା ।

## ପୁରୀ ରଥଯାତ୍ରା ଓ ବାହୁଡ଼ାଯାତ୍ରା ଭକ୍ତଙ୍କୁ ଇଫକୋର ସହାୟତା



ପାରାଦୀପ, (ମହାଭାରତ) : ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରା ଓ ବାହୁଡ଼ାଯାତ୍ରା ରେ ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କ ସୁବିଧା ନିମନ୍ତେ ଇଫକୋ ପାରାଦୀପ ୟୁନିଟ ପୁରୀ ର ସେଂଟର ଫର ଆକ୍ସନ ମିଳିତ ସହଯୋଗରେ ଚିରାଚରିତ ପ୍ରଥା ରେ ଜନସେବା କରି ସାଧାରଣରେ ଶୁଖିଲା ଖାଦ୍ୟ,ପାଣି ବୋତଲ ଯୋଗାଣ ଓ ଦର୍ଶନ ପାଇଁ ହୁଇଲ ଚେୟାର ବ୍ୟବସ୍ଥା କରାଯାଇଥିଲା । ସେହିପରି ଇଫକୋ ପକ୍ଷରୁ ଠାକୁର ଙ୍କ ସୁଗମ ଦର୍ଶନ ପାଇଁ ବୟସ୍କ ଓ ଶାରୀରିକ ଅକ୍ଷମ ବ୍ୟକ୍ତି ମାନଙ୍କ ପାଇଁ ସ୍ୱତନ୍ତ୍ର ହୁଇଲ ଚେୟାର ର ବ୍ୟବସ୍ଥା କରାଯାଇଥିଲା । ଚଳିତ ରଥଯାତ୍ରା ଉତ୍ସବ ରେ ପ୍ରବଳ ଜନସମାଗମ କୁ ଦୃଷ୍ଟିରେ ରଖୀ ଭିଡ଼ ନିୟନ୍ତ୍ରଣ ପାଇଁ ଇଫକୋ ପକ୍ଷରୁ ପୁରୀ ପ୍ରଶାସନ କୁ ରୋଡ଼ ବାରିକେଡ଼ ଯୋଗାଇ ଦିଆଯାଇଥିଲା । ଏହି ସମସ୍ତ କାର୍ଯ୍ୟକ୍ରମ କୁ ଇଫକୋ ପାରାଦୀପ ୟୁନିଟ ର ଲୋକ ସମ୍ପର୍କ ଅଧିକାରୀ ଡ଼ଃ.ପ୍ରସନ୍ନ କୁମାର ବେଉରା, ପୁରୀ ର ବିଶ୍ୱବସୁ ଦଇତାପତି ବିନାୟକ ଦାସ ମହାପାତ୍ର, ଦଇତାପତି ଅନାଥ ଦାସ ମହାପାତ୍ର, ସଂଗ୍ରାମ କେଶରୀ ମିଶ୍ର, ମାଧବ ସାହୁ, ମନୋଜ କୁମାର ସାହାଣୀ ମନୋଜ କୁମାର ମହାପାତ୍ର ସଫଳତାର ସହ ପରିଚାଳନା କରିଥିଲେ । ସୂଚନାଥାଉକି ଇଫକୋ ପ୍ରତିବର୍ଷ ପୁରୀ ରଥଯାତ୍ରାରେ ସକ୍ରିୟ ଭାବେ ସହଯୋଗ ଓ ସେବା କାର୍ଯ୍ୟ କରିଆସୁଅଛି । ତେବେ ଇଫକୋ ର ଏପରି ମହତ ସେବା କାର୍ଯ୍ୟ ପାଇଁ ପୁରୀ ର ସେବାୟତ ସମାଜ ଇଫକୋ ପରିଚାଳନା ନିର୍ଦ୍ଦେଶକ ଡ଼ଃ.ୟୁ.ଏସ. ଅୱସ୍ତି, ବୈଷୟିକ ନିର୍ଦ୍ଦେଶକ କେ.ଜେ.ପଟେଲ, ପାରାଦୀପ ୟୁନିଟ ମୁଖ୍ୟ ପି.କେ.ମହାପାତ୍ର ଏବଂ ଏଚଆର ଉପ ମହାପ୍ରବନ୍ଧକ ବି.କେ.ପରିଡା ଙ୍କ ନିରବଚ୍ଛିନ୍ନ ସହଯୋଗ କୁ ଉଚ୍ଚ ପ୍ରଶଂସା କରିଛନ୍ତି ।

## ବାହୁଡ଼ା ଯାତ୍ରାରେ ଦିବ୍ୟାଙ୍ଗମାନଙ୍କୁ ଟ୍ରାଇ ସାଇକେଲ ବାଣ୍ଟିଲେ ହିମାଂଶୁ ମହାନ୍ତି



ସାଲେପୁର, (ମହାଭାରତ) : କଟକ ଜିଲ୍ଲା ସାଲେପୁର ରେ ପୁଣି ଚର୍ଚ୍ଚା ରେ ବିଜେପି ଯୁବ ନେତା.ସମାଜସେବୀ. ଲୋକସେବା ଫାଉଣ୍ଡେସନ ର ଅଧକ୍ଷ ହିମାଂଶୁ ମହାନ୍ତି । ହିମାଂଶୁ ଜନହିତକର ଓ ଲୋକ ପ୍ରିୟତା ଦେଖି ବିରୋଧୀ ଘାଇଲା. ତାଙ୍କର ଏହି ମହତ କାମ ପାଇଁ ଚା ଖଟି ଠାରୁ ଆରମ୍ଭ କରି ବୁଦ୍ଧିଜିବି ମହଲରେ ପ୍ରଶଂସା ପାତ୍ର ସାଜିଲେ ହିମାଂଶୁ । ଆଜି କୋଟି ଓଡ଼ିଆ ଙ୍କ ମଉଡ ମଣୀ ପ୍ରଭୁ ଜଗନ୍ନାଥ ଙ୍କ ବାହୁଡ଼ା ଯାତ୍ରା ।ଏହି ଅବସର ରେ କିଏ କେଉଁଠି ଅନ୍ନଦାନ କରୁଛନ୍ତି ତ କିଏ କିଏ ଜଳଛତ୍ର କିନ୍ତୁ ଦୁଖୀ ଦିବ୍ୟାଙ୍ଗ ମୁହଁରେ ଟିକେ ହସ ଫୁଟାଇବା ପାଇଁ ଆଜିର ଏହି ପବିତ୍ର ଦିନରେ ଲୋକସେବା ଫାଉଣ୍ଡେସନ ତରଫରୁ ଦିବ୍ୟାଙ୍ଗ ମାନଙ୍କୁ ଟ୍ରାଇ ସାଇକେଲ, ହାଣ୍ଡ ଷ୍ଟିକ ବାଂଟିବା ସହିତ ସାଲେପୁରର ଅନେକ ଅଂଚଳରେ ବୃକ୍ଷ ରୋପଣ କରି ପ୍ରଶଂସା ସାଉଁଟିଛନ୍ତି ଲୋକ ସେବା ଫାଉଣ୍ଡେସନର ଅଧକ୍ଷ ହିମାଂଶୁ ମହାନ୍ତି । ସରକାରଙ୍କ ଯୋଜନା ରୁ ବଂଚିତ ବହୁ ଅସହାୟ ଦିବ୍ୟାଙ୍ଗ ମାନଙ୍କୁ ସେବା କରି ଟାଙ୍ଗୀ ସାଲେପୁର ଇତିହାସ ରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କଲେ ।

## ଶାନ୍ତି ପୂର୍ଣ୍ଣ ଭାବେ ଡ୍ରାଇଭର ସଂଘ ଆନ୍ଦୋଳନ

ଗଣିଆ, (ମହାଭାରତ ): ଗଣିଆ ଡ୍ରାଇଭର ମହାସଂଘ ର ସଭାପତି ବିଭୁତି ସାମଲ ଙ୍କ ନେତୃତ୍ୱ ରେ ଗଣିଆ ବ୍ଲକର ସମସ୍ତ ଡ୍ରାଇଭର ଏକତ୍ରିତ ହୋଇ ଚଉବଙ୍ଗ ତୋଟା ନିକଟ ବସ ଷ୍ଟାଣ୍ଡ ଠାରେ ଏକତ୍ରିତ ହୋଇ ଶାନ୍ତିପୂର୍ଣ୍ଣ ଭାବରେ ଧାରଣା ରେ ବସି ରହିଛନ୍ତି ।ଯେଉଁ ପର୍ଯ୍ୟନ୍ତ ସେମାନଙ୍କ ର ୭ ଦଫା ଦାବି ପୂରଣ ନହୋଇଛି ସେ ଅନସନରୁ ହଟିବେ ନାହିଁ ବୋଲି କହିଛନ୍ତି । ଗଣିଆ ବ୍ଲକର ଆଠଗୋଟି ପଂଚାୟତର ସମସ୍ତ ଡ୍ରାଇଭର ମାନଙ୍କର ପୂର୍ଣ୍ଣ ସହଯୋଗ ରହିଛି ବୋଲି ସଭାପତି ସାମଲ କହିଛନ୍ତି । ଆଗାମୀ ଦିନ ରେ ଯଦି ଦାବି ପୁରଣ ନହୁଏ ପରିବାର ସହିତ ଧାରଣା ରେ ବସିବା ନେଇ ଚେତାବନୀ ଦେଇଛନ୍ତି କ୍ଷ ପୂର୍ବତନ ସରକାରଙ୍କୁ ଧନ୍ୟବାଦ ଜଣାଇଲେ ଗଣିଆ ଡ୍ରାଇଭର ସଂଘ,ପୂର୍ବ ସରକାର ଦୁଇଟି ଦାବି ପୂରଣ କରିଥିବା ବେଳେ ବର୍ତମାନ ସରକାର ଆମ ସଂଘ କୁ ଭାଗ ଭାଗ କରିବାରେ ଲାଗିପଡିଛନ୍ତି ବୋଲି ଡ୍ରାଇଭର ମାନେ ମତପ୍ରକାଶ କରିଥିଲେ । ଆଗାମୀ ଦିନ ରେ ଏହି ଆନ୍ଦୋଳନ ତୀବ୍ରତର ହେବା ସହିତ ରାଜରାସ୍ତା କୁ ଓଲହାଇବା ନେଇ ଚେତାବନୀ ଦେଇଛନ୍ତି କ୍ଷ ଦେଖିବାକୁ ବାକି ରହିଲା ସରକାର କେତେ ଦୁର ଡ୍ରାଇଭର ମାନଙ୍କ ଦାବି ପୁରଣ କରୁଛନ୍ତି ।

## ଡ୍ରାଇଭର ମହାସଂଘ ତରଫରୁ ଅଖ ଚକ ବନ୍ଦ ଡାକରା; ଯାତ୍ରୀ ହନ୍ତସନ୍ତ




ରାଇରଙ୍ଗପୁର, (ମହାଭାରତ) : ଦେଶର ପ୍ରଗତିରେ ଡ୍ରାଇଭର ମାନଙ୍କର ଭୂମିକା ଅନନ୍ୟ ଓ ଅବର୍ଣ୍ଣନୀୟ ।ଜନ୍ମ ସମୟରେ ଡାକ୍ତରଖାନାକୁ ବୁହା, ଡାକ୍ତରଖାନା, କଳକାରଖାନା, ପରିବହନ, ଶିକ୍ଷାନୁଷ୍ଠାନ, ଖଣି ଖାଦାନ, ସରକାରୀ କାର୍ଯ୍ୟାଳୟ, ବେସରକାରୀ କାର୍ଯ୍ୟାଳୟ ସବୁଠି ଡ୍ରାଇଭରଙ୍କ ଆବଶ୍ୟକ ।କିନ୍ତୁ କୌଣସି ସରକାର ଡ୍ରାଇଭର ମାନଙ୍କ ସାମାଜିକ ସୁରକ୍ଷା ପ୍ରତି ଗୁରୁତ୍ୱ ଦେଉ ନାହାନ୍ତି । ଯାହାକୁ ନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି । ୭ ଦଫା ଦାବି ନେଇ ସେମାନେ ଷ୍ଟିଅରିଂ ଛାଡ ଆନଦୋଳନ ଆଜି ମଙ୍ଗଳବାରଠାରୁ ଆରମ୍ଭ କରିଛନ୍ତି । ଯେପର୍ଯ୍ୟନ୍ତ ସେମାନଙ୍କ ଦାବି ପୂରଣ ହୋଇନାହିଁ ସେପର୍ଯ୍ୟନ୍ତ ସେମାନେ ସେମାନଙ୍କ ଆନ୍ଦୋଳନ ଜାରି ରଖିବେ ବୋଲି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ବିଗତ ସରକାର ସମୟରେ ସେମାନେ ମାର୍ଚ୍ଚ ୨୯ ରୁ ଏପ୍ରିଲ ୬ ପର୍ଯ୍ୟନ୍ତ ଗାନ୍ଧୀ ମାର୍ଗରେ ଶାନ୍ତିପୂର୍ଣ ଆନ୍ଦୋଳନ କରିଥିଲେ । ସରକାର ସେମାନଙ୍କର ଏକମାତ୍ର ଦାବି ପୂରଣ କରିଥିଲେ ।ପରେ ଡବଲ ଇଞ୍ଜିନ ସରକାର ଆସିଲା ।ଡ୍ରାଇଭର ମାନଙ୍କ ସାମାଜିକ ସୁରକ୍ଷା ପ୍ରତି ଅଣ ଦେଖା କରିବାରୁ ଓଡ଼ିଶା ଡ୍ରାଇଭର ସଂଘ ଏକମାସ ତଳେ ସରକାରଙ୍କୁ ସାମ୍ବାଦିକ ସମ୍ମିଳନୀ ଜରିଆରେ ସେମାନଙ୍କ ଦାବି ପ୍ରତି ଧ୍ୟାନ ନ ଦିଅନ୍ତି ତାହାହେଲେ ଜୁଲାଇ ୮ ରୁ ଅନିର୍ଦ୍ଦିଷ୍ଟ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରଖିବେ ବୋଲି କହିଥିଲେ ।ଆଜି ମୟୂରଭଂଜ ଜିଲ୍ଲାର ବାମନଘାଟୀ ଉପଖଣ୍ଡର ରାଇରଙ୍ଗପୁର, ବିଶୋଇ, ବିଜାତଳା, ବାଦାମପାହାଡ, ହାଟବାଦଡା, ଗୋରୁମହିଷାଣୀ, ବହଳଦା, ବଡଡାଲିମା, ଝରାଡିହି, ଯାମଦା,ତିରିଂ ସବୁଆଡେ ଓଡ଼ିଶା ଡ୍ରାଇଭର ସଂଘର ସଦସ୍ୟମାନେ ଶାନ୍ତି ପୂର୍ଣ୍ଣ ଭାବେ ଆନ୍ଦୋଳନ ଜାରି ରଖିଛନ୍ତି । ଜନସାଧା ରଣମାନଙ୍କୁ ସେମାନଙ୍କ ଦାବି ପ୍ରତି ସହାନୁଭୁତି ଦେଖାଇବା ପାଇଁ ଅନୁରୋଧ କରୁଛନ୍ତି ।ଡାକ୍ତରଖାନାକୁ ଯାଉଥିବା ଗାଡ଼ି,ଖାଦ୍ୟ ଗାଡି କୁ ଛାଡି ଦେଉଛନ୍ତି ।ସେମାନଙ୍କ ଦାବି ଗୁଡ଼ିକ ହେଲା ମୋଟର ଡ୍ରାଇଭର ଉନ୍ନୟନ ବୋର୍ଡରେ ଅଟୋଚାଳକଙ୍କୁ ସାମିଲ କରିବା,ଜନସାଧାରଣଙ୍କ ଆକ୍ରୋଶରେ ଶିକାର ହେଉଥିବା ଡ୍ରାଇଭରଙ୍କୁ ସୁରକ୍ଷା,୬୦ ବର୍ଷ ପରେ ସେମାନଙ୍କୁ ଭତା,ପ୍ରତି ୧୦୦ କିମି ଦୂର ଜାତୀୟ ରାଜପଥ ପାର୍ଶ୍ୱରେ ବିଶ୍ରାମ ଘର,ଶୌଚାଳୟ ,ଗାଡ଼ି ପାର୍କିଂ ବ୍ୟବସ୍ଥା ସହ ଟ୍ରମା ସେ[ର,ଖଣି ଖାଦାନ ଏବଂ କାରଖାନା ମାନଙ୍କରେ ୭୦ ଭାଗ ସ୍ଥାନୀୟ ଓଡ଼ିଆ ଡ୍ରାଇଭର ମାନଙ୍କୁ ନିଯୁକ୍ତି,ଡ୍ରାଇଭର ମାନଙ୍କ ପିଲାମାନଙ୍କ ଶିକ୍ଷା ଖର୍ଚ୍ଚ, ସେମାନଙ୍କୁ ଆବାସ ଯୋଜନାରେ ଘର,ସେପଟ୍ମେର ୧ କୁ ଡ୍ରାଇଭର ଦିବସ ଭାବେ ମାନ୍ୟତା ଦେବା,ଗାଡି ଚେକିଂ କ୍ଷମତାପୋଲିସ ଠାରୁ ନେଇ ପରିବହନ ବିଭାଗ ଦେବା ଇତ୍ୟାଦି ।ଆଜି ମଙ୍ଗଳବାର ଦିନ ପ୍ରବଳ ଲଗାଣ ବର୍ଷାକୁ ଖାତିର ନ କରି ରାଇରଙ୍ଗପୁର ରେ ଓଡ଼ିଶା ଡ୍ରାଇଭର ସଂଘ ତରଫରୁ ସଭାପତି ଅମୁଲ୍ୟ ମହାନ୍ତିଙ୍କ ନେତୃତ୍ୱରେ ଆନ୍ଦୋଳନ ଜାରି ରହିଛି ।ତାଙ୍କ ସହିତ ସଂପାଦକ ଅଶ୍ୱିନୀ ମହାନ୍ତ,ଦିଲିପ ମହାନ୍ତ,ପିଂଟୁ ସର୍ଦାର,ପବନ ଗୋପାଲ,ଶଙ୍କର ଗିରି, ପିଂଟୁ ମହାନ୍ତ, ସୁବାସ ମହାନ୍ତ, ହେମନ୍ତ ହାଁସଦା,ଭରତ ଚୌଧୁରୀ,ସୁଶିଲ ଦାସ, ଧାନ ମୁଣ୍ଡା, ତୁଷାର ଗିରି, ବିଜୟ ମୁଣ୍ଡା, ପରମେଶ୍ୱର ଗିରି, ସେଖ୍ କୁର୍ବାନ, ଯାକତୁ କିସ୍କୁ,ଭଗତ ପାତ୍ର, ପଦ୍ମଲୋଚନ ବିନ୍ଧାଣି,ମୋହନ ମାଝୀ, ଦେବ ସୋରେନ ବ୍ୱୋଲ ମହାନ୍ତି, ବିଜୟ ମୁଣ୍ଡା, ତୁଷାର ଗିରି ଏବଂ ଅନ୍ୟ ଡ୍ରାଇଭରମାନେ ଆନ୍ଦୋଳନରେ ସାମିଲ ହୋଇଥିଲେ ।ଡ୍ରାଇଭର ମାନଙ୍କ ଷ୍ଟିଅରିଂ ଛାଡ ଆନ୍ଦୋଳନ ଯୋଗୁଁ ପରିବହନ ବିପର୍ଯ୍ୟସ୍ତ ହୋଇପଡିଛି ଗାଡ଼ି, ଘୋଡ଼ା, ଅଖଚକ ବନ୍ଦ ହୋଇଯାଇଛି ।ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି । ସ୍କୁଲ ଛାତ୍ରଛାତ୍ରୀ ଅଭିଭାବକ, ଶିକ୍ଷକ,ଶିକ୍ଷୟତ୍ରୀ ବିଦ୍ୟାଳୟକୁ ଯାଇ ନ ପାରି ହନ୍ତସନ୍ତ ହେଉଥିବା ଲକ୍ଷ୍ୟ କରାଯାଉଛି ।

## ବନବିଭାଗ ପକ୍ଷରୁ ଆଦର୍ଶ ବିଦ୍ୟାଳୟରେ ବନମହୋତ୍ସବ ସପ୍ତାହ ପାଳିତ



ଦଶପଲ୍ଲା, (ମହାଭାରତ): ଦଶପଲ୍ଲା ବ୍ଲକ ଅନ୍ତର୍ଗତ ଦ୍ୱାରଗାଁ ସ୍ଥିତ ଆଦର୍ଶ ବିଦ୍ୟାଳୟ ପରିସର ରେ ମଧଖଣ୍ଡ ସେକଶନ, ଦଶପଲ୍ଲା ବନାଂଚଳ ବିଭାଗ ଓ ଦ୍ୱାରଗାଁ ଆଦର୍ଶ ବିଦ୍ୟାଳୟ ର ମିଳିତ ଭାବେ ସୋମବାର ଦିନ ବନ ମହୋତ୍ସବ ସପ୍ତାହ -୨୦୨୫ ପାଳନ କରାଯାଇଛି । ବିଦ୍ୟାଳୟ ର ଅଧକ୍ଷ ଙ୍କ ସଭାପତିତ୍ୱ ରେ ଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏ ସମୟରେ ଅବସର ପ୍ରାପ୍ତ ବନପାଳ ତଥା ବ୍ରାହ୍ମଣ ମହାସଂଘ ଓଡ଼ିଶାର ସମିକ୍ଷକ ପ୍ରଫୁଲ କୁମାର ଦାଶ ଉପସ୍ଥିତ ଥିବା ବେଳେ ବନପାଳ ସନ୍ତୋଷ କୁମାର ଦୋରା ଙ୍କ ସମେତ ସ୍କୁଲ ର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ, ଛାତ୍ର ଛାତ୍ରୀ ଓ ଦଶପଲ୍ଲା ବନାଂଚଳର କର୍ମଚାରୀ ମିଶି ବିଭିନ୍ନ ପ୍ରକାର ର ଗଛ ଲଗାଇବା ସହିତ ଚାରା ମଧ୍ୟ ବଂଟନ କରିଥିଲେ । ସଚେତନତା ଅଭିଯାନରେ ‘ଗଛ ଟିଏ ମା ଟିଏ’ ଆଖ୍ୟା ନେଇ ସମସ୍ତେ ସ୍ଲୋଗାନ ଦେବା ସହିତ ନିଜ ନିଜ ବାଡ଼ିରେ ଗୋଟିଏ ଲେଖାଁଏ ଗଛ ଲଗାଇବା ନିମନ୍ତେ ବନାଂଚଳ ଅଧିକାରୀ ପରାମର୍ଶ ଦେଇଥିଲେ । ଗଛ ଟିଏ ଲଗାଇଲେ ମୃତିକା ସରଂକ୍ଷଣ ଦିଗରେ କାମ କରିବ । ନୂତନ ଜଙ୍ଗଲ ସୃଷ୍ଟି ହେଲେ ଜୀବଜଗତ ପାଇଁ ଦରକାର ଥିବା ଅମ୍ଳଜାନ ର ଆବଶ୍ୟକତା ର ଅଭାବ ରହିବ ନାହଁ, ଏପରି ଅନେକ ଉପଯୋଗୀତା ବିଷୟରେ ଛାତ୍ର ଛାତ୍ରୀ ମାନଙ୍କୁ ଅବଗତ କରାଯାଇଥିଲା । ତେବେ ପ୍ରଥମେ ନଡ଼ିଆ ଭାଙ୍ଗି ବା ସହ ପୂଜାର୍ଚନା ପରେ ଗଛ ଲାଗିବା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । କିନ୍ତୁ ପରୀତାପ ର ବିଷୟ ପୂଜା ସମୟରେ ଅଧକ୍ଷ ମହୋଦୟ ତାଙ୍କ ପାଦରୁ ଚପଲ ବାହାର କରିନଥିଲେ । ଏହା ସମସ୍ତ ଙ୍କୁ ବ୍ୟଥିତ କରିଥିଲା ।

## ସାଇସେବା ଜରାଶ୍ରମରେ ଜନ୍ମଦିନ ଓ ବିବାହ ବାର୍ଷିକୀ ପାଳିଲେ ପ୍ରଶାନ୍ତ




ପାରାଦୀପ, (ମହାଭାରତ) : ପାରାଦୀପ ବନ୍ଦର ଚିକିତ୍ସାଳୟ ରେ କାର୍ଯ୍ୟ କରୁଥିବା ପ୍ରଶାନ୍ତ କୁମାର ଲେଙ୍କା (କୁନୁ) ପ୍ରତିବର୍ଷ ଜୁଲାଇ ମାସରେ ଗୋଟିଏ ଦିନ ଅନ୍ତରରେ ପଡୁଥିବା ନିଜ ବିବାହ ବାର୍ଷିକୀ ଓ ଜନ୍ମଦିନ କୁ ଭିନ୍ନ ଏକ ଢଙ୍ଗରେ ପାଳନ କରିଥାନ୍ତି । ଏଥିରେ ସେ ବିଭିନ୍ନ ଅସହାୟ ଗରିବ ଏବଂ ବୃଦ୍ଧାଶ୍ରମରେ ଖାଦ୍ୟ ବିତରଣ କରିବା ସହ ବସ୍ତ୍ର ପ୍ରଦାନ କରି ସାଧାରଣରେ ଏକ ଉଧାହରଣ ସୃଷ୍ଟି କରିଛନ୍ତି କ୍ଷ ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଦିନ ନିଜ ଜନ୍ମ ଦିନରେ ପାରାଦୀପ ଉପକଣ୍ଠ ସ୍ଥିତ ସାଇ ସେବା ଜରାଶ୍ରମ ରେ କେକ୍ କାଟି ଜରାଶ୍ରମ ଅନ୍ତେବାସୀ ଙ୍କ ସହିତ ଜନ୍ମ ଦିନ ପାଳନ କରିବା ସହିତ ସମସ୍ତ ଙ୍କ ପାଇଁ ଭୋଜି ର ଆୟୋଜନ କରିଥିଲେ । ଶେଷରେ ସମସ୍ତ ଅନ୍ତେବାସୀ ପ୍ରଶାନ୍ତ ଙ୍କୁ ଜନ୍ମଦିନ ର ଅଭିନନ୍ଦନ ଜଣାଇବା ସହ ଆଶୀର୍ବାଦ ପ୍ରଦାନ କରିଥିଲେ ।

## ଛଅ ଦଫା ଦାବିରେ ଡ୍ରାଇଭର ସଂଘର ଚକାବନ୍ଦ ଆନ୍ଦୋଳନ

ଜୁନାଗଡ଼, (ମହାଭାରତ): ରାଜ୍ୟ ଡ୍ରାଇଭର ସଙ୍ଘ ଆହ୍ୱାନ କ୍ରମେ ଆଜି କଳାହାଣ୍ଡି ଜିଲ୍ଲାରେ ମଧ ଡ୍ରାଇଭର ମାନେ ଚକବନ୍ଦ ଆନ୍ଦୋଳନରେ ସାମିଲ ହୋଇଥିଲେ । ସେମାନଙ୍କ ଛଅ ଦଫା ଦାବି ଯଥା, ଓଡିଶା ମୋଟର ଟ୍ରାନ୍ସପୋର୍ଟ ଡ୍ରାଇଭର ଓ ୱାର୍କର ୱେଲଫେଆର ବୋର୍ଡରେ ସାମିଲ, ଜନସାଧାରଣଙ୍କ ଆକ୍ରୋଶରେ ଶିକାର ହେଉଥିବା ଡ୍ରାଇଭର ସମାଜର ସୁରକ୍ଷା ପାଇଁ ଏକ ସ୍ୱତନ୍ତ୍ର ଆଇନ, ବୃତିଗତ ଡ୍ରାଇଭରଙ୍କୁ ୬୦ ବର୍ଷ ପରେ ସ୍ୱତନ୍ତ୍ର ଭତା ପ୍ରଦାନ,ଗାଡି ପାର୍କିଂ ଓ ବିଶ୍ରାମ ପାଇଁ ଶହେ କିମି ପରିଧିରେ ବ୍ୟବସ୍ଥା, ଖଣି ଖାଦାନ ଓ କାରଖାନା ମାନଙ୍କରେ ୭୦% ନିଯୁକ୍ତି ଅଗ୍ରାଧିକାର, ସେପଟ୍ମେର ୧ ତାରିଖକୁ ଜାତୀୟ ଡ୍ରାଇଭର ଦିବସ ଘୋଷଣା କରିବାକୁ ଦାବି କରିଛନ୍ତି ।ଆଜି ଡ୍ରାଇଭର ମାନଙ୍କ ଆନ୍ଦୋଳନ ଯୋଗୁଁ ଜିଲ୍ଲାର ବିଭିନ୍ନ ପ୍ରାନ୍ତରେ ଦୈନନ୍ଦିନ ନିର୍ଭରଶୀଳ ଲୋକଙ୍କ ସମେତ ସାଧାରଣ ଜନଜୀବନ ପ୍ରଭାବିତ ହୋଇଥିଲା ।

## ନୂତନ ବିଡ଼ିଓଙ୍କ ସାଲେପୁରରେ ଯୋଗଦାନ



ସାଲେପୁର, (ମହାଭାରତ): କଟକ ଜିଲ୍ଲା ସାଲେପୁର ବ୍ଲକ ରେ ନୂତନ ବ୍ଲକ ଉନ୍ନୟନ ଅଧିକାରୀ ଲୋପାମୁଦ୍ରା ନାୟକ ଯୋଗ ଦେଇଛନ୍ତି । ଆଗରୁ ସେ ରାଜସ୍ୱ ବିଭାଗ କଟକ ଉପ ନିର୍ଦ୍ଦେଶିକା ଭାବେ କାର୍ଯ୍ୟ କରୁଥିଲେ । ଗତ ମେ ମାସରେ ବିଡ଼ିଓ ଖଗେଶ୍ୱର ପାତ୍ର ଅବସର ନେବା ପରେ ଦୁଇ ମାସ ଧରି ବିଡ଼ିଓ ପଦବୀ ଖାଲି ପଡିଥିଲା । ନୂତନ ବିଡ଼ିଓ ଭାବେ ଲୋପା ମୁଦ୍ରା ନାୟକ ଯୋଗ ଦେଇଛନ୍ତି.ନୂତନ ବିଡ଼ିଓ ଙ୍କୁ ବ୍ଲକ ତରଫରୁ ସ୍ୱାଗତ କରିଥିଲେ । ସାଲେପୁର ବ୍ଲକ ର ଗୋପୀନାଥ ପୁର ପୂର୍ବତନ ସରପଂଚ ଦିଲ୍ଲିପ ରାଉତ. ମୁଡାଗିଂଆ ପୂର୍ବତନ ସରପଂଚ ପ୍ରିୟ ମହାପାତ୍ର ମଧକଛ ପଂଚାୟତ ବିଜେପି ସଭାପତି ପ୍ରଭାତ ସ୍ୱାଇଁ. ଯୁବ ମୋର୍ଚ୍ଚା ବାବୁ ଦାସ. ମହିଳା ମୋର୍ଚ୍ଚା ଅନୁସୂୟା ଘଡେଇ. ଗୀତାଞ୍ଜଳି ପ୍ରଧାନ. ରାଇସୁଂଗୁଡା ମଣ୍ଡଳ ସଭାପତି ରମେଶ ନାୟକ. ବାବୁଲି ସ୍ୱାଇଁ ଙ୍କ ସମେତ ବହୁ ବ୍ୟକ୍ତି ସ୍ୱାଗତ କରିଥିଲେ । ବିଡ଼ିଓ ବ୍ଲକ ଅଧକ୍ଷ ରାମଚନ୍ଦ୍ର ଭୋଇ ଙ୍କୁ ଦେଖା କରି ଉନ୍ନୟମୂଳକ କାର୍ଯ୍ୟ ବିଷୟରେ ଆଲୋଚନା କରିଥିଲେ. ସରକାର ଙ୍କ ତରଫରୁ ଆସୁଥିବା ଯୋଜନା ଗୁଡିକ କିପରି ଲୋକ ମାନଙ୍କ ପାଖରେ ପହଂଚିବ ସେ ଦିଗରେ କାମ କରିବେ ଓ ବାକି ଥିବା ଉନ୍ନୟନ ମୂଳକ କାର୍ଯ୍ୟ ଗୁଡିକ ଯଥା ଶୀଘ୍ର ସାରିବେ ବୋଲି ସେ କହିଛନ୍ତି ।

## ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣୀରେ ହାଇଡ୍ରାମା

### ଦିବ୍ୟାଙ୍ଗ ପ୍ରମାଣପତ୍ର ପାଇଁ ହୋ ହାଲା ସହ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଚାବି ପକାଇବାକୁ ଚେଷ୍ଟା କଲେ ଦମ୍ପତି



ନୟାଗଡ଼, (ମହାଭାରତ) : ନୟାଗଡ଼ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣୀ ବେଳେ ଦେଖାବାକୁ ମିଳିଛି ହାଇ ଡ୍ରାମା । ଦିବ୍ୟାଙ୍ଗ ପ୍ରମାଣପତ୍ର ଓ ୩ ହଜାର ୫୦୦ ଟଙ୍କା ସହ ୩୫କେଜି ଚାଉଳ କୁ ଦାବି କରି ଜଣେ ଦିବ୍ୟାଙ୍ଗଙ୍କ ଅଭିଭାବକ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ହୋ ହାଲା କରିବା ସହ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଚାବି ପକାଇବାକୁ କରିଛନ୍ତି ଚେଷ୍ଟା । ଏପରି ରୋଚକ ଘଟଣା ଆଜି ଦେଖାବାକୁ ମିଳିଛି ନୟାଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ । ଅଭିଯୋଗକାରୀଙ୍କୁ ଉପସ୍ଥିତ ଥିବା ପ୍ରଶାସନିକ ଅଧିକାରୀ, ପୁଲିସ ଏବଂ ସାମ୍ବାଦିକ ସମସ୍ତେ ବୁଝାଇଥିଲେ ବି ସେ କୌଣସି କଥା ନ ଶୁଣି ପ୍ରବଳ ହୋହାଲ୍ଲା କରିବା ସହ ତୁମୁଳକାଣ୍ଡ ଭିଆଇଛନ୍ତି । ସୂଚନାନୁସାରେ, ଲାଠିପଡ଼ା ଗ୍ରାମର ବୈରାଗୀ ମହାରଣାଙ୍କ ପୁଅ ସଞ୍ଜୟ ମହାରଣା ଜଣେ ଦିବ୍ୟାଙ୍କ । ସଞ୍ଜୟ ଙ୍କ ପାଖରେ ଆଗରୁ ୭୫% ପ୍ରତିଶତ ଦିବ୍ୟାଙ୍ଗ ପ୍ରମାଣପତ୍ର ପାଇଥିବାରୁ ତାଙ୍କୁ ସାମାଜିକ ସୁରକ୍ଷା ବିଭାଗ ଏକ ହଜାର ଦୁଇଶହ ଟଙ୍କା ଭତା ପ୍ରଦାନ କରୁଛନ୍ତି । ବାସ୍ତବରେ ସଞ୍ଜୟ ୯୦% ପ୍ରତିଶତରୁ ଉର୍ଦ୍ଧ ଦିବ୍ୟାଙ୍ଗ ଅଟନ୍ତି । ଏଣୁ କାହିଁକି ତାଙ୍କୁ ୩ ହଜାର ୫୦୦ ଟଙ୍କା ଭ[illegible]ା ମିଳୁନି ବୋଲି ସଞ୍ଜୟ ଙ୍କ ବାପା ବୈରାଗୀ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଅଭିଯୋଗ କରିଥିଲେ । ମାତ୍ର ବୈରାଗୀ ଙ୍କ ଅଭିଯୋଗ କୁ ଜିଲ୍ଲାପାଳ ନ ଶୁଣି ବୈରାଗୀ ଙ୍କୁ ଜିଲ୍ଲାପାଳ ଦୁବ୍ୟବହାର କରିଥିବା ଏବଂ ମୋ ପିଲାକୁ ନ୍ୟାୟମିଳୁନଥିବା ଅଭିଯୋଗ କରି ସେ ସଞ୍ଜୟଙ୍କୁ ହୁଇଲ୍ ଚେୟାର ରୁ ଟେକି ନେଇ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ବାରଣ୍ଡାରେ ଗଡ଼ାଇ ଦେଇଥିଲେ । ଏବଂ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ କୁ ଚାବି ପକାଇବାକୁ ଚେଷ୍ଟା କରିଥିଲେ । ଏପରିକି ତାଙ୍କୁ ବୁଝାଇବାକୁ ଆସିଥିବା ଜିଲ୍ଲା ମୁଖ୍ୟ ଚିକିତ୍ସାକାରୀ ଡା ସୁଶାନ୍ତ କୁମାର ଦାଶଙ୍କ ସହ ବୈରାଗୀ ବଚସା କରିଥିଲେ । ଏହାକୁ ନେଇ ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର ଜିଲ୍ଲା ମୁଖ୍ୟ ଉନ୍ନ ?ୟନ ଅଧିକାରୀ ଲଗ୍ନଜିତ ରାଉତ ସଞ୍ଜୟ ଏବଂ ତାଙ୍କ ମାଆଙ୍କୁ ଡାକି ବୁଝାଶୁଝା କରିଥିଲେ । ସେମାନେ କୌଣସି କଥାକୁ ଗ୍ରହଣ ନକରି ସିଧାସଳଖ ସରକାରୀ ଯୋଜନା ସହ ଏକ ଜନ ଶୁଣାଣୀ ରେ ଗରିବ ଲୋକଙ୍କୁ କି ପ୍ରକାର ନ୍ୟାୟ ର ବ୍ୟବସ୍ଥା ଅଛି ବୋଲି ପ୍ରଶ୍ନ ଉଠାଇଥିଲେ । ସରକାରୀ କର୍ମଚାରୀ ମାନେ ମଧ ଯେତେ ବୁଝାଇଲେ ବି କୌଣସି କଥାକୁ ନ ବୁଝି ପ୍ରବଳ ହୋହାଲ୍ଲା କରିଥିଲେ । ସଞ୍ଜୟଙ୍କ ବିଦ୍ୟାଙ୍ଗ ପ୍ରମାଣପତ୍ରକୁ ସଂଶୋଧନ କରିବା ପାଇଁ ବ୍ୟବସ୍ଥା କରିବାକୁ ପ୍ରଶାସନିକ ଅଧିକାରୀ ମାନେ ସାମାଜିକ ସୁରକ୍ଷା ବିଭାଗ ଓ ବିଡିଓଙ୍କୁ ପରାମର୍ଶ ଦେଇଛନ୍ତି । ପ୍ରତ୍ୟେକ ମାସର ପ୍ରଥମ ସୋମବାର ନୟାଗଡ଼ ଜିଲ୍ଲାପାଳ ଙ୍କ ଜିଲ୍ଲା ହେଡକ୍ୱାର୍ଟର୍ସ ରେ ହେଇଥାଏ ଜନ ଶୁଣାଣୀ । ଏହି ଜନ ଶୁଣାଣୀ ରେ ନୟାଗଡ଼ ବିଭିନ୍ନ ସ୍ଥାନରୁ ବିଭିନ୍ନ ଅଭିଯୋଗ ଆଣି ଆସି ନୟାଗଡ଼ ଜିଲ୍ଲାପାଳ ଙ୍କୁ ନିଜର ଦୁଃଖ ଜଣାଉଥିବା ବେଳେ ଦେଖିବାକୁ ମିଳିଥିଲା ହାଇ ଡ୍ରାମା । ଏପରି ଜନ ଶୁଣାଣୀ ରେ ଦିନ ତମାମ୍ ବୈରାଗୀ ଙ୍କ ଡ୍ରାମା ଏକ ରୋଚକ ମୁହୂର୍ତ୍ତ ସୃଷ୍ଟି କରିଥିଲା ।

## ପାରଳାର ପଣ୍ଡିତ ରଘୁନାଥ ପାଇଲେ ଉତ୍କଳ ରତ୍ନ ସମ୍ମାନ - ୨୦୨୫



ପାରଳାଖେମୁଣ୍ଡି (ମହାଭାରତ) : ଶ୍ରୀକ୍ଷେତ୍ର ପୁରୀ ଠାରେ ପବିତ୍ର ସୁନାବେଶ ଅବସରରେ ଜଗନ୍ନାଥ ମନ୍ଦିର ପ୍ରଶାସନ ଓ ପୁରୀ ଜିଲ୍ଲା ପ୍ରଶାସନ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ୩୦ ତମ ସୁନାବେଶ ଭଜନ ସମାରୋହରେ ଓଡ଼ିଶାର ବିଶିଷ୍ଟ ସଂଗୀତ ଗୁରୁ ପଣ୍ଡିତ ରଘୁନାଥ ପାତ୍ରଙ୍କୁ ଉତ୍କଳ ରତ୍ନ -୨୦୨୫ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ଡ଼. ବଦ୍ରିନାଥ ମିଶ୍ର , ସମ୍ପାଦକ ମନୋଜ କୁମାର ଦାସ ମହାପାତ୍ର , ଆବାହକ ପ୍ରଣବ ପଟ୍ଟନାୟକ ଓ ଅନ୍ୟାନ୍ୟ ପ୍ରଶାସନିକ ଅଧିକାରୀ ମାନେ ଯୋଗ ଦେଇଥିଲେ। ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ଉକ୍ତ ସମ୍ମାନ ଏହା ପୂର୍ବରୁ ପଦ୍ମଶ୍ରୀ ଶ୍ୟାମାମଣୀ ଦେବୀ , ପଦ୍ମଶ୍ରୀ ପ୍ରଫୁଲ କର , ପ୍ରଣବ ପଟ୍ଟନାୟକ ପାଇ ସାରିଛନ୍ତି। ଉକ୍ତ ସମ୍ମାନ ପାଇବା ପରେ ପାରଳାଖେମୁଣ୍ଡି ର କ୍ରିଏଟିଭ ଆର୍ଟସ୍ ର ସଭାପତି ଶ୍ରୀ ନୃସିଂହ ଚରଣ ପଟ୍ଟନାୟକ , ପଦାମୃତ ନୃତ୍ୟାୟନ ର ସଭାପତି କେ.ରଂସ୍ୱାମୀ , ନାଟ୍ୟକାର ଦେବେନ୍ଦ୍ର ଦାସ , ସାମ୍ବାଦିକ ରୁପେଶ କୁମାର ସାହୁ , ଆଦର୍ଶ ଦାସ , ବାସୁଦେବ ଦାସ , ହରିହର ପଟ୍ଟନାୟକ , ବାଳକୃଷ୍ଣ ପାଣିଗ୍ରାହୀ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

# ପନିପରିବା ଦର ଆକାଶ ଛୁଆଁ, ଖାଉଟି ମୁଣ୍ଡରେ ଚଡକ

ଉମରକୋଟ: (ମହାଭାରତ)ପୁଣି ଦର ବୃଦ୍ଧି ଲେଉଟିଛି । ଗତ ଦୁଇ ମାସ ତଳେ ଥିବା ପନିପରିବା ଦର ହଠାତ ବୃଦ୍ଧି ଘଟିଛି। ଦୁଇ ସପ୍ତାହ ହେବ ପନିବରିବା ଦର ବୃଦ୍ଧି ହେଇ ଏବେ ଆକାଶ ଛୁଆଁ ହେବାରେ ଲାଗିଛି । ଗରିବଙ୍କୁ ସତେ ଯେମିତି ପନିପରିବା ବଜାର ମନା ହୋଇଛି। ପରିବା କିଣିଲେ ପକେଟ ଖାଲି ହେଲେ ଭର୍ତ୍ତି ହେଉନି ବ୍ୟାଗ୍ । ସବୁ ପରିବା ଦର ୫୦ରୁ ଶହେ। ଅଧିକାଂଶ ସ୍ଥାନରେ ସବୁଜ ପରିବା ଦର କିଲୋ ପ୍ରତି ଶହେ ଟଙ୍କା । ଉତ୍ପାଦନକୁ ବାଧା ଦେଉଛି ଲଗାଣ ବର୍ଷା । ବର୍ଷା ପାଇଁ ପ୍ରଭାବିତ ହୋଇଛି ପରିବା ବଜାର। ଆବଶ୍ୟକ ଅନୁସାରେ ପରିବା ଆସି ପାରୁନାହିଁ । ଆଉ ଯାହା ଆସୁଛି ସେସବୁ ପଚି ସଢି ଯାଉଛି। ଯେଉଁଥିପାଇଁ ଏବେ ପରିବା ଦର ଶୁଣିଲେ ଡର ମାଡୁଛି ।ନୀତି ଦିନ ବ୍ୟବହାର ହେଉଥିବା ସବୁ କ□। ପନିପରିବା କିଛି ବି ୫୦ ଟଙ୍କା ତଳକୁ ନାହିଁ। ତାହା ପୁଣି ପଡୋଶୀ ଉପରେ ଭରସା । ଏବେ ପ୍ରଶ୍ନ ଉଠୁଛି , କେବେ ଆତ୍ମନିର୍ଭରଶୀଳ ହେବ ଆମ ରାଜ୍ୟ। ବଜାରରେ ବିଭିନ୍ନ ପ୍ରକାରର ପରିବା ଅଛି ସତ ହେଲେ ହାତ ମାରି ବାକୁ ଡର ଲାଗୁଛି । ବାଇଗଣ କିଲୋ ପ୍ରତି ୬୦ ଟଙ୍କା ପର୍ଯ୍ୟନ୍ତ ବିକ୍ରି ହେଉଥିବା ବେଳେ ଜହ୍ନି ୫୦, କଲରା ୮୦, କାକୁଡ଼ି ୫୦, ଭେଣ୍ଡି ୫୦, ପୋଟଳ ୬୦-୮୦, ବିନ୍ସ ୧୦୦-୧୨୦, ଝୁଡଙ୍ଗ ୪୦, ଟମାଟୋ ୪୦ ଟଙ୍କା, ଗାଜର ୫୦ ଟଙ୍କା କିଲୋରେ ବିକ୍ରି କରୁଛନ୍ତି ଖୁଚୁରା ବ୍ୟବସାୟୀ । ଅନ୍ୟପଟେ ପରିବା ଦୋକାନୀ ନିଜେ କିଣିବାକୁ ଡରୁଛନ୍ତି, ବିକିବେ କଣବୋଲି ପଚାରିବା ସାଙ୍ଗକୁ ବର୍ଷା ପାଇଁ ପରିବା




ଆସିବା ବନ୍ଦ ହୋଇଥିବା ଅଭିଯୋଗ କରିଛନ୍ତି । ଗ୍ରାହକ ମଧ ଚା ଦରରେ ପରିବା କିଣୁଥିବାରୁ ଅସନ୍ତୋଷ ବୃଦ୍ଧି ପାଇଛି । ସ୍ଥାନୀୟ ଅଂଚଳରେ ପନି ପରିବା ଉତ୍ପାଦନ ସମୟରେ ଦର ନିୟନ୍ତ୍ରଣ ରହୁଛି । କିନ୍ତୁ ଯେତେବେଳେ ସ୍ଥାନୀୟ ଅଂଚଳର ଉତ୍ପାଦନ କମିଯାଉଛି ସେତେବେଳେ ବାହାର ରାଜ୍ୟର ପନିପରିବା ଆସୁଛି ସେତେବେଳେ ଦର ବୃଦ୍ଧି ଘଟୁଛି। ସ୍ଥାନୀୟ ଚାଷୀଙ୍କ ପାଇଁ ଶୀତଳ ଭଣ୍ଡାର ଅଭାବ ଯୋଗୁଁ ଚାଷୀ ସେମାନଙ୍କ ଉତ୍ପାଦିତ ପନିପରିବାକୁ ଶାଗ ମାଛ ଦରରେ ମଧ୍ୟସ୍ଥିଙ୍କ ମାଧ୍ୟମରେ ବିକ୍ରି କରି ଦେଉଛନ୍ତି । ଯେଉଁଥିପାଇଁ ସେମାନେ ଅଭାବୀ ବିକ୍ରିର ଶିକାର ହେଉଛନ୍ତି । ଶୀତଳ ଭଣ୍ଡାର ସୁବିଧା ଥିଲେ ହୁଏତଃ ସେମାନଙ୍କ ଉତ୍ପାଦିତ ସାମଗ୍ରୀକୁ ଗଚ୍ଛିତ ରଖି ବଜାରର ଚାହିଦା ମୁତାବକ ନିଜ ସାମଗ୍ରୀ ବିକ୍ରି କରି ଲାଭାନ୍ୱିତ ହେଇ ପାରନ୍ତେ । କିନ୍ତୁ ସରକାର ଏଥିପ୍ରତି ଗୁରୁତ୍ୱ ଦେଇନଥିବାରୁ ଚାଷୀ ଶୋଷଣର ଶିକାର ହେଉଛନ୍ତି । ଅନ୍ୟପଟେ ପ୍ରଶାସନ ପକ୍ଷରୁ ଦର ଦାମ ନିୟନ୍ତ୍ରଣ କରିବାରେ ବିଫଳ ହେଉଥିବାରୁ ଖାଉଟି ମୁଣ୍ଡରେ ଚଡକ ପଡିଛି। ବର୍ତ୍ତମାନ ଅଧିକାଂଶ ପନିପରିବା ବାହାର ରାଜ୍ୟ ଆନ୍ଧ୍ର, ରାୟପୁର, ଭଳି ଜାଗାରୁ ଆସୁଥିବା ବେଳେ ବର୍ଷା ଯୋଗୁଁ ଅର୍ଦ୍ଧେକ ବାଟରେ ପଚି ନଷ୍ଟ ହୋଇଯାଉଛି। କିଛି ପରିବା ଟ୍ରକ ବର୍ଷା ପାଇଁ ଆସି ପାରୁନାହିଁୟ ତେଣୁ ବସ୍ତାଏ ପରିବା ଅଧା ନଷ୍ଟ ବାହାରୁ ଥିବାରୁ ଆଉ ଅଧା ପରିବାକୁ ଏମିତି ଅଧିକ ଦରରେ ବିକିବାକୁ ଖୁଚୁରା ବ୍ୟବସାୟୀ ବାଧ ହେଉଥିବା ନେଇ କହିଛନ୍ତି ଗୋଦାମ ମାଲିକ। ତେବେ ବର୍ଷା ଲାଗିରହିଲେ ଆଗକୁ ପନିପରିବା ଦରବୃଦ୍ଧି ତ ଦୂର କଥା ମିଳିବା ମୁସ୍କିଲ ହୋଇଯିବ ବୋଲି ମତ ପ୍ରକାଶ ପାଇଛି।

## ପଞ୍ଚଦିବସୀୟ ଶିକ୍ଷକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ



ଆସିକା (ମହାଭାରତ): ସମଗ୍ର ଶିକ୍ଷା ପକ୍ଷରୁ ଆସିକା ଚିନିଶିଳ୍ପ ନୂଆଗାଁ ଉଚ୍ଚ ବିଦ୍ୟାଳୟ ଠାରେ ପଞ୍ଚଦିବସୀୟ ନିଷ୍ଠା -ସମତା ଓ ଅନ୍ତର୍ନିବେଶୀ ଶିକ୍ଷା ପ୍ରଶିକ୍ଷଣ ଶିବିର ଉଦଘାଟିତ ହୋଇଯାଇଛି। ଏହି ଆୟୋଜିତ କାର୍ଯ୍ୟକ୍ରମ ରେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ବିଭୁ ନନ୍ଦନ ପଣ୍ଡା,ଚିନିଶିଳ୍ପ ନୂଆଗାଁ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ସାମନ୍ତରାୟ, ଗୋଷ୍ଠି ସମ୍ବଳ ଶିକ୍ଷକ ହେମନ୍ତ ନନ୍ଦ, ପ୍ରଶିକ୍ଷକ ରୂପେ ମନୋଜ ତ୍ରିପାଠୀ, ମନ୍ଦାକିନୀ ରଥ, ଶୁଭେନ୍ଦୁ ଶେଖର ଜେନା, ଶିବ ଶଙ୍କର ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହିଥିଲେ । ବିଦ୍ୟାଳୟ ର ଦିବ୍ୟାଙ୍ଗ ଛାତ୍ର ଛାତ୍ରୀ ମାନଙ୍କୁ ଅନ୍ତର୍ନିବେଶୀ ଶିକ୍ଷା,ଭିନ୍ନକ୍ଷମ ର ବିଭାଗୀକରଣ, ଶିଶୁ ମାନଙ୍କ ଅଧିନିୟମ, ବାର୍ଷିକ ବୋର୍ଡ ପରୀକ୍ଷା ର ସୁବିଧା ସୁଯୋଗ, ବିଭିଉ ଅକ୍ଷମତା ହେତୁ ପ୍ରଭାବିତ ହେଉଥିବା ଶିକ୍ଷାର୍ଥୀ ମାନଙ୍କ ସମସ୍ୟା ର ସମାଧାନ, ପାଠ୍ୟ ଅନୁକୂଳ, ସାର୍ବଜନୀନ ଶିକ୍ଷଣ ପ୍ରଣାଳୀ,ଅନ୍ତର୍ନିବେଶୀ ଶ୍ରେଣୀ ଗୃହରେ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ର ପ୍ରୟୋଗ, ପ୍ରଶସ୍ତ ଆପ, ସାକରାତ୍ମକ ଆଚରଣ,ଭାଷା ପରିବେଷଣ, ଗଣିତ ପାଠ୍ୟ, ବିଜ୍ଞାନ ଶିକ୍ଷା, ଗୃହ ଭିତିକ ଶିକ୍ଷା, ବ୍ୟକ୍ତିଗତ ଶୈକ୍ଷିକ ଯୋଜନା, ପାଠ୍ୟ କ୍ରମରେ ଯୋଗ, କଳା ସଂସ୍କୃତି, ଶିକ୍ଷା, ଓ ନୃତ୍ୟ କୁ ସାମିଲ କରିବାକୁ ତାଲିମ ଦିଆଯାଇଛିଲ ।ଯଦ୍ୱାରା ଦିବ୍ୟାଙ୍ଗ ଛାତ୍ର ଛାତ୍ରୀଙ୍କୁ ମୁଖ୍ୟ ସ୍ରୋତ ରେ ସାମିଲ କରାଇବା, ଉଦ୍ଦେଶ ରେ ପ୍ରଶିକ୍ଷଣ ଦିଆଯାଇଥିଲା । ଏହି ଶିବିର କୁ ଚିନି ଶିଳ୍ପ ନୂଆଗାଁ ବିଦ୍ୟାଳୟ ର ସହ ଶିକ୍ଷକ ଶ୍ରୀକାନ୍ତ ପଟନାୟକ ଉପସ୍ଥିତ ରହି ସହଯୋଗ କରିଥିଲେ। ଏହି ପଞ୍ଚ ଦିବସୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ରେ ଖାରିଆ, ବାବନପୁର, ଭେଟନଇ, ହରିଡ଼ା ପଦର, ବଡ଼ ଖୋଲି, ଭେଟନଇ, କାଳ ଷଣ୍ଢ ପୁର କ୍ଲଷ୍ଟର ର ୫୨ ଜଣ ଶିକ୍ଷକ ଶିକ୍ଷୟତ୍ରୀ ଯୋଗ ଦେଇ ଥିଲେ।

# ଚତୁର୍ଦ୍ଧାମୂର୍ତ୍ତିଙ୍କ ନୀଳାଦ୍ରି ବିଜେ ଅନୁଷ୍ଠିତ



ଗଜପତି(ମହାଭାରତ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ଠାରେ ବାହୁଡା ଯାତ୍ରା ପରେ ରଥାରୂଢ ଚତୁର୍ଦ୍ଧାମୂର୍ତ୍ତିଙ୍କ ନୀଳାଦ୍ରି ବିଜେ ହୋଇଯାଇଛି। ଚତୁର୍ଦ୍ଧାମୂର୍ତ୍ତି ରଥାରୂଢ ହୋଇ ପ୍ରତ୍ୟାବର୍ତ୍ତନ ପରେ ଶ୍ରୀମନ୍ଦିର ନିକଟରେ ପହଞ୍ଚିଥିଲେ।ମାଆ ମହାଲକ୍ଷ୍ମୀଙ୍କର ମାନ ଅଭିମାନ ପରେ ପ୍ରଭୁ ଶ୍ରୀ ଜଗନ୍ନାଥ ବୁଝାଇଲା ପରେ ମହାପ୍ରଭୁ ଜଗନ୍ନାଥ ରତ୍ନ ବେଦୀକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି।ପାଗ ଶୁଖିଲା ଥିବାରୁ ଆଖ ପାଖ ଅ□ଳରୁ ବହୁ ଭକ୍ତଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା।ଫୁଲ ତୁଳସୀ ନଡ଼ିଆ କଦଳୀ ଧୂପ ଦୀପ ଧରି ତିନି ଠାକୁରଙ୍କୁ ଭକ୍ତମାନେ ପୂଜାର୍ଚ୍ଚନା କରିଥିଲେ।ଶାନ୍ତି ଶୃଙ୍ଖଳା ରକ୍ଷା କରିବା ସକାଶେ ପୋଲିସ ମୃତ୍ୟୟନ ହୋଇଛି।

## ନିଖିଳ ଉତ୍କଳ ଖଡୁରା ସମାଜ ପକ୍ଷରୁ ୭୬ତମ ବନମୋହୋତ୍ସବ କାର୍ଯ୍ୟକ୍ରମ



କନ୍ଧମାଳ(ମହାଭାରତ): କନ୍ଧମାଳ ଜିଲ୍ଲା ନିଖିଳ ଉତ୍କଳ ଖଡୁରା ସାମଜ ପକ୍ଷରୁ ବାଲିଗୁଡ଼ା ଉପଖଣ୍ଡ ଠାରେ ୭୬ ତମ ବନ ମହୋତ୍ସବ କାର୍ଯକ୍ରମ ଅନୁଷ୍ଠିତ ହୋଇ ଯାଇଛି ।ଏହି କାର୍ଯ୍ୟକ୍ରମରେ ବାଲିଗୁଡା ଉପଖଣ୍ଡ ଅଞ୍ଚଳ ର ସବୁ ବ୍ଲକ ରୁ ଖଡୁରା ସାମଜରୁ ସଦସ୍ୟ ମାନେ ଆସିଥିଲ ।ଖଡୁରା ସମାଜ ପକ୍ଷରୁ କ ନୂଆଗାଁ ବ୍ଲକ ମହାସିଙ୍ଗ ପଞ୍ଚାୟତ ପାଟ୍ଟଶ୍ରୀ ଉଚ୍ଚ ବିଦ୍ୟାଳୟ ଠାରେ ବୃକ୍ଷ ରୋପଣ କରିଥିଲେ।ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସ୍କୁଲ ର ଛାତ୍ର ଛାତ୍ରୀ, ପ୍ରଧାନ ଶିକ୍ଷକ ,ଖଡୁରା ସମାଜ ର ସନ୍ତୋଷ କୁମାର ସୁବୁଦ୍ଧି, ସନ୍ୟାସୀ ନାୟକ, ନିତ୍ୟାନନ୍ଦ ନାୟକ, ସନ୍ତୋଷ ସେନାପତି ସହଯୋଗ ରେ ୧୫୦ରୁ ଉର୍ଦ୍ଧ ବିଭିଉ ଫଳ, ଫୁଲ,ଔଷଧ ବୃକ୍ଷ ରୋପଣ କରାଯାଇଥିଲା । ଏହା ମଧ୍ୟରେ ରହିଛି ନିମ, ପିଜୁଳି, ରକ୍ତ ଚନ୍ଦନ, ତେଜ ପତ୍ର, ଗଙ୍ଗ ଶିଉଳି, ଡାଲଚୀନ, ଚକୁଣ୍ଡା, ସ୍ୱର୍ଣ୍ଣ ଚମ୍ପା,ଏହା ସହ ବିଭିଉ ମୂଲ୍ୟବାନ ଗଛ ରୋପଣ କରିଥିଲେ ।ମା ପାଇଁ ଗଛଟିଏ ସଚେତନତା ବାର୍ତା ଦେଇଥିଲେ ଖଡୁରା ସମାଜ ଓ ଆମେ ଖାଲି ବୃକ୍ଷରୋପଣ କଲେ ହେବନାହିଁ ତାହାର ରକ୍ଷଣାବେକ୍ଷଣ କରି ଗଛଟିକୁ ବଚ୍ଞାଇବାକୁ ଆମେ ସମସ୍ତେ ଶପଥ ନେବାକୁ ମତବ୍ୟକ୍ତ କରିଥିଲେ। ଖଡୁରା ସମାଜର ଏଭଳି କାର୍ଯ୍ୟକ୍ରମ କୁ ସବୁ ଦିଗରୁ ପ୍ରଶଂସା ମିଳିଥିବା ଜଣାପଡିଛି ।

# ଡ୍ରାଇଭର ମାନଙ୍କ ୦୭ ଦଫା ଦାବୀ ନେଇ ଷ୍ଟିୟରିଙ୍ଗ ଛାଡ଼ ଆନ୍ଦୋଳନ

ଆସିକା(ମହାଭାରତ): ଓଡିଶା ଡ୍ରାଇଭର ମହାସଙ୍ଘ ର ପୂର୍ବ ନିଷ୍ପତି ପ୍ରକାର ରେ ଆସିକା ତଥା ଏହାର ଆଖ ପାଖ ଅଞ୍ଚଳର ଡ୍ରାଇଭର ମାନେ ୦୭ ଦଫା ଦାବୀ ନେଇ ଆଜିଠାରୁ ଷ୍ଟିୟରିଙ୍ଗ ଛାଡ଼ ଆନ୍ଦୋଳନ କୁ ଓହ୍ଲାଇଛନ୍ତି । ଆଜି ସକାଳୁ ବସ, ଟ୍ରକ, ଅଟୋ, ମିନିବସ,ଟାଟା ଏସି,ଟ୍ରାକ୍ଟର ମାନଙ୍କ ଡ୍ରାଇଭର ମାନେ ସେମାନଙ୍କ ୦୭ ଦଫା ଦାବୀ କୁ ରାଜ୍ୟ ସରକାର ନମାନିବା କାରଣରୁ ରାଜ ରାସ୍ତା ରେ ଲୋକ ମାନଙ୍କୁ ସେବା ଯୋଗାଉଥିବା ଗାଡି କୁ ଚଳାଇବା ନାହିଁ ବୋଲି ନିଷ୍ପତି ନେଇ ନେଇଛନ୍ତି। ଆନ୍ଦୋଳନ କାରି ଡ୍ରାଇଭର ମାନଙ୍କୁ ଦାବୀ ମୁତାବକ ଓଡିଶା ମୋଟର



ଟ୍ରାନ୍ସପୋର୍ଟ ଡ୍ରାଇଭର ଏବଂ କାର୍ଯ୍ୟରତ ଜନ କଲ୍ୟାଣ ବୋର୍ଡ ରେ ସାମିଲ କରିବା,ଜନସାଧାରଣ ଙ୍କ ଅକ୍ରୋସ ରେ ଶିକାର ହେଉଥିବା ଡ୍ରାଇଭର ମାନଙ୍କ ପାଇଁ ସରକାର ନୂତନ ଆଇନ କାର୍ଯ୍ୟକାରୀ କରିବା, ବୃତ୍ତିଗତ ଡ୍ରାଇଭର ମାନଙ୍କ ବୟସ ୬୦ ବର୍ଷ ହେଲା ପରେ ସ୍ୱତନ୍ତ୍ର ଭତ୍ତା ପ୍ରଦାନ, ବର୍ଷର ସେପ୍ଟେମ୍ବର ୦୧ ତାରିଖ କୁ ଜାତୀୟ ଡ୍ରାଇଭର ଦିବସ ରୂପେ ଘୋଷଣା କରିବା,ଗାଡ଼ିର ପାର୍କିଙ୍ଗ ସମୟ ରେ ଡ୍ରାଇଭର ମାନଙ୍କ ନିମନ୍ତେ ଆଶ୍ରୟସ୍ଥଳୀ ଏବଂ ୧୦୦ କିଲୋମିଟର ବ୍ୟବଧାନ ରେ ଶୌଚଳୟ ର ସୁବିଧା,ଓଡିଶା ର ଖଣି ଖାଦାନ ରେ ୭୦% ଓଡିଶା ର ଡ୍ରାଇଭର ମାନଙ୍କୁ ଗାଡି ଚଳାଇବା ନିମନ୍ତେ ଅଗ୍ରାଧିକାର ଦେବା, ରାସ୍ତାରେ ଗାଡ଼ିରେ କାଗଜପତ୍ର ଯାଞ୍ଚ କରିବା କ୍ଷମତା ପୋଲିସ କୁ ନଦେବା ଉପରେ ସରକାରଙ୍କ ଠାରେ ଦାବୀ ରଖିଛନ୍ତି । ଆଜିର ଏହି ଷ୍ଟିୟରିଙ୍ଗ ଛାଡ଼ ଆନ୍ଦୋଳନରେ ଡ୍ରାଇଭର ସଙ୍ଘ ସଭାପତି ଜଗତ୍ତାଥ ବେହେରା, ସମ୍ପାଦକ ସୁଶାନ୍ତ କୁମାର ସେଠୀ, ଉପ ସଭାପତି ଜିତେନ୍ଦ୍ର ମହାନ୍ତି, କୋଷାଧକ୍ଷ ପବିତ୍ର ଗୌଡ଼ କାଳିଆ ବିଷୋୟୀ, ବସ ଡ୍ରାଇଭର ପ୍ରଦୀପ ପରିଡା, ସଞ୍ଜୟ ଲେଙ୍କା, ଟ୍ରକ ଡ୍ରାଇଭର ନାରାୟଣ ମହାନ୍ତି, ବାବୁଲା ଗୌଡ଼, ମିନିବସ ଡ୍ରାଇଭର ମନୋଜ ସେଠୀ, ସଞ୍ଜୟ ଲେଙ୍କା, ମିହିର ସାହୁ, ଟାଟା ଏସି ର ଦୀପକ ପୋଲାଇ, ବସନ୍ତ ପାଢ଼ୀ, ଟ୍ରାକ୍ଟର ର ଚନ୍ଦନ ନାୟକ, ପ୍ରହଲ୍ଲାଦ ଦଳ ବେହେରା ସମେତ ଶହ ଶହ ଡ୍ରାଇଭର ଏଥିରେ ସାମିଲ ହୋଇଥିବା ଦେଖିବାକୁ ମିଳିଛି ।

## କୀଡୀନି ରୋଗ ନେଲା ଆଉ ଏକ ଜୀବନ

ଦାନଗଦି:( ମହାଭାରତ): ଯାଜପୁର ଜିଲ୍ଲା କଳିଙ୍ଗନଗର ଶିଳ୍ପାଞ୍ଚଳ ସ୍ଥିତ ସୁକିନ୍ଦା ରୋଡ଼ ରେଳ ସାଇଡିଙ୍ଗ ପ୍ଲଟ କୁ ଲାଗିଥିବା ଗାଁ ସୁଆଁଲ, ବିଗତ ଦିନରେ ଏହି ଗାଁରେ ବାୟୁ ଜଳ ପ୍ରଦୂଷଣ ଜନିତ ରୋଗରେ ଆକ୍ରାନ୍ତ ହୋଇ ଶହ ଶହ ଲୋକଙ୍କ ମୁଣ୍ଡ ଗଡ଼ିଲାଣି, କ୍ଲିଙ୍କର, କୋଇଲା ଗୁଣ୍ଡ ଏହି ରେଳ ସାଇଡିଙ୍ଗ ରେ ଅନଲୋଡିଙ୍ଗ ଓ କାରଖାନା ମାନଙ୍କୁ ପରିବହନ ହେବା ଦ୍ୱାରା ଧୂଳି ଧୂଆଁ ମାତ୍ରାଧିକ ଉଡି ସୁଆଁଲ ଗାଁର ପାଣି ପବନ ସମ୍ପୂର୍ଣ ବିଷ ହୋଇଯାଇଛି। ଆଜି ପ୍ରଦୂଷଣ ଜନିତ କୀଡୀନ ଓ ଯକ୍ଷ୍ମା ରୋଗ ଏହି ଗାଁ ବେହେରା ସାହିର ରଘୁନାଥ ନାୟକ (୪୯) ଙ୍କର ମୃତ୍ୟୁ ହୋଇଯାଇଛି।ସେ ସୁକିନ୍ଦା ରୋଡ଼ ରେଳ ସାଇଡିଙ୍ଗ ରେ ଜଣେ ଶ୍ରମିକ ଭାବେ କାମ କରୁଥିଲା, ସେ ସୁକିନ୍ଦା ରୋଡ଼ ଲୋଡି ଅନଲୋଡି ଶ୍ରମିକ ସଙ୍ଘ ର ଜଣେ ସଦସ୍ୟ ଥିଲା, ତେଣୁ ଏ ରେଳ ସାଇଡିଙ୍ଗ ଆଉ କେତେ ମୁଣ୍ଡ ନେଲା ପରେ ଜଳ ର ନମୁନା ଓ ବାୟୁ ନମୁନା ପାଇଁ ଆର. ଡି. ଏସ. ମେସିନ ଗାଁ ମାନଙ୍କ ରେ ପ୍ରଦୂଷଣ ବିଭାଗ ବସାଇ ପଦକ୍ଷେପ ନେବ, ଆଉ ଶ୍ରମିକ ସଙ୍ଗଠନ ତରଫରୁ ତା ପରିବାର କୁ କଣ କ୍ଷତି ପୂରଣ ମିଳିବ ତାହା ଦେଖିବାକୁ ବାକି ରହିଲା।

# ମହିଳା ମାନଙ୍କୁ ଉଦ୍ୟଗି ଓ ସ୍ୱାବଲମ୍ବୀ ପାଇଁ ପ୍ରଶିକ୍ଷଣ

## ସ୍ୱାବଲମ୍ବୀ ମହିଳାମାନଙ୍କୁ ମାନପତ୍ର ସହ ପୁରସ୍କାର ଦେଇ ସମ୍ବର୍ଦ୍ଧିତ




ନୟାଗଡ଼, ( ମହାଭାରତ ) : ନୟାଗଡ ଭରତୀୟ ଷ୍ଟେଟ ବ୍ୟାଙ୍କ ଗ୍ରାମୀଣ ଆତ୍ମନିଯୁକ୍ତି ତାଲିମ ଦ୍ୱାରା କୃତିତ୍ୱ ମହିଳା ମାନଙ୍କୁ ଉଦ୍ୟଗି ପାଇଁ ପ୍ରଶିକ୍ଷଣ। ପୂର୍ବରୁ ନୟାଗଡ ଆଶା ମାଧ୍ୟମରେ ୩୦ ଜଣ ମହିଳା ବିଭିଉ ବିଭାଗ ରେ ପ୍ରଶିକ୍ଷଣ ନେଇଥିଲେ। ସେହି ମହିଳା ମାନେ ବିଭିନ୍ନ କାର୍ଯ୍ୟ କରି ରୋଜଗାର କ୍ଷମ ହୋଇପାରିଛନ୍ତି। ସେହି ମହିଳା ମାନେ ଅଧିକରୁ ଅଧିକ ରୋଜଗାର କରିବା ପାଇଁ ଗ୍ରାମୀଣ ଷ୍ଟେଟ ବ୍ୟାଙ୍କ ଠାରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଅଧିକ ପ୍ରଶିକ୍ଷଣ ଦେଇ କୃତିତ୍ୱ ମହିଳା ମାନେ ରୋଜଗାର କ୍ଷମ ହୋଇପାରିବେ ତାହାରି ଉପରେ ଆଲୋଚନା ହୋଇଥିଲା। ସ୍ୱାବଲମ୍ବୀ ମହିଳା ମାନଙ୍କୁ ଶେଷରେ ମାନପତ୍ର ଓ ପୁରସ୍କାର ଦିଆଯାଇଥିଲା। ଦିନକୁ ଦିନ ବେକାରୀ ସମସ୍ୟା ବୃଦ୍ଧି ପାଇବାରେ ଲାଗିଛି। ପୁରୁଷ ଓ ମହିଳା ଙ୍କୁ ସରକାର ଙ୍କ ପକ୍ଷରୁ ପ୍ରଶିକ୍ଷଣ ଦିଆଯାଉଛି। ଏହାଦ୍ୱାରା ସେମାନେ ରୋଜଗାର କ୍ଷମ ହୋଇପାରିବେ।

## ଦେବଗଡ଼ ରେ ଜିଲ୍ଲାପାଳ ଙ୍କ ଯୁଗ୍ମ ଅଭିଯୋଗ ଶୁଣାଣୀ

ଦେବଗଡ଼(ମହା ଭାରତ) : ସୋମବାର ଦିନ ଜିଲ୍ଲପାଳ ଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ ଯୋଗଦେଇ ୧୭ଟି ଅଭିଯୋଗ ଗ୍ରହଣ କରିବା ସହ ଆବଶ୍ୟକ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଅଭିଯୋଗ ମଧ୍ୟରେ ୧୨ଟି ବ୍ୟକ୍ତିଗତ ଏବଂ ୫ଟି ସାମୁହିକ ଅଭିଯୋଗ ହୋଇଥିବା ଜଣାପଡିଛି । ବିଶେଷ କରି ପୁନର୍ବାର ବିଦ୍ୟାଳୟ ଖୋଲିବା, ଜମିବାଡ଼ି ବିବାଦ, ପାନୀୟ ଜଳ, ମୋ ବସ ଯିବା ନିମନ୍ତେ ପ୍ରମୁଖ ସମାଧାନ ପାଇଁ ଅଭିଯୋଗ ହୋଇଥିଲା । ଅଭିଯୋଗ ଗୁଡିକ ଶୁଣିବା ପରେ ତୁରନ୍ତ ସମାଧାନ ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଶିବିରରେ ଆରକ୍ଷୀ ଅଧିକ୍ଷକ ଅନିଲ କୁମାର ମିଶ୍ର, ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ରାଜେନ୍ଦ୍ର କୁମାର ମିଞ୍ଜ, ଉପ ଜିଲ୍ଲାପାଳ ପରକ୍ଷିତ ସାହୁ, ତହସିଲଦାର କର୍ଣ୍ଣ ମଲ୍ଲିକ ସମେତ ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

# ଆସିକାରେ ହଇଜା : ବିଭିନ୍ନ ହୋଟେଲ ଓ ରେଷ୍ଟୋରେଣ୍ଟରେ ହେବ ଖାଦ୍ୟର ମାନ ଯାଞ୍ଚ

ଆସିକା(ମହାଭାରତ): ରାଜ୍ୟରେ ବର୍ତ୍ତମାନ ସମସ୍ତ ସହରରେ ଖାଦ୍ୟ ନିରାପତ୍ତା ବିଭାଗ ଦ୍ୱାରା ବିଭିନ୍ନ ହୋଟେଲ, ରେଷ୍ଟୋରେଣ୍ଟ, ଖାଦ୍ୟ ନିର୍ମାଣ କମ୍ପାନୀ ମାନଙ୍କରେ ଘନଘନ ଚଢ଼ାଉ ଜାରି ରହିଥିବା ବେଳେ ବାରମ୍ବାର ଅଭିଯୋଗ ପର ମଧ୍ୟ ଆସିକାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି ଯାହାଦ୍ୱାରା ଅଞ୍ଚଳ ବାସୀ ବୁଦ୍ଧିଜୀବୀ ମହଲରେ ଦେଖାଦେଇଛି ତୀବ୍ର ଅସନ୍ତୋଷ । ପ୍ରକାଶ ଥାଉକି ଆସିକା ତଥା ଆଖପାଖ ଅଞ୍ଚଳରେ ଦିନକୁ ଦିନ ଛତୁ ଫୁଟିଲା ଭଳି ହୋଟେଲ ଓ ରେଷ୍ଟୋରେ□ ଖୋଲି ଚାଲିଛି ସେମାନଙ୍କ ମଧ୍ୟରୁ ଅଧିକାଂଶ ବ୍ୟବସାୟୀ ଙ୍କ ନିକଟରେ ଫୁଡ ଲାଇସେନ୍ସ ମଧ୍ୟ ନଥିବାର ଅଭିଯୋଗ ହେଉଛି। ଏହି ହୋଟେଲ ଗୁଡିକରେ ବାସି ଖାଦ୍ୟ ସହ ପଚା ଶଢା ପନିପରିବା ସହିତ ନିମ୍ନମାନର ମସଲା, ଖାଦ୍ୟ କଲର, ଚାଇନା ସ୍ଲଟ ସହିତ ନିମ୍ନ ମାନର ତେଲ ଯାହାକୁ ବାରମ୍ବାର ବ୍ୟବହାର କରିବା ଦ୍ୱାରା ତାହା ଅତି କଦର୍ଯ୍ୟ ଅବସ୍ଥାରେ ବ୍ୟବହୃତ ହେଉଛି ଏବଂ ପରିଷ୍କାର ପରିଚ୍ଛିନ୍ନତା କଥା କହିଲେ ନସରେ।ହୋଟେଲ ଓ ରେଷ୍ଟୋରେଣ୍ଟ ଗୁଡିକରେ ସ୍ୱଛତା ମଧ୍ୟ ଅତି ନିମ୍ନ ମାନର ଅଭିଯୋଗ ହେଉଛି। ଆସିକା ଓ ଏହାର ଆଖପାଖ ଅଞ୍ଚଳ ରେ ସୋଡ଼ା,ମୃଦୁ ପାନୀୟ ଠାରୁ ଆରମ୍ଭ କରି, ମିଠା ସାମଗ୍ରୀ, ପାଉଁରୁଟି, କେକ ଭଳି ଅନେକ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ କରାଯାଉଛି। ହେଲେ ଅଧିକାଂଶ ଖାଦ୍ୟ ସାମଗ୍ରୀରେ ମାନ ଅଧିକାରୀ ମାନେ ଯାଞ୍ଚ କରୁନାହାନ୍ତି କି ଏକ୍ସପାଏରୀ ତାରିଖ ମଧ୍ୟ ଲେଖାଯାଉନି। ଏହା ବ୍ୟତିତ ଖାଦ୍ୟରେ ବ୍ୟବହୃତ ସାମଗ୍ରୀର ତାଲିକା ମଧ୍ୟ ଲେଖାଯାଉନି।



ଫଳରେ ବିଭିନ୍ନ ସମୟରେ ଏକ୍ସପାଏରୀ ଖାଦ୍ୟ ସାମଗ୍ରୀ ଖାଇ ଜନସାଧାରଣ ବିଭିନ୍ନ ରୋଗରେ ଆକ୍ରାନ୍ତ ହେବାର ନଜର ରହିଛି। ସୁପ୍ରିମକୋର୍ଟଙ୍କ ଦ୍ୱାରା ବାରମ୍ବାର ସୂଚିତ କରାଯାଇଛି ଯେ ଖାଦ୍ୟର ଅଧିକାର ହେଉଛି ଭାରତ ସମ୍ବିଧାନର ଧାରା ୨୧ ଅନୁଯାୟୀ ସୁନିଶ୍ଚିତ ଜୀବନର ଅଧିକାରୟ ଏହା ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ। ସେହିପରି ଏହା ମଧ୍ୟ ଭାରତର ସମ୍ବିଧାନର ଧାରା ୧୪ ର ଉଲ୍ଲଂଘନ। କାରଣ ଗରିବ ମାନେ ବଡ ଦୋକାନରୁ ଏକ ଜିନିଷ କିଣି ପାରିବେ ନାହିଁ ଏବଂ ଧନୀ ଲୋକମାନେ ବଜାରରୁ ଅପରିଷ୍କାର ପଦାର୍ଥ ନେଉନାହାଁନ୍ତି। ତେଣୁ ଏହା ଅତ୍ୟନ୍ତ ଅସମାନ ସମାଜ, ଯେଉଁଠାରେ କେବଳ ଗରିବ ଲୋକ ଦୁଃଖ ପାଆନ୍ତି ଆଉ ମରନ୍ତି। ଏନେଇ ବିଭିନ୍ନ ସମୟରେ ଖବର ପ୍ରକାଶ ପାଉଥିଲେ ମଧ୍ୟ ପ୍ରସାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନାହିଁ। ପ୍ରକାଶ ଥାଉକି ଆସିକା ବିଜ୍ଞାପିତ ଅ□ଳ ପରିଷଦ ଅଞ୍ଚଳରେ ଜଣେ ଖାଦ୍ୟ ସୁରକ୍ଷା ଅଧିକାରୀ ନିୟୋଜିତ କରି ନିୟମିତ ଭାବେ ଖାଦ୍ୟର ମାନ ପରୀକ୍ଷଣ କରିବା ସହିତ ଯେଉଁମାନେ ଏହାର ଉଲ୍ଲଙ୍ଘନ କରୁଛନ୍ତି ତାଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଦୋକାନସିଲ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବୀ ହେଉଛି।

## ଚୋରି ସାମଗ୍ରୀ ଜବତ ଅଭିଯୁକ୍ତକୁ କୋର୍ଟ ଚାଲାଣ

ବଡଚଣା,(ମହାଭାରତ) ବଡଚଣା ବ୍ଲକ୍ ବୈରୀ ଥାନା ଅଞ୍ଚଳରେ ଚୋରି ଅଭିଯୋଗରେ ଜଣ କୁ ଗିରଫ କରି କୋର୍ଟ ଚାଲାଣ କରିଛି ବୈରୀ ପୋଲିସ। ସୂଚନା ଥାଉ କି ୨୦୨୪ ମସିହାରେ ବିଦ୍ୟାଧର ପୁର ଗ୍ରାମର ସତ୍ୟଜିତ ସାହୁ ଙ୍କ ଦୋକାନରୁ ଚୋରି ହୋଇ ଥିବା ଅଭିଯୋଗ ହୋଇ ଥିଲା, ସେହି ଅଭିଯୋଗ ଆଧାରରେ ପୋଲିସ୍ ତଦନ୍ତ କରୁ ଥିଲେ, ଦୀର୍ଘଦିନ ପରେ ପୋଲିସ୍ ସେହି ଅଭିଯୁକ୍ତ ମାନଙ୍କୁ ଧରିବାରେ ସଫଳ ହୋଇଛି, ସେମାନଙ୍କ ନିକଟରୁ ଗୋଟିଏ ଗୋଡରେଜ୍ କମ୍ପାନୀର ଏ ସି , ଗୋଟିଏ ଷ୍ଟାବ ଲାଇଜର କୁ ଜବତ କରିଥିଲେ। ଏହି ଚୋରୀ ଅଭିଯୋଗରେ ରାଜେଶ୍ କୁମାର ରାଉତ,ବୟସ ୨୦ ସୋଲର ଅଞ୍ଚଳର ବୋଲି ପୋଲିସ ପକ୍ଷରୁ ସୂଚନା। ଅଭିଯୁକ୍ତ କୁ କେଶ୍ ନଂ -୨୦୯/୨୪ ରୁଜୁ କରି କୋର୍ଟ ଚାଲାଣ କରାଯାଇ ଥିବା ଜଣାପଡିଛି।



# ଏଇ ପୃଥିବୀରେ...

ପ୍ରତିଟି ଖବର ହାତ ପାହାନ୍ତାରେ






## ସ୍କୁଲ ଭ୍ୟାନକୁ ଧକ୍କା ଦେଲା ଟ୍ରେନ୍, ୨ ମୃତ

ତାମିଲନାଡୁ : ତାମିଲନାଡୁର କୁଡ୍ଡାଲୋର ଜିଲ୍ଲାର ସେମାଙ୍କୁପ୍ପମ ଗାଁରୁ ଏକ ଦୁଃଖଦ ଘଟଣା ସାମ୍ନାକୁ ଆସିଛି । ଏହି ଘଟଣା ଆଜି ସକାଳେ ଦେଖିବାକୁ ମିଳିଛି । ସ୍କୁଲ ଭ୍ୟାନ ରେଲୱେ ଟ୍ରାକ୍ ପାର୍ କରୁଥିବା ସମୟରେ ଏପରି ଅଘଟଣ ଘଟିଥିବା ଜଣାପଡିଛି । ଏହି ଅଘଟଣରେ ୨ଜଣ ସ୍କୁଲ ପିଲାଙ୍କ ମୃତ୍ୟୁ ଘଟିଛି । ସୂଚନାନୁଯାୟୀ, ଆଜି ସକାଳ ପ୍ରାୟ ୭.୪୫ ସମୟରେ ରେଲୱେ କ୍ରସିଂ ଗେଟ୍ ଖୋଲା ଥିବାରୁ ସ୍କୁଲ ଭ୍ୟାନ୍ ଡ୍ରାଇଭର ରେଳ ଟ୍ରାକ୍ ପାର ହେବାକୁ ଚେଷ୍ଟା କରିବା ସମୟରେ ଟ୍ରେନ୍ ତାଙ୍କୁ ଧକ୍କା ଦେଇଥିଲା । ଫଳରେ ୫୦ ମିଟର ପର୍ଯ୍ୟନ୍ତ ଟ୍ରେନଟି ସ୍କୁଲ ଭ୍ୟାନକୁ ଟାଣି ନେଇଥିଲା । ଫଳରେ ଦୁର୍ଘଟଣା ସମୟରେ ସ୍କୁଲ ଭ୍ୟାନରେ ଥିବା ୫ଜଣ ପିଲାଙ୍କ ମଧ୍ୟରୁ ୨ଜଣ ପ୍ରାଣ ହରାଇଥିଲେ । ଅନ୍ୟ ୨ଜଣଙ୍କୁ ଆହତ ଅବସ୍ଥାରେ ସରକାରୀ ହସ୍ପିଟାଲରେ ଭର୍ତି କରାଯାଇଥିଲା । ବର୍ତମାନ ପିଲା ଗୁରୁତର ଅବସ୍ଥାରେ ରହିଛନ୍ତି । ଏହାରି ମଧ୍ୟରେ ରେଳବାଇ ସୂଚନା ଦେଇଛନ୍ତି ଯେ, ଯେତେବେଳେ ଗେଟ୍ କିପର ଫାଟକ ବନ୍ଦ କରିବାକୁ ଆଗେଇ ଆସିଲେ, ଭ୍ୟାନ ଡ୍ରାଇଭର ଜୋରଜବରଦସ୍ତି ଫାଟକ ପାର କରିବାକୁ ଚେଷ୍ଟା କରିଥିଲେ । ଏନେଇ ବର୍ତମାନ ତଦନ୍ତ ଆରମ୍ଭ ହୋଇଛି ।

## ପାକିସ୍ତାନର ପେଶାୱାର ସହରରେ ଭୀଷଣ ଅଗ୍ନିକାଣ୍ଡ, ୫ ମୃତ

ପାକିସ୍ତାନ : ପାକିସ୍ତାନର ପେଶାୱାର ସହରରେ ଭୀଷଣ ଅଗ୍ନିକାଣ୍ଡ ଘିଟିଛି । ଏହି ଅଗ୍ନିକାଣ୍ଡରେ ୫ଜଣ ଲୋକଙ୍କର ମୃତ୍ୟୁ ଘଟିଛି । ଏହା ସମେତ ଅନେକ ଲୋକ ମଧ୍ୟ ଆହତ ହୋଇଛନ୍ତି । ଏହି ଅଗ୍ନିକାଣ୍ଡରେ ଦୁଇ ଜଣ ଅଗ୍ନିଶମ ବିଭାଗର କର୍ମଚାରୀ ସମେତ ଅନ୍ୟାନ୍ୟ ଆହତ ରହିଛନ୍ତି । ସୂଚନାନୁଯାୟୀ, ଘଟଣା ବିଷୟରେ ସୂଚନା ଦେଇ ପୋଲିସ କହିଛି ଯେ, ସୋମବାର ରାତିରେ ଖାଇବର ପଖତୁନଖ୍ୱା ପ୍ରଦେଶର ଜନଗହଳିପୂର୍ଣ୍ଣ ଜାନ ଇମାମ ବାରଗା ଅଂଚଳରେ ଥିବା ଏକ ଘରେ ଅଗ୍ନିକାଣ୍ଡ ଘଟିଥିଲା । ଘର ଭିତରୁ ଛଅ ଜଣଙ୍କୁ ବାହାର କରାଯାଇଥିଲା । ଯେଉଁଥିରୁ ପାଂଚ ଜଣଙ୍କର ମୃତ୍ୟୁ ହୋଇଥିଲା । ଅନ୍ୟପଟେ ଜୀବନ ବଂଚାଇବାକୁ ଅଗ୍ନିଶମ ବିଭାଗର କର୍ମଚାରୀ ଘଟଣାସ୍ଥଳରେ ପହଂଚିଥିଲେ । କିନ୍ତୁ ଦୁଇ ଜଣ କର୍ମଚାରୀଙ୍କ ସମେତ ଅନ୍ୟମାନେ ମଧ୍ୟ ଆହତ ହୋଇଛନ୍ତି । ଏହି ଘଟଣାରେ ଆହତ ଅଗ୍ନିଶମ କର୍ମଚାରୀ ଏବଂ ଅନ୍ୟ ଆହତଙ୍କୁ ଚିକିତ୍ସା ପାଇଁ ନିକଟସ୍ଥ ହସ୍ପିଟାଲକୁ ପଠାଯାଇଛି ।

## ଇଣ୍ଡିଗୋ ବିମାନ ଅଟକାଇଲେ ମହୁମାଛି

ଗୁଜୁରାଟ: ବିମାନ ଉଡାଣ ଭରିବା ପାଇଁ ପ୍ରସ୍ତୁତ ହେଉଥାଏ । ଏତିକି ବେଳେ ହଠାତ ମାଡି ଆସିଲେ ଶହ ଶହ ମହୁମାଛି । ମହୁମାଛି ଆକ୍ରମଣରୁ ବଂର୍ଚିବାକୁ ଆରମ୍ଭ ହୋଇଗଲା ଦୌଡାଦୌଡି । ହଁ ଆଜ୍ଞା ଉଡାଣ ଭରିବା ପୂର୍ବରୁ ବିମାନ ରୋକିଲେ ମହୁମାଛି । ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗିଲେ ବି କଥାଟା ସତ । ଶେଷରେ ପରିସ୍ଥିତି ଏତେ ଗମ୍ଭୀର ହୋଇଥିଲା ଯେ ଅଗ୍ନିଶମ ବାହିନୀକୁ ଡାକିବାକୁ ପଡିଥିଲା । ଗୁଜୁରାଟର ସୁରତ ବିମାନବନ୍ଦରରେ ଏପରି କିଛି ଘଟଣା ଦେଖିବାକୁ ମିଳିଛି ଯାହା କେହି କଳ୍ପନା ବି କରିପାରିବେନି । ପ୍ରକୃତରେ ଏକ ଇଣ୍ଡିଗୋ ବିମାନ ସୁରତ ବିମାନବନ୍ଦରରୁ ଜୟପୁର ଯିବାକୁ ଥିଲା । ଏହି ସମୟରେ ମହୁମାଛିଙ୍କ ଏକ ଦଳ ବିମାନ ଉପରେ ଆକ୍ରମଣ କରିଥିଲା । ଯାହା ଫଳରେ ବିମାନ ବିଳମ୍ବ ହୋଇଥିଲା ଏବଂ ଯାତ୍ରୀମାନଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡିଥିଲା । ବିମାନଟି ଗତକାଲି ସନ୍ଧ୍ୟା ୪:୨୦ ରେ ସୁରଟ ବିମାନବନ୍ଦରରୁ ଉଡ଼ାଣ ଭରୁଥିଲା । ଠିକ୍ ସେହି ସମୟରେ ମହୁମାଛିଙ୍କ ଏକ ଦଳ ବିମାନ ଉପରେ ଆକ୍ରମଣ କରିଥିଲେ । ମହୁମାଛିମାନେ ବିମାନର ଲଗେଜ୍ ଗେଟ୍ ଉପରେ ଆକ୍ରମଣ କରିଥିଲେ । ଏତେ ସଂଖ୍ୟକ ମହୁମାଛିଙ୍କ ଯୋଗୁଁ ଲଗେଜ୍ ଲୋଡିଂ କାମ ମଧ୍ୟ ବନ୍ଦ ହୋଇଯାଇଥିଲା । ଏଥିପାଇଁ ଯାତ୍ରୀମାନଙ୍କ ବୋର୍ଡିଂ ମଧ୍ୟ ପ୍ରଭାବିତ ହେଲା । ଏହା ପରେ, ନିଆଁ ଧୂଆଁ ବ୍ୟବହାର କରି ମହୁମାଛିମାନଙ୍କୁ ଘଉଡ଼ାଇବା ପାଇଁ ଚେଷ୍ଟା କରାଯାଇଥିଲା । କିନ୍ତୁ ଏହା ପରେ ବି ମହୁମାଛିମାନେ ଯାଇନଥିଲେ ଯାହାପରେ ଅଗ୍ନିଶମ ବାହିନୀର ଏକ ସ୍ପ୍ରେ ଦ୍ୱାରା ସେମାନଙ୍କୁ ଘଉଡ଼ାଇ ଦିଆଯାଇଥିଲା । ଏହା ପରେ ଯାଇ ମହୁମାଛିମାନେ ବିମାନଠାରୁ ଦୁରକୁ ଗଲେ । ମିଳିଥିବା ସୂଚନା ଅନୁଯାୟୀ, ଯାତ୍ରୀମାନେ ବିମାନରେ ଚଢ଼ିବା ସମୟରେ ଏବଂ ସେମାନଙ୍କ ଲଗେଜ୍ ରଖିବା ସମୟରେ ମହୁମାଛି ଆକ୍ରମଣ କରିଥିଲେ । ଅନେକ ସମୟ ଧରି ମହୁମାଛିଗୁଡିକ ଖୋଲା ଲଗେଜ୍ ଗେଟ୍ ଉପରେ ବସି ରହିଥିଲେ । ମହୁମାଛି ଘଉଡ଼ାଇବା ପାଇଁ ବହୁତ କଠିନ ପରିଶ୍ରମ ଲାଗିଥିଲା । ଏହା ପରେ, ବିମାନଟି ୫:୨୬ ରେ ସୁରକ୍ଷିତ ଭାବରେ ଉଡ଼ାଣ ଭରିବା ଆରମ୍ଭ କରିଥିଲା । ତେବେ ଏବେ ଏହି ଖବର ସୋସିଆଲ ମିଡିଆରେ ହଇଚଇ ସୃଷ୍ଟି କରିଛି ।

## ଆମେରିକାରେ ସଡ଼କ ଦୁର୍ଘଟଣାରେ ଚାଲିଗଲା ୪ଭାରତୀୟଙ୍କ ଜୀବନ



ଆମେରିକା : ଆମେରିକାରେ ଭୟଙ୍କର ଦୁର୍ଘଟଣା । ଚାଲିଗଲା ଗୋଟିଏ ପରିବାରର ୪ ଜଣ ସଦସ୍ୟଙ୍କ ଜୀବନ । ଆମେରିକାର ଏକ ଭାରତୀୟ ପରିବାର ଏକ କାରରେ ଯାଉଥିବା ବେଳେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାର ଶିକାର ହୋଇଥିଲେ । ଫଳରେ ଘଟଣା ସ୍ଥଳରେ ସମସ୍ତଙ୍କର ଜବୀନ ଚାଲିଯାଇଥିଲା । ତେବେ ଏମାନେ ହାଇଦ୍ରାବାଦର ମୂଳବାସିନ୍ଦା ରହିଥିଲେ । ଖବର ମୁତାବକ, ଆମେରିକାର ଆଟଲା[ ନିକଟରେ ଏକ ସଡ଼କ ଦୁର୍ଘଟଣାରେ ପରିବାରର ମୃତ୍ୟୁ ହୋଇଥିଲା । ଏହି ଦୁର୍ଘଟଣାରେ କାରର ୪ ଜଣ ସଦସ୍ୟଙ୍କ ମୃତ୍ୟୁ ହୋଇଥିଲା । ସମସ୍ତେ ହାଇଦ୍ରାବାଦର ଏକ ପରିବାରର ସଦସ୍ୟ । ଏହି ଦୁର୍ଘଟଣା ୭ ଜୁଲାଇରେ ଘଟିଥିଲା । ହାଇଦ୍ରାବାଦରୁ ତେଜସ୍ୱିନୀ ଓ ଶ୍ରୀ ଭେଙ୍କଟ ସେମାନଙ୍କର ଦୁଇ ପିଲାଙ୍କ ସହିତ ଡାଲାସରେ ପହଂଚିଥିଲେ । ପରେ ଛୁଟି ସମୟରେ ଆଟଲାଂଟାରେ ଥିବା ସମ୍ପର୍କୀୟମାନଙ୍କୁ ଭେଟିଥିଲେ । ଗୋଟିଏ ସପ୍ତାହ ପରେ, ଆଟଲାଂଟାରୁ ଡାଲାସ ଫେରୁଥିବା ସମୟରେ, ମଧ୍ୟରାତ୍ରିରେ ସେମାନଙ୍କ କାର ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ପୋଲିସର ସୂଚନା ଅନୁଯାୟୀ, ରାସ୍ତାର ଭୁଲ ପାର୍ଶ୍ୱରେ ଯାଉଥିବା ଏକ ମିନି ଟ୍ରକ୍ ସେମାନଙ୍କ କାର ସହିତ ଧକ୍କା ଦେଇଥିଲା । ଧକ୍କା ହେବା ମାତ୍ରେ କାରରେ ନିଆଁ ଲାଗିଗଲା । ଫଳରେ ୪ ଜଣ ଲୋକ ଜଳିଯାଇଥିଲେ । ଘଟଣା ସ୍ଥଳରୁ ପୋଲିସ କଙ୍କାଳ ଅବଶେଷ ଜବତ କରି ଫରେନ୍ସିକ ଯାଂଚ ପାଇଁ ପଠାଇଛି । ପରିବାର ଲୋକ ଦୁର୍ଘଟଣା ବିଷୟରେ ଶୁଣିବା ପରେ ଶୋକରେ ବୁଡ଼ି ରହିଛନ୍ତି ।

# ଭାରତ-ପାକିସ୍ତାନ ଯୁଦ୍ଧକୁ ନେଇ ପରମାଣୁ ଆକ୍ରମଣ କଥା ଉଠାଇଲେ ଟ୍ରମ୍ପ

ନୂଆଦିଲ୍ଲୀ/ୱାଶିଂଟନ : ଚଳିତ ବର୍ଷ ମେ' ମାସରେ ଲଗାତାର ତିନି ଦିନ ଧରି ଚାଲିଥିବା ଭାରତ ଏବଂ ପାକିସ୍ତାନ ମଧ୍ୟରେ ବିବାଦ ଉପରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକ ବଡ଼ ବୟାନ ଦେଇଛନ୍ତି । ଟ୍ରମ୍ପ ଏକ ବଡ଼ ଦାବି କରିଛନ୍ତି ଯେ ତାଙ୍କ ନେତୃତ୍ୱରେ ଆମେରିକା ଭାରତ ଏବଂ ପାକିସ୍ତାନ ମଧ୍ୟରେ ଏକ ବଡ଼ ଯୁଦ୍ଧକୁ ଏଡାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା । ଟ୍ରମ୍ପ କହିଛନ୍ତି ଯେ ଏହି ବିବାଦ ପରମାଣୁ ଯୁଦ୍ଧ ଆଡ଼କୁ ବଢ଼ିପାରିଥାନ୍ତା, କିନ୍ତୁ ଆମେରିକାର ହସ୍ତକ୍ଷେପ ଏବଂ ବାଣିଜ୍ୟ ଚାପ ନୀତି ଯୋଗୁ ପରିସ୍ଥିତି ନିୟନ୍ତ୍ରଣକୁ ଆସିଥିଲା । ସେ ସୋମବାର ଏକ ସାକ୍ଷାତକାରରେ କହିଛନ୍ତି, 'ଆମେ ଅନେକ ଯୁଦ୍ଧ ବନ୍ଦ କରିଛୁ, ସେଥିମଧ୍ୟରୁ ସବୁଠାରୁ ବଡ଼ ଯୁଦ୍ଧ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଥିଲା । ଆମେ ଏହାକୁ ବାଣିଜ୍ୟ ଉପରେ ବନ୍ଦ କରିଦେଇଛୁ । ଆମେ ଭାରତ ଏବଂ ପାକିସ୍ତାନ ସହିତ କାମ କରୁଛୁ ।' ଆମେରିକାର ରାଷ୍ଟ୍ରପତି ଆହୁରି କହିଛନ୍ତି, 'ଆମେ ସ୍ପଷ୍ଟ ଭାବରେ କହିଥିଲୁ ଯେ ଯଦି ତୁମେ ଯୁଦ୍ଧ କରିବାକୁ ଯାଉଛ, ତେବେ ଆମେ ତୁମ ମଧ୍ୟରୁ କାହା ସହିତ କୌଣସି ବାଣିଜ୍ୟ ଚୁକ୍ତି କରିବୁ ନାହିଁ । ସେମାନେ ହୁଏତ ସେହି ସମୟରେ ପରମାଣୁ ଅସ୍ତ୍ର ତିଆରି କରିବା ପର୍ଯ୍ୟାୟରେ ଥିଲେ । ଏପରି ପରିସ୍ଥିତିରେ, ଏହାକୁ ବନ୍ଦ କରିବା ବହୁତ ଗୁରୁତ୍ୱପୂର୍ଣ୍ଣ ଥିଲା ।'



ଉଲ୍ଲେଖଯୋଗ୍ୟ ଯେ ୨୨ ଏପ୍ରିଲରେ ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ, ଭାରତ ପ୍ରତିଶୋଧ ନେଇ ୬-୭ ମେ' ମଧ୍ୟବ[illegible]ୀ ରାତିରେ ଅପରେଶନ ସିନ୍ଦୂର ଆରମ୍ଭ କରିଥିଲା । ଏହି ସମୟ ମଧ୍ୟରେ ଭାରତ ପିଓକେରେ ୯ଟି ଆତଙ୍କବାଦୀ ଆଡ୍ଡାକୁ ଟାର୍ଗେଟ କରିଥିଲା । ଏହା ପରେ ପାକିସ୍ତାନ ଭାରତର ଅନେକ ସହର ଉପରେ କ୍ଷେପଣାସ୍ତ୍ର ଏବଂ ଡ୍ରୋନ ସାହାଯ୍ୟରେ ଆକ୍ରମଣ କରିଥିଲା, ଯାହାର ଭାରତ ମଧ୍ୟ ଭଲ ଜବାବ ଦେଇଥିଲା । ତିନି ଦିନ ଧରି ଚାଲିଥିବା ସଂଘର୍ଷ ପରେ, ୧୦ ମେ'ରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଯୁଦ୍ଧବିରତି ଘୋଷଣା କରାଯାଇଥିଲା, ଯାହାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଘୋଷଣା କରିଥିଲେ । ତଥାପି, ଭାରତ ସ୍ପଷ୍ଟ କରିଥିଲା ଯେ ଯୁଦ୍ଧବିରତି ପାକିସ୍ତାନ ଦ୍ୱାରା ଅପିଲ କରାଯାଇଥିଲା ଏବଂ ଏଥିରେ ଟ୍ରମ୍ପଙ୍କର କୌଣସି ଭୂମିକା ନାହିଁ ।

## ପୁଣି ଇସ୍ରାଏଲର ଟାର୍ଗେଟରେ ଗାଜା, ୫ ମୃତ



ଇସ୍ରାଏଲ : ପୁଣି ଇସ୍ରାଏଲର ଟାର୍ଗେଟରେ ଗାଜା । ମଙ୍ଗଳବାର ଦିନ ଇସ୍ରାଏଲ ଗାଜା ଉପରେ ଆକ୍ରମଣ କରିଛି । ଗାଜାରେ ପାଟ୍ରୋଲିଂ ସମୟରେ ବିସ୍ଫୋରଣ ଘଟିବାରୁ ଇସ୍ରାଏଲର ପାଂ ଜଣ ସୈନିକଙ୍କ ମୃତ୍ୟୁ ଘଟିଛି । ଏହା ବ୍ୟତୀତ ଦୁଇ ଜଣ ଗୁରୁତର ଆହତ ହୋଇଛନ୍ତି । ଯାହାର ସୂଚନା ଇସ୍ରାଏଲୀ ସେନା ଅଧିକାରୀ ଦେଇଛନ୍ତି । ସୂଚନାନୁଯାୟୀ, ସୈନିକମାନେ ପାଟ୍ରୋଲିଂରେ ଥିବା ସମୟରେ ବିସ୍ଫୋରଣ ହୋଇଥିଲା । ଏହି ଆକ୍ରମଣ ଆମେରିକା ସମର୍ଥିତ ଅସ୍ତ୍ରବିରତି ପ୍ରସ୍ତାବ ଉପରେ ବିଚାର ହେଉଥିବା ସମୟରେ ହୋଇଥିଲା । ଯେଉଁଥିରେ ୫ଜଣ ଇସ୍ରାଏଲ ସୈନିକଙ୍କର ମୃତ୍ୟୁ ଘଟିଛି । ଅନ୍ୟପଟେ ଦୁଇ ସପ୍ତାହ ପୂର୍ବରୁ ଇସ୍ରାଏଲ କହିଥିଲା ଯେ ଜଣେ ପାଲେଷ୍ଟାଇନୀ ଆକ୍ରମଣକାରୀ ସେମାନଙ୍କ ସଶସ୍ତ୍ର ଯାନରେ ଏକ ବୋମା ରଖିଥିଲା । ଯାହା ଫଳରେ ସାତ ଜଣ ସୈନିକଙ୍କ ମୃତ୍ୟୁ ଘଟିଥିଲା । ଦକ୍ଷିଣ ଗାଜାର ଖାନ ୟୁନିସରେ ବିସ୍ଥାପିତ ଲୋକଙ୍କ ଶିବିରକୁ ଟାର୍ଗେଟ କରି ଏକ ଆକ୍ରମଣ କରାଯାଇଥିଲା, ଯେଉଁଥିରେ ଚାରି ଜଣ ପ୍ରାଣ ହରାଇଥିଲେ ବୋଲି ହସ୍ପିଟାଲ ସ୍ୱାସ୍ଥ୍ୟ ଅଧିକାରୀ କହିଛନ୍ତି । ଖାନ ୟୁନିସରେ ଅନ୍ୟ ଏକ ଆକ୍ରମଣରେ, ଜଣେ ମା, ବାପା ଏବଂ ସେମାନଙ୍କର ଦୁଇ ପିଲାଙ୍କ ମୃତ୍ୟୁ ହୋଇଥିଲା । ଏପଟେ ଆକ୍ରମଣ ଯୋଗୁଁ ଗାଜାରେ ୫୬ ହଜାରରୁ ଅଧିକ ଲୋକ ପ୍ରାଣ ହରାଇଛନ୍ତି । ଇସ୍ରାଏଲୀ ସେନାର ଆକ୍ରମଣ ପରେ ଗାଜା ସମ୍ପୂର୍ଣ୍ଣ ଧ୍ୱଂସବିଧ୍ୱଂସ ହୋଇ ଯାଇଛି । ସବୁଠି କୋଠାର ଭଗ୍ନାବଶେଷ ଦେଖିବାକୁ ମଧ୍ୟ ମିଳୁଛି । ୭ ଅକ୍ଟୋବର ୨୦୨୩ରେ ଦକ୍ଷିଣ ଇସ୍ରାଏଲରେ ହମାସ ଆତଙ୍କବାଦୀ ଆକ୍ରମଣ କରିବା ପରେ ଇସ୍ରାଏଲ ଗାଜା ଉପରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଥିଲା । ହମାସ ଆତଙ୍କବାଦୀମାନେ ଇସ୍ରାଏଲ ଉପରେ ଆକ୍ରମଣ କରି ପ୍ରାୟ ୧୨୦୦ ଲୋକଙ୍କୁ ହତ୍ୟା କରିଥିଲେ ଏବଂ ୨୫୧ ଜଣଙ୍କୁ ବାନ୍ଧି ରଖିଥିଲେ ।

## ଟ୍ରେନ୍ ବଗିରେ ମହିଳାଙ୍କୁ ଗଣବଳାତ୍କାର

ପାନିପତ : ହରିୟାଣାର ପାନିପତ ରେଳ ଷ୍ଟେଶନରେ ଠିଆ ହୋଇଥିବା ଏକ ଟ୍ରେନ୍‌ର ଖାଲି ବଗିରେ ଜଣେ ୩୫ ବର୍ଷୀୟା ମହିଳାଙ୍କୁ ୩ ଜଣ ଅଭିଯୁକ୍ତ ଗଣବଳାତ୍କାର କରିଛନ୍ତି । ସେମାନେ ପୀଡ଼ିତାଙ୍କୁ ସୋନେପତ ନେଇ ରେଳ ଟ୍ରାକ୍‌ରେ ଫିଙ୍ଗି ଫେରାର ହୋଇଯାଇଥିଲେ । ସେହି ସମୟରେ ଏକ ଟ୍ରେନ୍ ମାଡ଼ିଯିବାରୁ ମହିଳାଙ୍କ ଗୋଡ଼ କଟିଯାଇଥିଲା । ତାଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତି କରାଯାଇଛି । ପୀଡ଼ିତାଙ୍କ ବୟାନ ଆଧାରରେ ପୋଲିସ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଖୋଜିବା ଜାରି ରଖିଛି । ମହିଳା ଜଣଙ୍କ ଗତ ୨୪ ତାରିଖରୁ ନିଖୋଜ ଥିଲେ । ଏନେଇ ୨୬ ତାରିଖରେ ତାଙ୍କ ସ୍ୱାମୀ ଥାନାରେ ଏତଲା ଦେଇଥିଲେ । ଘରୁ ଚାଲିଆସି ସେ ରେଳ ଷ୍ଟେଶନରେ ବସିଥିଲେ । ଏହି ସମୟରେ ଜଣେ ଅଜଣା ବ୍ୟକ୍ତି ତାଙ୍କ ସ୍ୱାମୀ କହିବାରୁ ଆସିଛନ୍ତି ବୋଲି କହି ତାଙ୍କ ବିଶ୍ୱାସ ଜିଣିଥିଲେ । ସ୍ୱାମୀଙ୍କ ପାଖରେ ନେଇ ଛାଡ଼ିଦେବାକୁ ଭରସା ଦେଇ ସେ ପୀଡ଼ିତାଙ୍କୁ ଏକ ଖାଲି ଟ୍ରେନ୍ ବଗି ମଧ୍ୟକୁ ନେଇ ଯାଇଥିଲେ ଏବଂ ସେଠାରେ ନିଜର ୨ ସହଯୋଗୀଙ୍କ ସହ ତାଙ୍କୁ ଗଣବଳାତ୍କାର କରିଥିଲେ ।

## ବାଗେଶ୍ୱର ଧାମରେ ବର୍ଷା ଯୋଗୁଁ ଭୁଶୁଡ଼ିଲା କାନ୍ଥ, ଜଣେ ମୃତ

ମଧ୍ୟପ୍ରଦେଶ : ମଧ୍ୟପ୍ରଦେଶ ଛତରପୁର ସ୍ଥିତ ବାଗେଶ୍ୱର ଧାମରେ ପୁଣି ଥରେ ଅଘଟଣ । ପ୍ରବଳ ବର୍ଷା ଯୋଗୁଁ ଏକ ଘରୋଇ ଢାବାର କାନ୍ଥ ଭୁଶୁଡ଼ି ପଡ଼ିବା ଯୋଗୁଁ ଜଣେ ଭକ୍ତଙ୍କ ମୃତ୍ୟୁ ଘଟିଛି । ଘଟଣାରେ ୧୨ ରୁ ଅଧିକ ଲୋକ ଆହତ ହୋଇଛନ୍ତି । ସମସ୍ତ ଆହତଙ୍କୁ ହସ୍ପିଟାଲରେ ଚିକିତ୍ସା କରାଯାଉଛି । ଛତରପୁର ସିଏମଏଚଓ ଆରପି ଗୁପ୍ତା କହିଛନ୍ତି, "ଆଜି ସକାଳେ ପ୍ରବଳ ବର୍ଷା ଯୋଗୁଁ ଏକ ଢାବାର କାନ୍ଥ ଭୁଶୁଡ଼ି ପଡ଼ିବା ଯୋଗୁଁ କିଛି ଭକ୍ତ ଆହତ ହୋଇଛନ୍ତି, ସେମାନଙ୍କୁ ହସ୍ପିଟାଲକୁ ଅଣାଯାଇଛି । ୧୨ ଜଣ ଆହତ ହୋଇଛନ୍ତି, ଜଣଙ୍କର ମୃତ୍ୟୁ ହୋଇଛି । ଆହତ ହୋଇଥିବା ବ୍ୟକ୍ତିଙ୍କ ଚିକିତ୍ସା ଚାଲିଛି । ବାଗେଶ୍ୱର ଧାମରେ ବୃଦ୍ଧି ପାଉଥିବା ଭିଡ଼ ଯୋଗୁଁ ପଣ୍ଡିତ ଧୀରେନ୍ଦ୍ର କୃଷ୍ଣ ଶାସ୍ତ୍ରୀ ଭକ୍ତମାନଙ୍କୁ ନିଜ ନିଜ ଘରେ ରହି ଗୁରୁ ପୂର୍ଣ୍ଣିମା ଉତ୍ସବ ପାଳନ କରିବାକୁ ଅନୁରୋଧ କରିଛନ୍ତି । ବାଗେଶ୍ୱର ଧାମରେ ଗୁରୁ ପୂର୍ଣ୍ଣିମା ମହୋତ୍ସବ ଅବସରରେ ଶ୍ରଦ୍ଧାଳୁଙ୍କ ଅତ୍ୟଧିକ ଭିଡ଼କୁ ଦୃଷ୍ଟିରେ ରଖି ପୀଠାଧୀଶ୍ୱର ଧୀରେନ୍ଦ୍ର କୃଷ୍ଣ ଶାସ୍ତ୍ରୀ ଭକ୍ତମାନଙ୍କୁ ଏହି ବିଶେଷ ନିବେଦନ କରିଛନ୍ତି । ସୂଚନାଯୋଗ୍ୟ, କିଛିଦିନ ପୂର୍ବରୁ ବାଗେଶ୍ୱର ଧାମ ପରିସରରେ ପ୍ରବଳ ବର୍ଷା ଯୋଗୁଁ ଏକ ଟେଂଟ ଭୁଶୁଡି ପଡିଥିଲା । ଫଳରେ ଏହା ତଳେ ଶୋଇଥିବା ଜଣେ ବ୍ୟକ୍ତିଙ୍କର ଜୀବନ ଚାଲିଯାଇଥିଲା । ଏହାକୁ ନେଇ ବାଗେଶ୍ୱର ବାବା କହିଥିଲେ, ଟେଂଟ ପୁରୁଣା ଜାଗାରେ ଲାଗିଥିଲା, ଆଉ ବର୍ଷାରୁ ବଂଚିବା ପାଇଁ ଲୋକମାନେ ଏହା ତଳେ ଠିଆ ହୋଇଥିଲେ । ସେମାନଙ୍କ ଉପରେ ଟେଂଟ ଭୁଶୁଡି ପଡିବାରୁ ଜଣଙ୍କର ଜୀବନ ଚାଲିଯାଇଥିଲା ।

## ପଦ୍ମନାଭସ୍ୱାମୀ ମନ୍ଦିରକୁ ମେଟା ଚଷମା ପିନ୍ଧି ଯାଇଥିଲେ ଗୁଜରାଟର ଜଣେ ବ୍ୟକ୍ତି, ପୋଲିସ କଲା ଗିରଫ

କେରଳ : କେରଳ ପଦ୍ମନାଭସ୍ୱାମୀ ମନ୍ଦିରରେ ମେଟା ଚଷମା ପିନ୍ଧି ଯାଇଥିବା ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି ପୋଲିସ । ଗୁଜରାଟର ମୂଳ ନିବାସୀ ସୁରେନ୍ଦ୍ର ଶାହଙ୍କୁ ସୁରକ୍ଷାକର୍ମୀ କ୍ୟାମେରା ଦେଖିବା ପରେ ଗିରଫ କରିନେଇଥିଲେ । ନିଷେଦ୍ଧ ଥିବା ଅଂଚଳରେ ଭିଡିଓ କରିବାକୁ ଚେଷ୍ଟା କରୁଥିଲେ । ଏଥିପାଇଁ ତାଙ୍କ ଉପରେ ମାମଲା ମଧ୍ୟ ରୁଜୁ ହୋଇଛି । ଖବର ମୁତାବକ, ରବିବାର ଜୁଲାଇ ୬ ସନ୍ଧ୍ୟାରେ ସୁରକ୍ଷାକୁ ଚକମା ଦେଇ ଭିତରକୁ ପଶିଯାଇଥିଲେ । କିନ୍ତୁ ଚଷମାରେ ଲାଗିଥିବା ଇମରଜେନ୍ସୀ ଲାଇଟ ଯୋଗୁଁ ସୁରକ୍ଷାକର୍ମୀଙ୍କ ଧ୍ୟାନ ଆକର୍ଷିତ କରିଥିଲା । ଯାଂଚ କରିବା ପରେ ଚଷମା ସାଧାରଣ ନଥିଲା ବୋଲି ଜଣାପଡିଥିଲା । ଏହାପରେ ବ୍ୟକ୍ତି ଜଣକୁ ଗିରଫ କରାଯାଇଥିଲା । ଗିରଫ ହୋଇଥିବା ବ୍ୟକ୍ତି ଜଣକ ନିଜ ପରିବାର ସହିତ ପଦ୍ମନାଭସ୍ୱାମୀ ମନ୍ଦିର ବୁଲିବାକୁ ଆସିଥିଲେ । କିନ୍ତୁ ମନ୍ଦିରର ନିୟମ ଉଲ୍ଲଙ୍ଘନ କରିବା ଅଭିଯୋଗରେ ତାଙ୍କୁ ଗିରଫ କରାଯାଇଛି । କ'ଣ ପାଇଁ ଓ କାହିଁକି ସେ ଏଭଳି ଚଷମା ପିନ୍ଧି ଆସିଥିଲେ, ତା'ର ଯାଂଚ କରାଯାଉଛି । ମେଟା ଗ୍ଲାସ ଇଓ ର ଉପଯୋଗ କରିଥାଏ ଏବଂ ପ୍ରଶ୍ନର ବାସ୍ତବିକ ଉତର ପ୍ରଦାନ କରିଥାଏ । ଏଥିରେ ଫଟୋ ନେବା ସହିତ ସୋସିଆଲ ମିଡିଆରେ ଲାଇଭ ଫଟୋ ଏବଂ ଭିଡିଓ ଶୋ କରିବାର ଏକ କ୍ୟାମେରା ରହିଛି । ଏହାକୁ ବ୍ୟବହାର କରୁଥିବା ଲୋକ କଲ୍ ଏବଂ ମେସେଜ କରିବା ପାଇଁ ଭଏସ କମାଣ୍ଡର ବ୍ୟବହାର କରିଥାଏ । । ଏହାର ଦାମ୍ ୩ ଲକ୍ଷ ପାଖାପାଖି ରହିଛି । ପଦ୍ମନାଭସ୍ୱାମୀ ମନ୍ଦିର ଭାରତର ସବୁଠାରୁ ପ୍ରସିଦ୍ଧ ଏବଂ ହିନ୍ଦୁ ମନ୍ଦିର ମଧ୍ୟରେ ଅନ୍ୟତମ । ଏହା ଭଗବାନ ବିଷ୍ଣୁଙ୍କ ପ୍ରତି ସମର୍ପିତ । ୨୦୧୧ରେ ସୁପ୍ରିମକୋର୍ଟ ଦ୍ୱାରା ଭଣ୍ଡାର ଖୋଲିବା ଏବଂ ଭିତରେ ଥିବା ଜିନିଷ ସୂଚୀ କରିବାକୁ କୁହାଯାଇଥିଲା ।

# ଭାରତ ବନ୍ଦ: ସାମିଲ ହେବେ ୨୫ କୋଟିରୁ ଅଧିକ ଶ୍ରମିକ

ନୂଆଦିଲ୍ଲୀ : ଆସନ୍ତାକାଲି (ବୁଧବାର) 'ଭାରତ ବନ୍ଦ' ଡାକରା ଦେଇଛନ୍ତି ବ୍ୟାଙ୍କ, ବୀମା, ଡାକ ସେବା, କୋଇଲା ମାଇନିଂ ଓ ଅନ୍ୟାନ୍ୟ କ୍ଷେତ୍ରରେ କାମ କରୁଥିବା ୨୫ କୋଟିରୁ ଅଧିକ ଶ୍ରମିକ । ୧୦ଟି କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ପକ୍ଷରୁ ମିଳିତ ଭାବେ ଏହି ବନ୍ଦ ଡାକରା ଦିଆଯାଇଛି । କେନ୍ଦ୍ର ସରକାରଙ୍କୁ ଶ୍ରମିକ ବିରୋଧୀ, କୃଷକ ବିରୋଧୀ ଓ କର୍ପୋରେଟ ସମର୍ଥକ କହି ସେମାନେ ଏହି ବନ୍ଦ ଡାକରା ଦେଇଛନ୍ତି ।

ଟ୍ରେଡ୍ ୟୁନିୟନଗୁଡ଼ିକର ନେତାମାନେ କହିଛନ୍ତି ଯେ ଏହି ବନ୍ଦ ଦ୍ୱାରା ବ୍ୟାଙ୍କ ଓ ଡାକ ସେବା ବ୍ୟାହତ ହେବ । କୋଇଲା ଖନନ ବନ୍ଦ ରହିବ । ବିଭିନ୍ନ ଫ୍ୟାକ୍ଟ୍ରୀ ଓ ସରକାରଙ୍କ ଦ୍ୱାରା ପରିଚାଳିତ ପରିବହନ ବ୍ୟବସ୍ଥା ପ୍ରଭାବିତ ହେବ । ଅଲ୍ ଇଣ୍ଡିଆ ଟ୍ରେଡ୍ ୟୁନିୟନ କଂଗ୍ରେସ (ଇଓଞ୍ଚଟଉ)ର ଅମରଜିତ କୌର କହିଛନ୍ତି, ଆମେ ସରକାରଙ୍କ ନିକଟରେ ୧୭ଟି ଦାବି ରଖିଥିଲୁ । କିନ୍ତୁ ସରକାର ସେଗୁଡ଼ିକୁ ପୂରଣ କରି ନାହାନ୍ତି । ଏମିତିକି ଗତ ୧୦ ବର୍ଷରେ ଥରୁଟିଏ ମଧ୍ୟ ବାର୍ଷିକ ଶ୍ରମିକ ସମ୍ମିଳନୀର ଆୟୋଜନ କରିନାହାନ୍ତି ।



ଟ୍ରେଡ୍ ୟୁନିୟନଗୁଡ଼ିକ କହିଛନ୍ତି ଯେ ସଂସଦରେ ଯେଉଁ ୪ଟି ନୂଆ ଲେବର କୋଡ୍ ପାରିତ ହୋଇଛି, ସେଥିରେ ଶ୍ରମିକମାନଙ୍କ ଅଧିକାରକୁ ଅଣଦେଖା କରାଯାଇଛି । ଶ୍ରମିକମାନେ ଯେପରି ଆନ୍ଦୋଳନ କରିନପାରିବେ ସେ ଦିଗରେ ପଦକ୍ଷେପ ନିଆଯାଇଛି । କାର୍ଯ୍ୟ ସମୟକୁ ବଢ଼ାଇ ଦିଆଯାଇଛି । ଶ୍ରମ ଆଇନ ଉଲ୍ଲଂଘନ କଲେ ନିଯୁକ୍ତିଦାତାଙ୍କୁ ଦଣ୍ଡରୁ ରକ୍ଷା କରିବାକୁ ବ୍ୟବସ୍ଥା କରାଯାଇଛି । ଏହା ସହିତ ପବ୍ଲିକ ସେକ୍ଟରଗୁଡ଼ିକର ଘରୋଇକରଣ, ଚାକିରିରେ ଆଉଟସୋର୍ସିଂ ଓ ଠିକା ଶ୍ରମିକଙ୍କ ଉପଯୋଗକୁ ସେମାନେ ବିରୋଧ କରୁଛନ୍ତି । କାରଣ ଏହା ସେମାନଙ୍କ ଚାକିରିର ସୁରକ୍ଷା ଓ ନ୍ୟାଯ୍ୟ ମଜୁରୀ ପ୍ରତି ବିପଦ ସୃଷ୍ଟି କରୁଛି ବୋଲି ସେମାନେ ଦାବି କରିଛନ୍ତି । ସଂଯୁକ୍ତ କିଷାନ ମୋର୍ଚ୍ଚା ଓ କୃଷି ଶ୍ରମିକ ସଂଗଠନଗୁଡ଼ିକର ମିଳିତ ସାମ୍ମୁଖ୍ୟ ଏହି ଧର୍ମଘଟକୁ ସମର୍ଥନ କରିଛି ଏବଂ ଗ୍ରାମାଂଚଳରେ ବଡ଼ ଧରଣର ପ୍ରତିବାଦ ଆୟୋଜନ କରିବାକୁ ଯୋଜନା କରିଛି । ୨୦୨୦, ୨୦୨୨ ଓ ୨୦୨୪ରେ ଦେଶ ବ୍ୟାପୀ ଆନ୍ଦୋଳନ କରାଯାଇଥିବା ବେଳେ ସେଥିରେ ଲକ୍ଷ ଲକ୍ଷ ଶ୍ରମିକ ସାମିଲ ହୋଇଥିଲେ । ଆସନ୍ତାକାଲି ହେବାକୁ ଥିବା ବନ୍ଦ ଯୋଗୁ ବ୍ୟାଙ୍କ ଓ ପରିବହନ ସେବା ବାଧାପ୍ରାପ୍ତ ହେବାର ସମ୍ଭାବନା ରହିଛି । ତେବେ ସ୍କୁଲ, କଲେଜ ଓ ଘରୋଇ ଅଫିସଗୁଡ଼ିକ ଖୋଲା ରହିବ । ଯେହେତୁ ଶ୍ରମିକମାନେ ବିକ୍ଷୋଭ ପ୍ରଦର୍ଶନ କରିବେ, ସେଥିପାଇଁ ପରିବହନ ବ୍ୟବସ୍ଥା ପ୍ରଭାବିତ ହେବାର ସମ୍ଭାବନା ରହିଛି । ଖବର ଲେଖାଯିବା ପର୍ଯ୍ୟନ୍ତ ଦେଶ ବ୍ୟାପୀ ରେଳ ସେବା ବନ୍ଦ ନେଇ ଟ୍ରେଡ୍ ୟୁନିୟନଗୁଡ଼ିକର କୌଣସି ଯୋଜନା ନଥିବା ବେଳେ ରେଳ ଷ୍ଟେସନଗୁଡ଼ିକରେ ବିକ୍ଷୋଭ ହେବାକୁ ଥିବାରୁ ରେଳ ସେବା ପ୍ରଭାବିତ ହୋଇପାରେ ବୋଲି କୁହାଯାଉଛି ।

ଭୁବନେଶ୍ୱର, ବୁଧବାର,୦୯ ଜୁଲାଇ ୨୦୨୫
Bhubaneswar, Wednesday, 09 July, 2025
ମଇଦାନ୍
ମହାଭାରତ
ଏଇ ମାଟିରେ ଯୋଡୁଛି ନୂଆ ସମ୍ମାନ


# ଯୌନ ଶୋଷଣ ମାମଲାରେ ଫସିଲେ ଯଶ ଦୟାଲ

## ଲାଗିଲା ଗୁରୁତର ଅଭିଯୋଗ



ନୂଆଦିଲ୍ଲୀ,୮।୭: ଗାଜିଆବାଦର ଜଣେ ମହିଳା ଉତ୍ତର ପ୍ରଦେଶ ଏବଂ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ଦ୍ରୁତ ବୋଲର ଯଶ ଦୟାଲଙ୍କ ବିରୋଧରେ ଗମ୍ଭୀର ଅଭିଯୋଗ ଆଣିଛନ୍ତି। ଏହା ଏକ ସାଧାରଣ ଅଭିଯୋଗ ନୁହେଁ, ବରଂ ଭାବପ୍ରବଣ ଠକେଇ, ମାନସିକ ନିର୍ଯ୍ୟାତନା, ଯୌନ ଶୋଷଣ ଏବଂ ବିବାହର ମିଥ୍ୟା ପ୍ରତିଶ୍ରୁତି ଭଳି ଅଭିଯୋଗ, ଯାହା ଏବେ ଆଇନର ଯାଞ୍ଚ ଅଧୀନରେ ଅଛି। ଗାଜିଆବାଦର ଇନ୍ଦିରାପୁରମ ଥାନା ଅଞ୍ଚଳର ଜଣେ ଯୁବତୀଙ୍କ ଅଭିଯୋଗ ଉପରେ ଏକ ଏଫଆଇଆର ମଧ୍ୟ ରୁଜୁ କରାଯାଇଛି। ଗାଜିଆବାଦର ବାସିନ୍ଦା ପୀଡିତା ଦାବି କରିଛନ୍ତି ଯେ ସେ ଗତ ପାଞ୍ଚ ବର୍ଷ ଧରି ଯଶ ଦୟାଲଙ୍କ ସହ ସମ୍ପର୍କରେ ଥିଲେ।

ଏହି ପାଞ୍ଚ ବର୍ଷ ମଧ୍ୟରେ, ସେ କେବଳ ଯଶ ଦୟାଲଙ୍କୁ ନୁହେଁ ବରଂ ତାଙ୍କ ସମଗ୍ର ପରିବାରକୁ ବିଶ୍ୱାସ କରିଥିଲେ, କାରଣ ଯଶ ତାଙ୍କୁ ତାଙ୍କ ପରିବାର ସହିତ ପରିଚିତ କରାଇଥିଲେ ଏବଂ ପରିବାର ତାଙ୍କୁ 'ବୋହୂ' ଭାବରେ ମଧ୍ୟ ଗ୍ରହଣ କରିଥିଲେ। ଏସବୁ ସ୍ୱପ୍ନ ପରି ମନେ ହେଉଥିଲା, କିନ୍ତୁ ହୁଏତ ଏହା ସ୍ୱପ୍ନ ନୁହେଁ, ବରଂ ଏକ ମିଥ୍ୟା ପ୍ରତିଶ୍ରୁତି ଥିଲା। ଏଫଆଇଆର ଅନୁଯାୟୀ, 'ସେହି ବ୍ୟକ୍ତି ମୋତେ ଭାବପ୍ରବଣ, ମାନସିକ ଏବଂ ଶାରୀରିକ ନିର୍ଯ୍ୟାତନା ଦେଇଥିଲେ। ସେ ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ବର୍ଷ ବର୍ଷ ଧରି ମୋ ସହିତ ସମ୍ପର୍କ ରଖିଥିଲେ ଏବଂ ସ୍ୱାମୀ ପରି ବ୍ୟବହାର କରୁଥିଲେ, ଯାହା ମୋର ବିଶ୍ୱାସକୁ ଆହୁରି ଗଭୀର କରିଥିଲା।'

ମହିଳା ଜଣକ ଅନୁଭବ କଲେ ଯେ ଏସବୁ ମିଥ୍ୟା ପ୍ରତିଶ୍ରୁତି ଥିଲା, ତା'ପରେ ସେ ପ୍ରତିବାଦ କଲେ ଏବଂ ସତ୍ୟ ଜାଣିବାକୁ ଚେଷ୍ଟା କଲେ। ତା'ପରେ ତାଙ୍କୁ ଶାରୀରିକ ହିଂସା ଏବଂ ମାନସିକ ନିର୍ଯ୍ୟାତନାର ସମ୍ମୁଖୀନ ହେବାକୁ ପଡିଲା।

ପୀଡିତା ଯଶଙ୍କ ବିରୁଦ୍ଧରେ ଗମ୍ଭୀର ଅଭିଯୋଗ ଆଣିଛନ୍ତି ଏବଂ ଦାବି କରିଛନ୍ତି ଯେ କ୍ରିକେଟରଙ୍କର ଅନ୍ୟ ଅନେକ ମହିଳାଙ୍କ ସହିତ ମଧ୍ୟ ସମ୍ପର୍କ ରହିଛି। ଯୁବତୀ ଜଣକ କହିଛନ୍ତି ଯେ ତାଙ୍କ ପାଖରେ ଯଶଙ୍କ ବିରୁଦ୍ଧରେ ଯଥେଷ୍ଟ ଡିଜିଟାଲ ପ୍ରମାଣ ଅଛି, ଯେଉଁଥିରେ ଚାଟ, ସ୍କ୍ରିନସଟ ଏବଂ ଭିଡିଓ କଲର ରେକର୍ଡ ଅନ୍ତର୍ଭୁକ୍ତ। ପୀଡିତା ଏହା ମଧ୍ୟ କହିଛନ୍ତି ଯେ ଏହି ପ୍ରମାଣଗୁଡ଼ିକ ତାଙ୍କର ଅଭିଯୋଗକୁ ସମ୍ପୂର୍ଣ୍ଣ ପ୍ରମାଣିତ କରିପାରିବ ଏବଂ ତଦନ୍ତରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିପାରିବ।

ସୂଚନାଯୋଗ୍ୟ, ମହିଳା ଜଣକ ଜୁନ ୧୪ରେ ମହିଳା ହେଲ୍ପଲାଇନ ନମ୍ବର ୧୮୧ କୁ ଫୋନ କରିଥିଲେ, କିନ୍ତୁ ସ୍ଥାନୀୟ ପୋଲିସ ଷ୍ଟେସନରେ ତାଙ୍କ ମାମଲା ଆଗକୁ ବଢ଼ିପାରିଲା ନାହିଁ। ଏହା ପରେ, ତାଙ୍କୁ ନ୍ୟାୟ ପାଇଁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଆବେଦନ କରିବାକୁ ବାଧ୍ୟ କରାଯାଇଥିଲା।

ଏହି ସମ୍ପୂର୍ଣ୍ଣ ମାମଲାରେ, ଭାରତୀୟ ନ୍ୟାୟ ସଂହିତାର ଧାରା ୬୯ ଅନୁଯାୟୀ ଯଶ ଦୟାଲଙ୍କ ବିରୁଦ୍ଧରେ ଏକ ମାମଲା ରୁଜୁ କରାଯାଇଛି। ଏହି ଧାରା ମିଥ୍ୟା ପ୍ରତିଶ୍ରୁତି ଉପରେ ଆଧାରିତ ଯୌନ ଶୋଷଣ ଏବଂ ଠକେଇକୁ ଅପରାଧ ବର୍ଗରେ ରଖେ। ଯଦି ଅଭିଯୋଗ ପ୍ରମାଣିତ ହୁଏ, ତେବେ ୧୦ ବର୍ଷ ପର୍ଯ୍ୟନ୍ତ ଦଣ୍ଡର ବ୍ୟବସ୍ଥା ଅଛି।

# ଇଂଲଣ୍ଡ ଟିମ୍‌ରେ ପରିବର୍ତ୍ତନ



ଲଣ୍ଡନ,୮।୭: ବ୍ରେଣ୍ଡନ ମ୍ୟାକକୁଲମ ଓ ବେନ ଷ୍ଟୋକ୍ସଙ୍କ ବାଜବଲ ଯୁଗର ଟେଷ୍ଟରେ ଇଂଲଣ୍ଡକୁ ବଡ଼ ଝଟକା ଲାଗିଛି। ବାଜବଲ ବା ଦ୍ରୁତଗତିରେ ଟେଷ୍ଟ କ୍ରିକେଟ ଖେଳିବା ତଥା ଡ୍ର ପାଇଁ ନ ଯାଇ ସବୁବେଳେ ବିଜୟର ପିଛା କରିବା ଏହି ନୀତି ଆପଣାଇ ଇଂଲଣ୍ଡ ପ୍ରଥମ ଟେଷ୍ଟ ଜିତି ନେଇଥିଲା। କିନ୍ତୁ ଦ୍ୱିତୀୟ ଟେଷ୍ଟରେ ଇଂଲଣ୍ଡ ମାଟି କାମୁଡ଼ିଛି।

ଭାରତ ଦେଇଥିବା ୬୦୮ ରନ ଟାର୍ଗେଟକୁ ପିଛା କରିବା ବଦଳରେ ଇଂଲଣ୍ଡ ମ୍ୟାଚ୍‌କୁ ଡ୍ର କରିବାକୁ ପୂରା ଚେଷ୍ଟା କରି ଥିଲା ୫୯ ବର୍ଷ ଭିତରେ ଭାରତ ଏଜବାଷ୍ଟନରେ ନ ଜିତିବା ଓ ଏହା ଇଂଲଣ୍ଡର ଅନ୍ୟତମ ଗଡ଼ ହୋଇଥିବାରୁ ବେନ ଷ୍ଟୋକ୍ସ ଟସ୍ ଜିତି ବେଧଡ଼କ ଅନ୍ଦାଜରେ ବୋଲିଂ ନେଇ ଯାଇଥିଲେ। କିନ୍ତୁ ଭାରତୀୟ ବୋଲରଙ୍କ ଆଗରେ ଇଂଲଣ୍ଡର ବ୍ୟାଟର ଅଧିକ ସମୟ ତିଷ୍ଠି ପାରି ନଥିଲେ।

ଏବେ ଏଜବାଷ୍ଟନରେ ଭାରତ ଠାରୁ ଇଂଲଣ୍ଡ ଧୂଳି ଚାଟିଥିବାରୁ ଲର୍ଡସ ଉପରେ ସମସ୍ତଙ୍କ ନଜର ରହିଛି। ଆସନ୍ତା ୧୦ ତାରିଖରୁ ଲର୍ଡସରେ ତୃତୀୟ ଟେଷ୍ଟ ଆରମ୍ଭ ହେବ। ସ୍ଥିତି ୧-୧ରେ ଥିବାରୁ ଇଂଲଣ୍ଡ ତାର ସ୍କ୍ୱାଡରେ ବଡ଼ ପରିବର୍ତ୍ତନ କରିଛି। ଇଂଲଣ୍ଡ ବୋଲରଙ୍କୁ ଦ୍ୱିତୀୟ ଟେଷ୍ଟରେ ଭାରତୀୟ ବ୍ୟାଟର ପ୍ରବଳ ଧୂଳେଇ କରିଥିଲେ।ଏଥିପାଇଁ ଇଂଲଣ୍ଡ ସ୍କ୍ୱାଡରେ ଆଉ ଜଣେ ଅଭିଜ୍ଞ ବୋଲରଙ୍କୁ ସାମିଲ କରିଛି। ଲର୍ଡସ ଟେଷ୍ଟ ପୂର୍ବରୁ ଇଂଲଣ୍ଡ ସ୍କ୍ୱାଡରେ ସାମିଲ ହୋଇଛନ୍ତି ଦ୍ରୁତ ବୋଲର ଗସ ଅଟକିନସନ।ବର୍ତ୍ତମାନର ବୋଲିଂ ୟୁନିଟ ଉପରେ ପଡୁଥିବା ଚାପକୁ ଦୂର କରିବା ପାଇଁ ଅଟକିନସନଙ୍କୁ ସ୍କ୍ୱାଡରେ ସାମିଲ କରାଯାଇଛି। ୨୭ ବର୍ଷୀୟ ଅଟକିନସନ ଜିମ୍ବାୱେ ବିପକ୍ଷ ମେ ମାସରେ ଖେଳା ଯାଉଥିବା ଟେଷ୍ଟରେ ଆହତ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ସେବେଠାରୁ ସେ ସ୍କ୍ୱାଡ ବାହାରେ ଥିବା ବେଳେ ଏବେ ଜାତୀୟ ଟିମ୍‌କୁ କମବ୍ୟାକ କରିଛନ୍ତି। ୨ ଦିନର ଗ୍ୟାପ ପରେ ତୃତୀୟ ଟେଷ୍ଟ ଆରମ୍ଭ ହେବ। ପ୍ରଥମ ଦୁଇ ଟେଷ୍ଟରେ ଇଂଲଣ୍ଡ ୨୩୪ ଓଭର ପଡ଼ିଆରେ ବିତାଇଥିବାରୁ ଚୂଡ଼ାନ୍ତ ଏକାଦଶରେ ପରିବର୍ତ୍ତନ ଜରୁରୀ।ବ୍ରାୟଣ୍ଡନ କାର୍ସେ, ଜୋଶ ଟଙ୍ଗ ଓ କ୍ରିସ ୱୋକ୍ସ ମିଳିତ ଭାବେ ଦୁଇଟି ଟେଷ୍ଟରେ ୭୫ ଓଭର ବୋଲିଂ କରିଛନ୍ତି।କିନ୍ତୁ ଭାରତ ବେଶ ଚମତ୍କାର ଢଙ୍ଗରେ ନିଜ ବୋଲରଙ୍କୁ ବ୍ୟବହାର କରିବା ସହ ଯଶପ୍ରୀତ ବୁମ୍ରାଙ୍କୁ ବିଶ୍ରାମ ଦେବାକୁ ମଧ୍ୟ ସକ୍ଷମ ହୋଇଛି।ଜୋଫ୍ରା ଆର୍ଚର, ସାମ କୁକ ଓ ଜାମି ଓଭରଟନଙ୍କ ଭଳି ଫ୍ରେଶ ପେସ ବ୍ୟାଟରୀଙ୍କ ସହ ଏବେ ଅଟକିନସନ ଯୋଡ଼ି ହୋଇଯାଇଛନ୍ତି। ଦ୍ୱିତୀୟ ଟେଷ୍ଟ ପୂର୍ବରୁ ଇଂଲଣ୍ଡ ଆର୍ଚରଙ୍କୁ ସ୍କ୍ୱାଡରେ ସାମିଲ କରିଥିଲା। କିନ୍ତୁ ଚୂଡ଼ାନ୍ତ ଏକାଦଶରୁ ତାଙ୍କ ବାଦ ଦେଇଥିଲା ।ଏବେ ସ୍ଥିତି ଯାହା ରହିଛି, ଇଂଲଣ୍ଡ ପାଇଁ ଆର୍ଚର ଲର୍ଡସରେ କମବ୍ୟାକ କରିବେ। ଶେଷ ଥର ପାଇଁ ସେ ୨୦୨୧ ଫେବୃଆରୀରେ ଇଂଲଣ୍ଡ ପାଇଁ ଭାରତ ବିପକ୍ଷରେ ନଜର ଆସିଥିଲେ। ସେବେଠାରୁ ତାଙ୍କୁ ଆହତ ସମସ୍ୟା ଦେଇ ଗତି କରିବାକୁ ପଡ଼ିଥିଲା ।ତାଙ୍କ ସହ ଇଂଲଣ୍ଡ ପେସ ବୋଲିଂର କମାଣ ଲର୍ଡସରେ କାହା ହାତରେ ରହୁଛି, ତା ଉପରେ ସମସ୍ତଙ୍କ ନଜର ରହିଛି।

# ସେପ୍ଟେମ୍ବରରୁ ଓସିଏ ପ୍ରୋ ଟ୍ୱେଣ୍ଟି-୨୦ ଲିଗ୍






କଟକ,୮।୭: ଓଡ଼ିଶା କ୍ରିକେଟ୍ ସଂଘ (ଓସିଏ) ପକ୍ଷରୁ ଫ୍ରାଞ୍ଚାଇଜ୍ ଆଧାରିତ ଟ୍ୱେଣ୍ଟି-୨୦ ପ୍ରତିଯୋଗିତା ଓଡ଼ିଶା ପ୍ରୋ ଟ୍ୱେଣ୍ଟି-୨୦ ଲିଗ୍ (ଓପିଟିଏଲ୍) ଚଳିତ ବର୍ଷ ସେପ୍ଟେମ୍ବର ମାସରୁ ଆରମ୍ଭ ହେବ। ଏଥିରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ୬ଟି ଦଳ ଅଂଶଗ୍ରହଣ କରିବେ। ଏହି ପ୍ରତିଯୋଗିତାର ସଫଳ ପରିଚାଳନା ପାଇଁ ଆରିଭା ସ୍ପୋର୍ଟସ୍ ସହିତ ସହଭାଗିତାରେ ଓସିଏ କାର୍ଯ୍ୟ କରିବ। ଆରିଭା ସ୍ପୋର୍ଟସ୍ ପୂର୍ବରୁ ପଶ୍ଚିମବଙ୍ଗ, ବିଦର୍ଭ ଓ ସୌରାଷ୍ଟ୍ରରେ ଏହି ଭଳି ପ୍ରତିଯୋଗିତା ସଫଳତାର ସହ ଆୟୋଜନ କରିଥିବାରୁ ଓସିଏ ଏହାକୁ ସହଯୋଗୀ ଭାବେ ଗ୍ରହଣ କରିଛି। ଆରିଭା ସ୍ପୋର୍ଟସ ସହପ୍ରତିଷ୍ଠାତା ରଜନୀଶ ଚୋପ୍ରା କହିଛନ୍ତି, ଓସିଏ ପକ୍ଷରୁ ଓଡ଼ିଶାରେ ଅନୁଷ୍ଠିତ ଏଭଳି ପ୍ରତିଯୋଗିତା ଭବିଷ୍ୟତରେ ରାଜ୍ୟ କ୍ରିକେଟ୍ ବିକାଶର ମାଇଲଖୁଣ୍ଟ ସାଜିବ। ରାଜ୍ୟରେ ତୃଣମୂଳସ୍ତରରୁ କ୍ରିକେଟ୍‌ର ବିକାଶ, କ୍ରିକେଟ୍ ପ୍ରତିଭାଙ୍କୁ ଲୋକଲୋଚନକୁ ଆଣିବା ସହ ଖେଳାଳିଙ୍କୁ ଉଚ୍ଚସ୍ତରୀୟର ପ୍ରତିଯୋଗିତା ଯୋଗାଇବା ଓପିଟିଏଲ୍‌ର ମୂଳ ଲକ୍ଷ୍ୟ ବୋଲି କହିଛନ୍ତି ଓସିଏ ସଂପାଦକ ସଞ୍ଜୟ ବେହେରା ।

ପ୍ରଥମ ଥର ପାଇଁ ହେବାକୁ ଥିବା ଓପିଟିଏଲ୍‌କୁ ସଫଳ କରିବା ପାଇଁ ଓସିଏ ଆପେକ୍ସ କାଉନସିଲ୍ ବୈଠକରେ ଶ୍ରୀ ବେହେରା କହିଲେ ଯେ, ଓପିଟିଏଲ୍‌ର ସଫଳ ରୂପାୟନ ଦ୍ୱାରା ଓଡ଼ିଶା କ୍ରିକେଟ୍‌ରେ ସକାରାତ୍ମକ ପରିବର୍ତ୍ତନ ଘଟିବା ସହ ରାଜ୍ୟରେ ଉଚ୍ଚ ପ୍ରତିଭା ସଂପନ୍ନ କ୍ରିକେଟ୍ ଖେଳାଳି ସୃଷ୍ଟି ହେବେ। ଏହି ବୈଠକରେ ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି, ଉପସଭାପତି ଜଗମୋହନ ପଟ୍ଟନାୟକ, ଯୁଗ୍ମସଂପାଦକ ପ୍ରଭାତ କୁମାର ଭୋଳ, କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ଆପେକ୍ସ କାଉନ୍‌ସିଲ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ, ରାକେଶ ମହାନ୍ତି ଓ ଗୀତା ସାମନ୍ତରାୟ ପ୍ରମୁଖ ଉପସ୍ଥିତ ରହି ଓପିଟିଏଲର ସଫଳ ଆୟୋଜନ ପାଇଁ ଆଲୋଚନା କରିଥିଲେ।

ଓପିଟିଏଲ୍‌କୁ ସଠିକ୍ ଢଙ୍ଗରେ କାର୍ଯ୍ୟକାରିତା କରିବା ପାଇଁ ଓସିଏ ବିଭିନ୍ନ ସଂଗଠନ ବା ସଂସ୍ଥାମାନେ ଫ୍ରାଞ୍ଚାଇଜ୍ ନେବାକୁ ଆଗେଇ ଆସିବାକୁ ଆମନ୍ତ୍ରଣ କରିଛି ଫ୍ରାଞ୍ଚାଇଜ୍ ରାଇଟ୍ ପାଇବା ପାଇଁ ଜୁଲାଇ ୭ରୁ ଜୁଲାଇ ୧୩ ତାରିଖ ପର୍ଯ୍ୟନ୍ତ ଓସିଏ ୱେବସାଇଟ୍ www.odishacricket.in ରେ ସମସ୍ତ ତଥ୍ୟ ଉପଲବ୍ଧ ହେବ। ଆଗ୍ରହୀ ସଂସ୍ଥାମାନେ ଏକ୍ସପ୍ରେସନ୍ ଅଫ୍ ଇଣ୍ଟରେଷ୍ଟ ଗାଇଡ୍‌ଲାଇନ୍ ଅନୁସାରେ ଆବେଦନ କରିବେ ଓ ଯୋଗ୍ୟତା ଆଧାରରେ ଫ୍ରାଞ୍ଚାଇଜ୍ ରାଇଟ୍ ପ୍ରଦାନ କରାଯିବ। ପ୍ରତିଯୋଗିତାର କାର୍ଯ୍ୟସୂଚୀ, ଦଳ ଗଠନ ଓ ବ୍ୟବସାୟିକ ସହଯୋଗିତା ବିଷୟରେ ପରବର୍ତ୍ତୀ ସମୟରେ ଓସିଏ ପକ୍ଷରୁ ପ୍ରକାଶ କରାଯିବ ବୋଲି ଆପେକ୍ସ କାଉନସିଲ୍ ବୈଠକରେ ଚୂଡ଼ାନ୍ତ ହୋଇଛି।

# ମୁମ୍ବାଇ ଛାଡ଼ିଲେ ପୃଥ୍ୱୀ ସ



ମୁମ୍ବାଇ,୮।୭: କ୍ରିକେଟ ଆସୋସିଏସନ ଠାରୁ ବିଧିବଦ୍ଧ ଭାବେ ଅଲଗା ହୋଇଛନ୍ତି ଯୁବ ବ୍ୟାଟର ପୃଥ୍ୱୀ ଶ। ଆସନ୍ତା ଘରୋଇ ସିଜିନରୁ ସେ ମହାରାଷ୍ଟ୍ର କ୍ରିକେଟ ଆସୋସିଏସନ ବା ଏମସିଏ ପକ୍ଷରୁ ଖେଳିବେ। ପୃଥ୍ୱୀ ଶଙ୍କ ଏପରି ଦଳ ବଦଳ ମହାରାଷ୍ଟ୍ରକୁ ଅଧିକ ସଶକ୍ତ କରିବେ ବୋଲି ଆଶା ପ୍ରକାଶ ପାଇଛି। ପୃଥ୍ୱୀ ଏକଦା ଭାରତୀୟ ଟେଷ୍ଟ, ଟି-୨୦ ଓ ଦିନିକିଆ। ଦଳରେ ସୁଯୋଗ ପାଇଥିଲେ।

ତାଙ୍କ ବ୍ୟାଟିଂ ଶୈଳୀ ସମସ୍ତଙ୍କୁ ପ୍ରଭାବିତ କରିଥିଲା। ଆଇପିଏଲରେ ମଧ୍ୟ ସେ କମାଲ କରିଥିଲେ। କିନ୍ତୁ ସମୟକ୍ରମେ ତାଙ୍କ ପ୍ରଦର୍ଶନ ହ୍ରାସ ପାଇଥିଲା। କ୍ରିକେଟ ପ୍ରତି ତାଙ୍କର ନିଷ୍ଠା ଆଉ ରହି ନଥିଲା। ଏଥିପାଇଁ ସେ ଧୀରେଧୀରେ ସାଇଡଲାଇନ ହୋଇଯାଇଥିଲେ। ଏବେ ସେ ପୁଣି କମବ୍ୟାକ କରିବାକୁ ନଜର ରଖିଛନ୍ତି ଏଥିପାଇଁ ମହାରାଷ୍ଟ୍ର ପକ୍ଷରୁ ନିଜର ନୂଆ। ଇନିଂସ ଆରମ୍ଭ କରିବାକୁ ଚାହୁଁଛି ପୃଥ୍ୱୀ।

୨୦୧୮ରେ ପୃଥ୍ୱୀଙ୍କ ନେତୃତ୍ୱରେ ଭାରତ ଅଣ୍ଡର ୧୯ ବିଶ୍ୱକପ ଜିତିଥିଲା। ପ୍ରଥମ ଶ୍ରେଣୀ କ୍ରିକେଟରେ ପୃଥ୍ୱୀ ୧୩ଟି ଶତକ ସହ ୪୫୦୦ରୁ ଅଧିକ ରନ କରିଛନ୍ତି। ପୃଥ୍ୱୀ ମୁମ୍ବାଇ ଛାଡ଼ିବା ସମ୍ପର୍କରେ କହିଛନ୍ତି, ମୋ କ୍ୟାରିୟରର ବର୍ତ୍ତମାନ ପର୍ଯ୍ୟାୟରେ ମୁଁ ବିଶ୍ୱାସ ରଖିଛି ଯେ ମହାରାଷ୍ଟ୍ର ଟିମ ମୋତେ ଆଗକୁ ନେବାରେ ସହାୟକ ହେବ। ବିଗତ ବର୍ଷ ଧରି ମୋତେ ମିଳିଥିବା ସମର୍ଥନ ଓ ସୁଯୋଗ ପାଇଁ ମୁଁ ମୁମ୍ବାଇ କ୍ରିକେଟ ଆସୋସିଏସନକୁ କୃତଜ୍ଞତା ଜଣାଉଛି ।ମହାରାଷ୍ଟ୍ର କ୍ରିକେଟ ଆସୋସିଏସନନ ଏବେ ପୂରା ରାଜ୍ୟରେ କ୍ରିକେଟ ଭିତ୍ତିଭୂମିରେ ଉନ୍ନତି ଆଣିବାକୁ ଉଲ୍ଲେଖନୀୟ ପଦକ୍ଷେପ ସବୁ ନେଇଛି।

ମହାରାଷ୍ଟ୍ର ପ୍ରିମିୟର ଲିଗ, ମହିଳା ଏମମିପିଏଲ, କର୍ପୋରେଟ ସ୍ଲିଡ ଓ ଡିବି ଦେଓଧର ଟୁର୍ଣ୍ଣାମେଣ୍ଟ ଆଦି ଆସୋସିଏସନର ଦୂରଦୃଷ୍ଟିକୁ ପ୍ରଦର୍ଶନ କରୁଛି ଏଭଳି ଏକ ସଂସ୍ଥା ସହ ଯୋଡ଼ି ହେଲେ ଏହା ନିଶ୍ଚିତ ମୋ କ୍ୟାରିୟର ଉପରେ ସକାରାତ୍ମକ ପ୍ରଭାବ ପକାଇବ ବୋଲି ମୋର ବିଶ୍ୱାସ ଋତୁରାଜ ଗାଏକ୍‌ୱାଡ, ଅଙ୍କିତ ବାନେ, ରାହୁଲ ତ୍ରିପାଠୀ, ରାଜେଶ ଗୁରବାନୀ ଓ ମୁକେଶ ଚୌଧୁରୀଙ୍କ ଭଳି ଖେଳାଳିଙ୍କ ଖେଳିବାକୁ ମୁଁ ସୁଯୋଗ ପାଇବି। ମହାରାଷ୍ଟ୍ର କ୍ରିକେଟ ଆସୋସିଏସନ ପକ୍ଷରୁ ପୃଥ୍ୱୀ ଶଙ୍କୁ ସ୍ୱାଗତ କରାଯାଇଛି। ଆଗାମୀ ରଣଜୀ ଋତୁରୁ ଶ ମହାରାଷ୍ଟ୍ର ପାଇଁ ଖେଳିବେ।

# ଗିଲ୍‌ଙ୍କ ନିକଟରେ ବଡ଼ ସୁଯୋଗ



ନୂଆଦିଲ୍ଲୀ,୮।୭: ଭାରତୀୟ ଟେଷ୍ଟ ଟିମର ନୂଆ। କ୍ୟାପ୍ଟେନ ଶୁବମନ ଗିଲ ବେଶ ଦମଦାର ଢଙ୍ଗରେ ତାଙ୍କ ଡେବ୍ୟୁ ସିରିଜ ଆରମ୍ଭ କରିଛନ୍ତି। ଇଂଲଣ୍ଡ ବିପକ୍ଷ ପ୍ରଥମ ଦୁଇ ଟେଷ୍ଟରେ ତାଙ୍କ ବ୍ୟାଟରୁ ବାହାରିଛି ବଡ଼ ବଡ଼ ଶତକ। ଗିଲ ପ୍ରଥମ ଟେଷ୍ଟରେ ଶତକ ହାସଲ କରିଥିଲେ ହେଁ ଭାରତ ହାରି ଯାଇଥିଲା। କିନ୍ତୁ ଦ୍ୱିତୀୟ ଟେଷ୍ଟରେ ଗିଲ ଏକାକୀ ୪୩୦(ପ୍ରଥମ ଇନିଂସରେ ୨୬୯ ଓ ଦ୍ୱିତୀୟ ଇନିଂସରେ ୧୬୧) କରିବାରୁ ଏବେ ସିରିଜ ୧-୧ ସ୍ଥିତିକୁ ଚାଲି ଆସିଛି।

ଗିଲ ୨ଟି ମ୍ୟାଚ୍‌ର ୪ ଇନିଂସରେ ୫୮୫ ରନ କରି ସାରିଲେଣି। ତେଣୁ ଟେଷ୍ଟ କ୍ରିକେଟ ଇତିହାସରେ ନୂଆ। ରେକର୍ଡ କରିବାର ଅତି ନିକଟରେ ଏବେ ସେ ପହଞ୍ଚି ଯାଇଛନ୍ତି। କିମ୍ବଦନ୍ତୀ କ୍ରିକେଟର ସୁନୀଲ ଗାଭାସ୍କର ଓ ଡନ ବ୍ରାଡମ୍ୟାନଙ୍କୁ ଅତିକ୍ରମ କରିବାର ସୁଯୋଗ ତାଙ୍କ ପାଖରେ ରହିଛି। କୌଣସି ଟେଷ୍ଟ ସିରିଜରେ ସର୍ବାଧିକ ରନ କରିଥିବା ଭାରାତୀୟଙ୍କ ମଧ୍ୟରେ ଗାଭାସ୍କର ୧ନଂ ସ୍ଥାନରେ ରହିଛନ୍ତି ୧୯୭୦/୭୧ରେ ଭାରତର ଐତିହାସିକ ୪ ମ୍ୟାଚ୍ ବିଶିଷ୍ଟ ୱେଷ୍ଟଇଣ୍ଡିଜ ବିପକ୍ଷ ସିରିଜରେ ଗାଭାସ୍କର ୭୭୪ ରନ କରିଥିଲେ। ଗାଭାସ୍କରଙ୍କ ବ୍ୟାଟିଂ ହାର ୧୫୪.୮୦ ରହିଥିଲା।

ସେହିପରି କୌଣସି ଟେଷ୍ଟରେ ସର୍ବାଧିକ ରନ କରିଥିବା ବିଶ୍ୱ ଖେଳାଳିଙ୍କ ତାଲିକାର ୧ନଂ ସ୍ଥାନରେ ଡନ ବ୍ରାଡମ୍ୟାନ ରହିଛନ୍ତି। ୧୯୩୦ରେ ଅଷ୍ଟ୍ରେଲିଆ। ଯେତେବେଳେ ଇଂଲଣ୍ଡ ଗସ୍ତ କରିଥିଲା ସେତେବେଳେ ବ୍ରାଡମ୍ୟାନ ୫ଟି ଟେଷ୍ଟରେ ୯୭୪ ରନ କରିଥିଲେ। ତାଙ୍କ ବ୍ୟାଟିଂ ହାର ୧୩୯.୧୪ ରହିଥିଲା। ଏହି ସିରିଜରେ ବ୍ରାଡମ୍ୟାନଙ୍କ ବ୍ୟାଟରୁ ଐତିହାସିକ ୩୩୪ ରନର ଇନିଂସ ଦେଖିବାକୁ ମିଳିଥିଲା।

ଇଂଲଣ୍ଡ ବିପକ୍ଷ ୨ଟି ଟେଷ୍ଟରେ ଗିଲ ୫୮୫ ରନ କରି ସାରିଛନ୍ତି।ଏବେ ବି ଆଉ ୩ଟି ମ୍ୟାଚ୍ ବାକି ରହିଛି। ତେଣୁ ଗିଲ ଉଭୟ ଗାଭାସ୍କର ଓ ବ୍ରାଡମ୍ୟାନଙ୍କୁ ଅତିକ୍ରମ କରିବେ ବୋଲି ଆଶା କରାଯାଉଛି। କ୍ରିକେଟ ପଣ୍ଡିତମାନେ ମଧ୍ୟ ଗିଲ ଇଂଲଣ୍ଡ ସିରିଜରେ ୧ ହଜାର ରନ କରି ପୂରା ବିଶ୍ୱରେ ନୂଆ। ଉଦାହରଣ ସୃଷ୍ଟି କରିବେ ବୋଲି ପୂର୍ବାନୁମାନ କରିଛନ୍ତି।

# ବଢ଼ିଲା ଆଇପିଏଲ୍‌ର ଭାଲ୍ୟୁଏସନ

## ଶୀର୍ଷରେ ଆରସିବି

ମୁମ୍ବାଇ,୮।୭: ଭାରତୀୟ ପ୍ରିମିୟର ଲିଗ୍ (ଆଇପିଏଲ)ର ବ୍ୟବସାୟିକ ମୂଲ୍ୟ ୧୨.୯ ପ୍ରତିଶତ ବୃଦ୍ଧି ପାଇ ୧୮.୫ ବିଲିୟନ ଡଲାର (ପ୍ରାୟ ୧.୫୬ ଟ୍ରିଲିୟନ ଟଙ୍କା)ରେ ପହଞ୍ଚିଛି ବୋଲି ବିଶ୍ୱସ୍ତରୀୟ ନିବେଶ ବ୍ୟାଙ୍କ ହୌଲିହାନ ଲୋକେଙ୍କ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଏହି ରିପୋର୍ଟ ଅନୁଯାୟୀ, ଆଇପିଏଲର ସ୍ୱତନ୍ତ୍ର ବ୍ରାଣ୍ଡ ମୂଲ୍ୟ ଗତ ବର୍ଷ ତୁଳନାରେ ୧୩.୮ ପ୍ରତିଶତ ବୃଦ୍ଧି ପାଇ ୩.୯ ବିଲିୟନ ଡଲାର (ପ୍ରାୟ ୩୨,୭୨୧ କୋଟି ଟଙ୍କା)ରେ ପହଞ୍ଚିଛି।

ରିପୋର୍ଟରେ ଆଇପିଏଲର ବୃଦ୍ଧି ପାଉଥିବା ଆକର୍ଷଣ ଉପରେ ଜୋର ଦିଆଯାଇଛି। ଭାରତୀୟ କ୍ରିକେଟ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ) ଚାରୋଟି ସହଯୋଗୀ ପ୍ରାୟୋଜକ ସ୍ଲଟ – My11Circle, Angel One, RuPay, CEAT – ବିକ୍ରି କରି ୧,୪୮୫ କୋଟି ଟଙ୍କା ଆୟ କରିଛି, ଯାହା ପୂର୍ବ ଚକ୍ର ତୁଳନାରେ ୨୫ ପ୍ରତିଶତ ଅଧିକ। ଏହା ସହିତ ଟାଟା ଗ୍ରୁପ ସହିତ ୨୦୨୮ ପର୍ଯ୍ୟନ୍ତ ପାଞ୍ଚ ବର୍ଷିଆ ଟାଇଟଲ ପ୍ରାୟୋଜକ ଚୁକ୍ତି ୩୦୦ ମିଲିୟନ ଡଲାର (ପ୍ରାୟ ୨,୫୦୦ କୋଟି ଟଙ୍କା)ରେ ସମ୍ପ୍ରସାରିତ ହୋଇଛି।

ଫ୍ରାଞ୍ଚାଇଜି ମୂଲ୍ୟାୟନ କ୍ଷେତ୍ରରେ, ୨୦୨୫ର ଚାମ୍ପିୟନ ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ୨୬୯ ମିଲିୟନ ଡଲାର ବ୍ରାଣ୍ଡ ମୂଲ୍ୟ ସହ ଶୀର୍ଷ ସ୍ଥାନ ଦଖଲ କରିଛି, ଯାହା ଗତ ବର୍ଷ ୨୨୭ ମିଲିୟନ ଡଲାର ଥିଲା। ମୁମ୍ବାଇ ଇଣ୍ଡିଆନ୍ସ (ଏମଆଇ) ୨୦୪ ମିଲିୟନ ଡଲାରରୁ ୨୪୨ ମିଲିୟନ ଡଲାର ହୋଇ ଦ୍ୱିତୀୟ ସ୍ଥାନରେ ରହିଛି। କିନ୍ତୁ, ଚେନ୍ନାଇ ସୁପର କିଙ୍ଗ୍ସ (ସିଏସକେ) ୨୩୫ ମିଲିୟନ ଡଲାର ବ୍ରାଣ୍ଡ ମୂଲ୍ୟ ସହ ତୃତୀୟ ସ୍ଥାନକୁ ଖସି ଆସିଛି। ରିପୋର୍ଟ ଅନୁଯାୟୀ, ପଞ୍ଜାବ କିଙ୍ଗ୍ସ (ପିବିକେଏସ) ଗତ ବର୍ଷ ତୁଳନାରେ ୩୯.୬ ପ୍ରତିଶତ ବୃଦ୍ଧି ସହ ସର୍ବାଧିକ ବାର୍ଷିକ ବୃଦ୍ଧି ହାସଲ କରିଛି।

ଦର୍ଶକ ସଂଖ୍ୟା କ୍ଷେତ୍ରରେ, ୨୦୨୫ ଆଇପିଏଲ ଫାଇନାଲ ଜିଓ ହଟଷ୍ଟାରରେ ୬୭.୮ କୋଟିରୁ ଅଧିକ ଭ୍ୟୁ ରେକର୍ଡ କରିଛି, ଯାହା ୨୦୨୫ ଚାମ୍ପିୟନ୍ସ ଟ୍ରଫିରେ ଭାରତ-ପାକିସ୍ତାନ ମ୍ୟାଚ୍‌ଠାରୁ ଅଧିକ।

ହୌଲିହାନ ଲୋକେଙ୍କ ଆର୍ଥିକ ଓ ମୂଲ୍ୟାୟନ ପରାମର୍ଶ ନିର୍ଦ୍ଦେଶକ ହର୍ଷ ତାଲିକୋଟି କହିଛନ୍ତି, "ଆଇପିଏଲ କ୍ରୀଡ଼ା ବ୍ୟବସାୟରେ ମାନଦଣ୍ଡ ସ୍ଥାପନ କରୁଛି। ଫ୍ରାଞ୍ଚାଇଜି ମୂଲ୍ୟାୟନ ଅଭୂତପୂର୍ବ ଉଚ୍ଚତାରେ ପହଞ୍ଚିଛି, ମିଡିଆ ଅଧିକାର ଚୁକ୍ତି ରେକର୍ଡ ସ୍ତରରେ ରହିଛି ଏବଂ ବ୍ରାଣ୍ଡ ସହଭାଗୀତା ବିଭିନ୍ନ କ୍ଷେତ୍ରରେ ବିସ୍ତାରିତ ହୋଇଛି।" ଆଇପିଏଲ ୨୦୨୫ର ଏହି ସଫଳତା ଏହାର ବିଶ୍ୱସ୍ତରୀୟ କ୍ରୀଡ଼ା ବ୍ୟବସାୟ ଭାବେ ସ୍ଥିତିକୁ ଆହୁରି ଦୃଢ଼ କରିଛି।

# ଦିଲ୍ଲୀ ପ୍ରିମିୟର ଲିଗ୍‌ରେ କୋହଲିଙ୍କ ଭଣଜା

ନୂଆଦିଲ୍ଲୀ,୭।୭: ଦିଲ୍ଲୀ ପ୍ରିମିୟର ଲିଗ ୨୦୨୫ ଅଗଷ୍ଟ ପ୍ରଥମ ସପ୍ତାହରେ ଆରମ୍ଭ ହେବ। ଏହାର ପ୍ରାୟ ଗୋଟିଏ ମାସ ପୂର୍ବରୁ ନିଲାମ ହୋଇଥିଲା। ଯେଉଁଥିରେ ଈଶାନ୍ତ ଶର୍ମା, ରିଷଭ ପନ୍ତ ଏବଂ ଓଟଖ ୨୦୨୫ ଷ୍ଟାର ଖେଳାଳି ଦିଗବେଶ ରାଠି ସାମିଲ ଥିଲେ। ୨୦୨୪ ସିଜିନ ତୁଳନାରେ, ଉଟଖ ୨୦୨୫ରେ ୬ ବଦଳରେ ଆଠଟି ଦଳ ଖେଳିବେ। ଏଥର ଲିଗରେ ଦୁଇଟି ନୂତନ ଦଳ ଯୋଡା ଯାଇଛି। ନିଲାମ ପ୍ରକ୍ରିୟା ନୂଆଦିଲ୍ଲୀରେ କରାଯାଇଥିଲା ଏବଂ ସମସ୍ତ ଦଳ ବହୁତ ଟଙ୍କା ଖର୍ଚ୍ଚ କରିଥିଲେ। ନିଲାମରେ ପ୍ରତ୍ୟେକ ଦଳ ୧.୫ କୋଟି ଟଙ୍କା ଖର୍ଚ୍ଚ କରିଥିଲା।

୭୦ କୋଟି ଟଙ୍କାର ମୂଲ୍ୟାଙ୍କନ ସହିତ, ଉଟଖ ଭାରତର ଦ୍ୱିତୀୟ ସବୁଠାରୁ ଧନୀ ଲିଗ ପାଲଟିଛି। ଉଟଖ ୨୦୨୫ ନିଲାମରେ ନୀତିଶ ରାଣା ଏବଂ ସିମରଜିତ ସିଂହଙ୍କ ଭଳି ଖେଳାଳିଙ୍କ ଉପରେ ସର୍ବାଧିକ ବିଡ ଲଗାଯାଇଥିଲା। ଉଟଖ ୨୦୨୫ରେ ସାମିଲ ୮ଟି ଦଳର ନାମ ହେଉଛି ସେଣ୍ଟ୍ରାଲ ଦିଲ୍ଲୀ କିଙ୍ଗସ, ପଶ୍ଚିମ ଦିଲ୍ଲୀ ଲାୟନ୍ସ, ଆଉଟର ଦିଲ୍ଲୀ ୱାରିୟର୍ସ, ନୂଆଦିଲ୍ଲୀ ଟାଇଗର୍ସ, ଦକ୍ଷିଣ ଦିଲ୍ଲୀ ସୁପରଷ୍ଟାର୍ସ, ପୁରୁଣା ଦିଲ୍ଲୀ ୬, ପୂର୍ବ ଦିଲ୍ଲୀ ରାଇଡର୍ସ ଏବଂ ଉତ୍ତର ଦିଲ୍ଲୀ ଷ୍ଟ୍ରାଇକର୍ସ।

ଦିଲ୍ଲୀ ପ୍ରିମିୟର ଲିଗ ୨୦୨୫ ନିଲାମରେ ବିକ୍ରି ହୋଇଥିବା ସବୁଠାରୁ ମହଙ୍ଗା ଖେଳାଳି ଥିଲେ ସିମରଜିତ ସିଂହ। ଏହି ଭାରତୀୟ ଦ୍ରୁତ ବୋଲରଙ୍କୁ ସେଣ୍ଟ୍ରାଲ ଦିଲ୍ଲୀ କିଙ୍ଗସ ୩୯ ଲକ୍ଷ ଟଙ୍କାରେ କିଣିଥିଲା। ଦ୍ୱିତୀୟ ସବୁଠାରୁ ମହଙ୍ଗା ଖେଳାଳି ଥିଲେ ଦିଗବେଶ ରାଠି, ଯାହାକୁ ଦକ୍ଷିଣ ଦିଲ୍ଲୀ ସୁପରଷ୍ଟାର୍ସ ୩୮ ଲକ୍ଷ ଟଙ୍କାରେ କିଣିଥିଲା। ତୃତୀୟ ସବୁଠାରୁ ମହଙ୍ଗା ଖେଳାଳି ଥିଲେ ନୀତିଶ ରାଣା, ଯାହାକୁ ପଶ୍ଚିମ ଦିଲ୍ଲୀ ଲାୟନ୍ସ ୩୪ ଲକ୍ଷ ଟଙ୍କାରେ କିଣିଥିଲା।

ଉଟଖ ୨୦୨୫ ନିଲାମର ଚତୁର୍ଥ ସବୁଠାରୁ ମହଙ୍ଗା ଖେଳାଳି ଥିଲେ ଦ୍ରୁତ ବୋଲର ପ୍ରିନ୍ସ ଯାଦବ, ଯାହାଙ୍କ ଉପରେ ନ୍ୟୁ ଦିଲ୍ଲୀ ଟାଇଗର୍ସ ୩୩ ଲକ୍ଷ ଟଙ୍କାରେ ନିଲାମ ଲଗାଇଥିଲା। ପଞ୍ଚମ ସବୁଠାରୁ ମହଙ୍ଗା ଖେଳାଳି ଥିଲେ ମୟଙ୍କ ରାୱତ, ଯାହାଙ୍କ ଉପରେ ପୂର୍ବ ଦିଲ୍ଲୀ ରାଇଡର୍ସ ଜଞ୍ଜଗ କାର୍ଡ ଖେଳି ୨୬ ଲକ୍ଷ ଟଙ୍କା ନିଲାମ ଲଗାଇଥିଲା।

ଭାରତର କିମ୍ବଦନ୍ତୀ ଦ୍ରୁତ ବୋଲର ଇଶାନ୍ତ ଶର୍ମାଙ୍କୁ ୧୩ ଲକ୍ଷ ଟଙ୍କାରେ ନିଲାମ ଦିଆଯାଇଥିଲା ଏବଂ ତାଙ୍କୁ ପଶ୍ଚିମ ଦିଲ୍ଲୀ ଲାୟନ୍ସ ଦଳରେ ସାମିଲ କରିଥିଲା। ଆରସିବିର ଷ୍ଟାର ସ୍ପିନର ସୁୟାଶ ଶର୍ମାଙ୍କୁ ଆଉଟର ଦିଲ୍ଲୀ ୱାରିୟର୍ସ ୧୫ ଲକ୍ଷ ଟଙ୍କାରେ କିଣିଥିଲା। ବିରାଟ କୋହଲିଙ୍କ ଭଣଜା ଆର୍ଯ୍ୟବୀର କୋହଲିଙ୍କୁ ୧ ଲକ୍ଷ ଟଙ୍କାରେ ଦକ୍ଷିଣ ଦିଲ୍ଲୀ ସୁପରଷ୍ଟାର୍ସ ଦଳରେ ସାମିଲ କରାଯାଇଥିଲା।

# ପାରା ବ୍ୟାଡ୍‌ମିଣ୍ଟନରେ ବ୍ରୋଞ୍ଜ ଜିତିଲେ ଆକାଶ

ଭବାନୀପାଟଣା,୮।୭: ଉଗାଣ୍ଡାଠାରେ ଗତ ଜୁଲାଇ ପହିଲାରୁ ଚାଲିଥିବା ଆନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୧୦ ଦେଶର ଶହେ ଜଣ ଖେଳାଳି ଭାଗ ନେଇଥିଲେ। ସେଥିମଧ୍ୟରୁ ଭାରତ ପାଇଁ ପ୍ରତିନିଧିତ୍ୱ କରି କଳାହାଣ୍ଡିର ଯୁବ ବ୍ୟାଡ୍‌ମିଣ୍ଟନ ଖେଳାଳି ଆକାଶ ରଞ୍ଜନ ମୁଣ୍ଡ ଅସୁସ୍ଥତା ହୋଇ ମଧ୍ୟ ଉତ୍ତମ ପ୍ରଦର୍ଶନ କରି ଚମକିଛନ୍ତି। ସେ ଏସ୍‌ଏଲ୍ -୩ ପୁରୁଷ ସିଙ୍ଗଲରେ ବ୍ରୋଞ୍ଜ ପଦକ ହାସଲ କରିବାରେ ସକ୍ଷମ ହୋଇଛନ୍ତି। ଏହି ସଫଳତା ପରେ ଜିଲାର ବିଭିନ୍ନ ମହଲରୁ ତାଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିଛି।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ